بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 28

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12 ଜୁଲାଇ 2018 12 ୱଫା 1397 ହି.ଶ 27 ଶୱାଲ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

رَبَّنَاۤ اٰتِنَا فِی الدُّنۡیَا حَسَنَۃً
وَّفِی الۡاٰخِرَۃِ حَسَنَۃً
وَّقِنَا عَذَابَ النَّارِ

(202: سورۃ البقرۃ)

ଅନୁବାଦ - ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀରେ ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର ।

(ସୁରା ବକ୍ରା : ୨୦୨)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବକୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ଯେଉଁ ବ୍ୟକ୍ତି ମିଛ ଏବଂ ପ୍ରବଂଚନାକୁ ପରିତ୍ୟାଗ କରୁନାହିଁ ସେ ମଧ୍ୟ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସାଂସାରିକ ମୋହ ମାୟାରେ ଫସି ରହିଛି ଏବଂ ପରକାଳ ଆଡ଼କୁ ଆଖି ଉଠାଇ ଦେଖୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପ୍ରକୃତରେ ଦୀନ୍‌କୁ ଦୁନିଆ ଉପରେ ପ୍ରାଧାନ୍ୟ ଦେଉନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପାଂଚବେଳା ନମାଜର ଆବଶ୍ୟକତାକୁ ସୁନିଶ୍ଚିତ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ଦୁଆ (ପ୍ରାର୍ଥନା)ରେ ମନୋନିବେଶ କରୁନାହିଁ ଓ ବିନମ୍ରତାର ସହିତ ଖୁଦାଙ୍କୁ ସ୍ମରଣ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ ।

**କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ**

ଏହା ଭାବନାହିଁ ଯେ ଆମେ ବାହ୍ୟ ରୂପେ ବୟତ କରିନେଲୁ ବୋଲି । ବାହ୍ୟ କିଛି ବସ୍ତୁ ନୁହେଁ । ଖୁଦା ତୁମର ହୃଦୟକୁ ଦେଖୁଛନ୍ତି ଓ ତଦନୁଯାୟି ତୁମ ସହିତ ବ୍ୟବହାର କରିବେ । ଦେଖ ମୁଁ ଏହା କହି ମୋ କର୍ତ୍ତବ୍ୟ ସମ୍ପାଦନ କରୁଛି ଯେ ପାପ ହେଉଛି ଏକ ଜହର, ତାକୁ ଖାଅ ନାହିଁ । ଅଲ୍ଲାଃଙ୍କ ଅବଜ୍ଞା କରିବା ଏକ ଖରାପ ମୃତ୍ୟୁ ସଦୃଶ, ସେଥିରୁ ବଂଚ, ଦୁଆ କର । ଫଳତଃ ତୁମକୁ ଶକ୍ତି ମିଳିବ । ଯେଉଁ ବ୍ୟକ୍ତି ଦୁଆ ସମୟରେ ଖୁଦାଙ୍କୁ ପ୍ରତ୍ୟେକ ଶକ୍ତିର ଆଧାର ବୋଲି ମନେ କରୁନାହିଁ, ପ୍ରତିଶୃତି ଥିଲେ ମଧ୍ୟ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ମିଛ ଏବଂ ପ୍ରବଂଚନାକୁ ପରିତ୍ୟାଗ କରୁନାହିଁ ସେ ମଧ୍ୟ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସାଂସାରିକ ମୋହ ମାୟାରେ ଫସି ରହିଛି ଏବଂ ପରକାଳ ଆଡ଼କୁ ଆଖି ଉଠାଇ ଦେଖୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପ୍ରକୃତରେ ଦୀନ୍‌କୁ ଦୁନିଆ ଉପରେ ପ୍ରାଧାନ୍ୟ ଦେଉନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟେକ ଦୁରାଚାରଠାରୁ ଓ ପ୍ରତ୍ୟେକ କୁକର୍ମରୁ ଅର୍ଥାତ୍- ମଦ, ଜୁଆ, ଖରାପ ନଜର୍, ବିଶ୍ୱାସ ଘାତକତା, ଲାଂଚ ଓ ପ୍ରତ୍ୟେକ ଅନୁଚିତ କର୍ଯ୍ୟ କଳାପରୁ ତୌବା କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପାଂଚବେଳା ନମାଜର ଆବଶ୍ୟକତାକୁ ସୁନିଶ୍ଚିତ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ଦୁଆ (ପ୍ରାର୍ଥନା)ରେ ମନୋନିବେଶ କରୁନାହିଁ ଓ ବିନମ୍ରତାର ସହିତ ଖୁଦାଙ୍କୁ ସ୍ମରଣ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି କୁସଙ୍ଗକୁ ପରିତ୍ୟାଗ କରୁନାହିଁ, ଯିଏ ତା ଉପରେ କୁପ୍ରଭାବ ପକାଉଛି ସେ ମୋର ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ମା ବାପାଙ୍କର ସମ୍ମାନ କରୁନାହିଁ ଓ ସାଧାରଣ ନିର୍ଦ୍ଦେଶରେ ଯାହା କୋରାନ୍‌ର ଖିଲାଫ୍ ନୁହେଁ, ତାଙ୍କ କଥା ମାନୁନାହିଁ ଏବଂ ତାଙ୍କର ଯଥା ସମ୍ଭବ ସେବା କରିବାରେ ଯତ୍ନବାନ ନୁହେଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ନମ୍ର ବ୍ୟବହାର ଓ ଉପକାର କରେ ନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀଙ୍କୁ ଛୋଟ ଛୋଟ ପୁଣ୍ୟ କାର୍ଯ୍ୟରୁ ନିବୃତ ରଖେ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ଦୋଷୀର ଦୋଷ କ୍ଷମା କରିବାକୁ ଚାହେଁ ନାହିଁ ଓ ଇର୍ଶାପରାୟଣ ରହେ ସେ ମୋ ଯମାତ ଭିତରେ ନାହିଁ । ପ୍ରତ୍ୟେକ ସ୍ୱାମୀ ଯିଏ ସ୍ତ୍ରୀ ସହିତ କିମ୍ୱା ସ୍ତ୍ରୀ ସ୍ୱାମୀଙ୍କ ସହିତ ବିଶ୍ୱାସଘାତ କରୁଛି ସେ ମୋ ଯମାତ ଭିତରେ ନାହିଁ । ସେ ବ୍ୟକ୍ତି ଯିଏ ଉକ୍ତ ପ୍ରତିଶୃତିକୁ ଯାହାକୁ ସେ ବୟତ ସମୟରେ କରିଥିଲା କୌଣସି ପାର୍ଶ୍ୱରୁ ଭଙ୍ଗକରେ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ବାସ୍ତବିକ ମତେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ରୂପେ ବିବେଚନା କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସାଧାରଣତଃ ମୋ ଆଦେଶ ଗୁଡିକୁ ପାଳନ କରିବା ପାଇଁ ପ୍ରସ୍ତୁତ ନୁହେଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ବିରୋଧୀଙ୍କ ଗୋଷ୍ଠୀରେ ବସୁଛି ଏବଂ ତାଙ୍କ ହଁ ରେ ହଁ ମାରୁଛି ସେ ମୋ ଯମାତ ଭିତରେ ନାହିଁ । ପ୍ରତ୍ୟେକ ବ୍ୟଭିଚାରି, ଦୁରାଚାରି, ଅବଜ୍ଞାକାରୀ ମଦ୍ୟପ, ହତ୍ୟାକାରୀ, ଚୋର, ଜୁଆଳି, ବିଶ୍ୱାସଘାତକ (କପଟି), ଭ୍ରଷ୍ଟ, ଅପହର୍ତ୍ତା, ଅତ୍ୟାଚାରି, ମିଥ୍ୟାଭାଷି, ଛଳ ବ୍ୟକ୍ତି ଓ ତାଙ୍କର ସାଙ୍ଗ ସାଥି ଓ ନିଜ ଭାଇ ଭଉଣୀଙ୍କ ଉପରେ ମିଥ୍ୟାରୋପ ଲଗାଉଥିବା ବ୍ୟକ୍ତି, ଯିଏ ନିଜର ନିନ୍ଦିତ କାର୍ଯ୍ୟରୁ ତୌବା କରୁନାହିଁ ଏବଂ ଖରାପ ଗୋଷ୍ଠୀକୁ ପରିତ୍ୟାଗ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ, ଏହା ସବୁ ହେଉଛି ଜହର । ତୁମେ ଏହି ବିଷ ଗୁଡିକୁ ଖାଇ କୌଣସି ମତେ ବଂଚିପାରିବ ନାହିଁ । ଅନ୍ଧାର ଓ ଆଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ଜଟିଳ ସ୍ୱଭାବ ରଖିଥାଏ ଏବଂ ଖୁଦାଙ୍କ ସହିତ ସ୍ୱଷ୍ଟ ନୁହେଁ ସେ ସେହି ବର୍‌କତ୍‌କୁ କଦାପି ପାଇପାରିବ ନାହିଁ ଯାହା ଖୋଲା ହୃଦୟକୁ ମିଳିଥାଏ । କେଡ଼େ ସୌଭାଗ୍ୟଶାଳୀ ଅଟନ୍ତି ସେ ବ୍ୟକ୍ତି ଯେଉଁମାନେ ନିଜ ମନକୁ ସଫା ରଖିଥାନ୍ତି ଏବଂ ନିଜ ହୃଦୟକୁ ପ୍ରତ୍ୟେକ ଅନିର୍ମଳତାରୁ ପବିତ୍ର କରିଥାନ୍ତି, ନିଜ ଖୁଦାଙ୍କ ସହିତ ନିଷ୍ଠାପର ପ୍ରତିଜ୍ଞା କରିଥାନ୍ତି କାରଣ ସେମାନ କଦାପି ନଷ୍ଟ ହେବେନାହିଁ । ଖୁଦା ତାଙ୍କୁ କେବେ ଅପମାନିତ କରିବେ ନାହିଁ । କାରଣ ସେ ଖୁଦାଙ୍କର, ଖୁଦା ହେଉଛନ୍ତି ତାଙ୍କର । ତାଙ୍କୁ ପ୍ରତ୍ୟେକ ବିପତି ସମୟରେ ବଂଚାଇ ଦିଆଯିବ । ସେ ଶତୃ ହେଉଛି ମୁର୍ଖ ଯିଏ ତାଙ୍କ ପଛରେ ପଡ଼େ, କାରଣ ସେ ଖୁଦାଙ୍କ କୋଳରେ ଅଛନ୍ତି ଏବଂ ଖୁଦା ତାଙ୍କ ସାହାଯ୍ୟରେ ଥାଆନ୍ତି । କିଏ ଖୁଦାଙ୍କ ଉପରେ ଇମାନ୍ (ବିଶ୍ୱାସ) ଆଣିଛି ? କେବଳ ସେ ଯିଏ ଏହିପରି ଅଟେ । ସେହିପରି ସେ ବ୍ୟକ୍ତି ମଧ୍ୟ ମୁର୍ଖ ଯିଏ ଏକ ଧୃଷ୍ଟ, ପାପ, ଖଳ ଓ ଦୁର୍ଜନ ସ୍ୱଭାବର ଚିନ୍ତାରେ ମଗ୍ନ ଥାଏ । କାରଣ ସେ ନିଜେ ହଲାକ୍ (ନିଃଶେଷ) ହେବ । ଯେବେଠାରୁ ଖୁଦା ଆକାଶ ଓ ପୃଥିବୀକୁ ସର୍ଜନା କଲାଣି କଦାପି ଏପରି ସଂଯୋଗ ହୋଇନାହିଁ ଯେ ସେ ପୁଣ୍ୟବାନ୍ ବ୍ୟକ୍ତିଙ୍କୁ ନିଃଶେଷ ଓ ଧ୍ୱସ୍ତ କରିଥିବେ ବରଂ ସେ ତାଙ୍କ ପାଇଁ ବଡ଼ ବଡ଼ କାଯ୍ୟ କରିଆସିଛନ୍ତି । ବର୍ତ୍ତମାନ ମଧ୍ୟ ତାହା କରି ଦେଖାଇବେ । ସେ ଖୁଦା ଅତ୍ୟନ୍ତ ବିଶ୍ୱାସ ଯୋଗ୍ୟ ଖୁଦା ଅଟନ୍ତି ନିଷ୍ଠାବାନ୍ ବ୍ୟକ୍ତିଙ୍କ ନିମନ୍ତେ ତାଙ୍କର ବିଚିତ୍ର କାର୍ଯ୍ୟ ପ୍ରକାଶ ହୋଇଥାଏ । ଦୁନିଆ ଚାହୁଁଥାଏ ଯେ ତାକୁ ଖାଇଦେବ ଓ ପ୍ରତ୍ୟେକ ଶତୃ ତାଙ୍କ ଉପରେ ଗରଗର ହୁଏ । କିନ୍ତୁ ସେ ଯେ ବାସ୍ତବିକ ତାଙ୍କର ବନ୍ଧୁ ଅଟନ୍ତି ପ୍ରତ୍ୟେକ ବିନାଶ ସ୍ଥାନରୁ ତାଙ୍କୁ ବଂଚାଇଥାନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ବିଜୟ ପ୍ରଦାନ କରିଥାନ୍ତି । କେଡ଼େ ପୁଣ୍ୟବାନ୍ ବ୍ୟକ୍ତି ସେ ଯିଏ ଏପରି ଖୁଦାଙ୍କ କାନିକୁ ଛାଡ଼େ ନାହିଁ । ଆମେ ତା ଉପରେ ବିଶ୍ୱାସ ଆଣିଛୁ ଏବଂ ଆମେ ତାକୁ ଚିହ୍ନିଛୁ । ସମଗ୍ର ସଂସାରର ପ୍ରଭୁ ହେଉଛନ୍ତି ସେ ଯିଏ ମୋ ଉପରେ ୱହି (ଐଶ୍ୱରିକ ବାଣୀ) ଅବତୀର୍ଣ୍ଣ କରୁଛନ୍ତି, ଯିଏ ମୋ ପାଇଁ ଶକ୍ତିଶାଳୀ ନିଦର୍ଶନ ଦେଖାଇଛନ୍ତି ଓ ଯିଏ ମୋତେ ଏ ଯୁଗ ନିମନ୍ତେ ମସିହ୍ ମଉଦ୍ ରୂପେ ପ୍ରେରଣ କରିଛନ୍ତି । ତାଙ୍କ ବ୍ୟତୀତ ଆଉ କେହି ଖୁଦା ନାହାଁନ୍ତି ନା ଆକାଶରେ ନା ପୃଥିବୀରେ । ଯେଉଁ ବ୍ୟକ୍ତି ତା ଉପରେ ବିଶ୍ୱାସ ଆଣୁନାହିଁ ସେ ସୌଭାଗ୍ୟରୁ ବଂଚିତ ଓ ବିଭିନ୍ନ ଅଡୁଆରେ ବନ୍ଧା ହୋଇଛି । ଆମେ ଆମ ଖୁଦାଙ୍କର ୱହିକୁ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ପାଇଛୁ । ଆମେ ତାଙ୍କୁ ଦେଖିସାରିଛୁ ଯେ ସେ ସଂସାରର ଖୁଦା ଅଟନ୍ତି । ତାଙ୍କ ବ୍ୟତୀତ ଆଉ କେହି ନୁହେଁ । କେଡ଼େ କାଦିର୍ (ପ୍ରଭୁତ୍ୱଶାଳୀ) ଓ କେଡ଼େ କୟୁମ (ଯିଏ ସ୍ୱୟଂ ପ୍ରତିଷ୍ଠିତ ଓ ସମସ୍ତଙ୍କର ପ୍ରତିଷ୍ଠାତା) ହେଉଛନ୍ତି ସେ ଇଶ୍ୱର ଯାହାକୁ ଆମେ ପାଇସାରିଛୁ ଓ କେତେ ଶକ୍ତିଶାଳୀ ସାମର୍ଥ୍ୟର ପ୍ରଭୁ ସେ ଯାହାକୁ ଆମେ ଦେଖିସାରିଛୁ । ସତ୍ୟ ହେଉଛି ଏହା ଯେ ତାଙ୍କ ପାଇଁ କୌଣସି ବିଷୟବସ୍ତୁ ଅପ୍ରତ୍ୟାଶିତ ନୁହେଁ । କିନ୍ତୁ ସେହି ବିଷୟ ଅପ୍ରତ୍ୟାଶିତ ଯାହା ତାଙ୍କ ପୁସ୍ତକ ଓ ବଚନର ବିରୋଧି ହୋଇଥାଏ । ତେଣୁ ଯେତେବେଳେ ତୁମେ ଦୁଆ କରିବ ତାହା ସେହି ନିର୍ବୋଧ (ଭୌତିକବାଦୀ) ଙ୍କ ପରି କରନାହିଁ । ଯିଏ ନିଜ ମନରୁ ଏକ ପ୍ରକାର ପ୍ରାକୃତିକ ନିୟମ ଗଢ଼ିଛନ୍ତି ଯାହା ଉପରେ ଅଲ୍ଲାଃଙ୍କ ପୁସ୍ତକର ମୋହର ନାହିଁ । କାରଣ ତାହା ମର୍‌ଦୁଦ୍ (ଅଧମ) ଅଟେ । ସେମାନଙ୍କ ଦୁଆ କଦାପି ଗୃହୀତ ହେବନାହିଁ କାରଣ ସେମାନେ ଅନ୍ଧ ନୁହଁନ୍ତି କି ବଧିର ନୁହଁନ୍ତି । ସେମାନେ ମୃତ ନୁହଁନ୍ତି କି ଜୀବିତ ନୁହଁନ୍ତି । ଇଶ୍ୱରଙ୍କ ସାମ୍‌ନାରେ ନିଜର ମନ ଗଢ଼ା ନିୟମକୁ ଉପସ୍ଥାପନ ଓ ସେମାନେ ଅଲ୍ଲାଃଙ୍କ ଅସୀମ ଐଶ୍ୱରିକ ଶକ୍ତିକୁ ସୀମିତ କରୁଛନ୍ତି ଏବଂ ତାଙ୍କୁ ଦୁର୍ବଳ ମନେ କରୁଛନ୍ତି । ତେଣୁ ତାଙ୍କ ଅବସ୍ଥା ମୁତାବକ ତାଙ୍କ ସହିତ ବ୍ୟବହାର କରାଯିବ । କିନ୍ତୁ ତୁମେ ଯେତେବେଳେ ଦୁଆ ପାଇଁ ଛିଡ଼ା ହେବ ତୁମ ପାଇଁ ଏହା ଧାର୍ଯ୍ୟ ଅଟେ ଯେ ତୁମେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବ କି ତୁମ ଇଶ୍ୱର ହେଉଛନ୍ତି ପ୍ରତ୍ୟେକ କାର୍ଯ୍ୟ କରିବାକୁ ସକ୍ଷମ । ତେବେ ଯାଇ ତୁମ ଦୁଆ ଗ୍ରହଣୀୟ ହେବ ଏବଂ ତୁମେ ଅଲ୍ଲାଃଙ୍କ ଅଦ୍ଭୁତ ବିସ୍ମୟକର ଇଶ୍ୱରୀୟ ଶକ୍ତିକୁ ଦେଖିବ ଯାହା ଆମେ ଦେଖିସାରିଛୁ ଓ ଆମର ସାକ୍ଷୀ ସ୍ୱଚକ୍ଷୁରେ ଦର୍ଶନ ଦ୍ୱାରା ପ୍ରମାଣିତ । ଏହା କୌଣସି କିସା କାହାଣୀ ନୁହେଁ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୮-୨୧)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା-୧୦ ର ଅବଶିଷ୍ଟାଂଶ......

ଶକ୍ତି ଉପରେ ଗର୍ବ ଥାଏ ତେବେ ତାହା ମଧ୍ୟ ତାହା ପାଇଁ ରବ୍ ହୋଇଯାଏ । ଯଦି ତାର ସୌନ୍ଦର୍ଯ୍ୟ ବା ଧନ ରତ୍ନ ଉପରେ ତାକୁ ଗର୍ବ ଅନୁଭବ ହୁଏ ତେବେ ତାହା ମଧ୍ୟ ତା ପାଇଁ ରବ୍ ହୋଇଯାଏ । ସୁତରାଂ ଏହିପରି ହଜାର ହଜାର ସାଧନ ତା ସହିତ ଲାଗି ରହିଛି । ଯେପର୍ଯ୍ୟନ୍ତ ସେ ସବୁକୁ ପରିତ୍ୟାଗ କରି ଓ ସେଗୁଡିକରୁ ମୁହଁ ଫେରାଇ ଉକ୍ତ ଏକ ଅଦ୍ୱିତୀୟ ଯାହାର କେହି ସମକକ୍ଷ ନାହାଁନ୍ତି, ସେହି ସତ୍ୟ ଓ ବାସ୍ତବିକ ପାଳନକର୍ତାଙ୍କ ଆଗରେ ନତମସ୍ତକ ନହୋଇଛି ଓ ରବ୍ବନା ଶଦ୍ଦକୁ ଦରଦର ସହିତ ହୃଦୟକୁ ତରଳାଇ ଦେବା ଶବ୍ଦ ଦ୍ୱାରା ତା ଆସ୍ଥାନରେ ନପଡ଼ିଛି ସେପର୍ଯ୍ୟନ୍ତ ସେ ପ୍ରକୃତ ରବ୍କୁ ବୁଝିନାହିଁ । ସୁତରାଂ ଯେବେ ଏପରି ବ୍ୟାକୁଳତାର ସହିତ ତା ନିକଟରେ ନିଜର ପାପକ ସ୍ୱୀକାର କରି ତୌବା କରେ ଓ ତାକୁ ସମ୍ବୋଧନ କରିଥାଏ କି ରବ୍ବନା ଅର୍ଥାତ୍ ଅସଲ ଓ ବାସ୍ତବିକ ପାଳନକର୍ତା ତୁ ହି ଥିଲୁ କିନ୍ତୁ ଆମ୍ଭେ ନିଜର ଭୁଲ୍ ଦ୍ୱାରା ଅନ୍ୟ ସ୍ଥାନରେ ଘୁରିବୁଲୁଛୁ । ଏବେ ମୁଁ ସେହିସବୁ ମିଥ୍ୟା ମୂର୍ତୀ (ଇଶ୍ୱର)ଙ୍କୁ ଛାଡ଼ି ଦେଇଛି ଓ ସଫା ହୃଦୟରେ ତୁମର ରବୁବିୟତ୍କୁ ସ୍ୱୀକାର କରୁଛି । ତୁମ ଆସ୍ଥାନରେ ଆସିଯାଇଛି ସୁତରାଂ ଏତଦ୍‌ଭିନ୍ନ ଇଶ୍ୱରଙ୍କୁ ନିଜର ପାଳନକର୍ତା ବନାଇବା କଠିନ କାର୍ଯ୍ୟ ଅଟେ । ଯେପର୍ଯ୍ୟନ୍ତ ମନୁଷ୍ୟର ମନରୁ ଅନ୍ୟ ରବ୍ ଓ ସେମାନଙ୍କ ସମ୍ମାନ, ମହିଳା ବାହାରି ନଯାଇଛି ସେପର୍ଯ୍ୟନ୍ତି ବାସ୍ତବିକ ପାଳନକର୍ତା ଓ ତାହା ରବୁବିୟତ୍‌ର ଠିକା ଉଠିବ ନାହିଁ । କିଛି ଲୋକମାନେ ମିଥ୍ୟାକୁ ହିଁ ନିଜର ର୍ବ ବୋଲି ବନାଇଛନ୍ତି ଓ ଏହା ଜାଣିଛନ୍ତି କି ମିଥ୍ୟା ନକହିଲେ ଆମର ରୋଜଗାର କଷ୍ଟକର ହେବ । କିଛି ଲୋକେ ଚୋରି ଓ ଡକାୟତି ଓ ପ୍ରବଂଚନକୁ ନିଜର ପାଳନକର୍ତା ବନାଇଛି, ତାଙ୍କର ବିଶ୍ୱାସ କି ଏହି ମାର୍ଗଛଡା ଅନ୍ୟ କେଉଁ ଉପାୟରେ ରିଜିକ୍‌ର ମାର୍ଗ ନାହିଁ ବୋଲି । ତେଣୁ ସେମାନଙ୍କର ରବ୍ ହେଉଛନ୍ତି ସେହି ସବୁ ଜିନିଷ" । ପୁଣି କହୁଛନ୍ତି କି "ସୁତରାଂ ଏପରି ଲୋକେ ଯେଉଁମାନେ ନିଜର ବାହାନା ଉପରେ ଭରଷା ରହିଛି ସେମାନଙ୍କୁ ଇଶ୍ୱରଙ୍କ ଠାରୁ ସାହାଯ୍ୟ ମିଳିବା ପାଇଁ ଓ ଦୁଆ କରିବା ପାଇଁ କଣ ଆବଶ୍ୟକ ରହିଛି ? ଦୁଆର ଦରକାରତ ତାକୁ ଆବଶ୍ୟକ ହୁଏ ଯାହାପାଇଁ ସମସ୍ତ ମାର୍ଗ ବନ୍ଦ ହୋଇଛି ଓ ତାକୁ ଛାଡିଦେଲେ ଆଉ କୌଣସି ମାର୍ଗ ତା ପାଇଁ ନାହିଁ । ଏହିପରି ଲୋକଙ୍କ ହୃଦୟରୁ ଦୁଆ ବାହାରିଥାଏ । ଏପରି ଦୁଆ କରିବା କେବଳ ସେହି ଲୋକମାନେ କରିଥାନ୍ତି ଯେ କେବଳ ଅଲ୍ଲାହଙ୍କୁ ହିଁ ନିଜର ରବ୍ ସ୍ୱୀକାର କରିଥାନ୍ତି ଏବଂ ସେମାନଙ୍କର ଦୃଢ ବିଶ୍ୱାସ ଥାଏ ଯେ, ତାଙ୍କ ରବ୍ ନିକଟରେ ଅନ୍ୟ ସମସ୍ତ ରବ୍ ନଗନ୍ୟ ଓ ତୁଚ୍ଛ ଅଟନ୍ତି । ଆପଣ କୁହନ୍ତି ଅଗ୍ନିର ଅର୍ଥ କେବଳ ସେହି ଅଗ୍ନି ନୁହେଁ ଯାହାକି କୟାମତରେ (ଶାସ୍ତି) ରୂପକ ମିଳିଥାଏ ବରଂ ଏହି ସଂସାରରେ ଦିର୍ଘଜୀବୀ ହୋଇଥିବା ଲୋକେ ଦେଖିନେଇଥାନ୍ତି କି ସଂସାରରେ ସହସ୍ର କିସମର ଅଗ୍ନି ରହିଛି । ତେବେ ମୋମିନ୍‌ର ପ୍ରାର୍ଥନା ଏପରି ହୋଇଥାଏ କି ସବୁ ପ୍ରକାର ଅଗ୍ନିରୁ ଇଶ୍ୱର ଆମକୁ ବଂଚାନ୍ତୁ ଯେବେ ଆମେ ତୁମର ହାତକୁ ଧରିନେଉଛୁ ତେବେ ତୁମେ ସେହି ସମସ୍ତ ଅସୁବିଧାରୁ ଯାହା ମନୁଷ୍ୟ ଜୀବନକୁ ତିକ୍ତ କରିଥାଏ ଏବଂ ମନୁଷ୍ୟପାଇଁ ଅଗ୍ନି ସଦୃଶ ଥାଏ, ସେଥିରୁ ବଂଚାଇ ରଖ" । (ମଲଫୁଜାତ୍, ଖଣ୍ଡ-୫, ପୃଷ୍ଠା-୧୮୭-୧୯୦, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ) କିନ୍ତୁ ଯେଉଁ ମୋମିନ୍ ଦୁଆ କରିଥାଏ କି ହେ ଅଲ୍ଲାହ ! ଆମକୁ ସମସ୍ତ ପ୍ରକାରର ଆଗ୍ନିରୁ ରକ୍ଷା କର ଯେତେବେଳେ ଆମେ ତୁମ ଶରଣାଗତ ହେଲୁ ସେତେବେଳେ ସେ ସମସ୍ତ ପ୍ରକାରର ଅସୁବିଧା ଯାହାକି ମଣିଷ ଜୀବନକୁ ବିଷାକ୍ତ କରିଥାଏ ତାହା ମଣିଷ ନିମନ୍ତେ ଅଗ୍ନି ସଦୃଶ ଅଟେ ।

ହଜରତ ମସିହ ମଉଦ ଆ.ସ ଏକଦା ଜମାଅତର ଏଥିପ୍ରତି ଧ୍ୟାନ ଆକର୍ଷିତ କରି କହିଲେ ଆମ ଜମାଅତର ସଦସ୍ୟମାନଙ୍କୁ ଏହି ଦୁଆ ଅତ୍ୟଧିକ ମାତ୍ରାରେ କରିବା ଉଚିତ୍ **ରବ୍ବନା ଆତିନା ଫିଦ୍ଦୁନୟା ହସନତୌଁ ୱ୍ଫିଲଆଖିରତି ହସନତୌଁ ୱକିନା ଅଜାବନ୍ ନାର୍** ଅତଃ ଏଥିପ୍ରତି ଆମକୁ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯଦ୍ୱାରା ଅଲ୍ଲାହତାଲା ଆମକୁ ନିଜ କରୁଣାର ଚଦରରେ ନେଇ ସମସ୍ତ ପ୍ରକାରର ଇହକାଳ ଓ ପରକାଳର ଅଗ୍ନିରୁ ରକ୍ଷା କରିବେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ପବିତ୍ର କୋରାନରେ ଅଲ୍ଲାହତାଲା ଯାହା ଦର୍ଶାଇଛନ୍ତି ତାହାର ସାରାଂଶ ଏପରି ଅଟେ ହେ ଭକ୍ତଗଣ ! ମୋଠାରୁ ନିରାଶ ହୁଅ ନାହିଁ ମୁଁ ଦୟା, କ୍ଷମା, ଦୋଷ ଅଣଦେଖା କରିବା ଓ କରୁଣା ଆଦି ଗୁଣ ମାଧ୍ୟମରେ ସବୁଠାରୁ ଅଧିକ ତୁମ ଉପରେ ଦୟା ଆଚରଣ କରିଥାଏ ଏବଂ ମୋପରି କେହି ଦୟା ଆଚରଣ କରି ନଥାନ୍ତି । ନିଜ ବାପମାନଙ୍କ ଠାରୁ ଅଧିକା ମୋ ସହିତ ପ୍ରେମକର କାରଣ ବାସ୍ତବରେ ମୁଁ ପ୍ରେମ କରିବାରେ ତାଙ୍କଠାରୁ ଅଧିକା । ଯଦି ତୁମେ ମୋ ଆଡକୁ ଆସ ତେବେ ମୁଁ ସମସ୍ତ ପାପକୁ କ୍ଷମା କରିଦେବି ଏବଂ ଯଦି ତୁମେ ତୌବା କର ମୁଁ ତାହା ଗ୍ରହଣ କରିବି ଏବଂ ଯଦି ତୁମେ ମୋ ଆଡକୁ ଧିର ପାଦରେ ଆସିବ ତେବେ ମୁଁ ଦଉଡି ଦଉଡି ଯିବି । ଯେଉଁ ବ୍ୟକ୍ତି ମୋତେ ଖୋଜିବ ସେ ମୋତେ ପାଇବ । ଯେଉଁ ବ୍ୟକ୍ତି ମୋ ଆଡ଼କୁ ଆସେ ସେ ମୋ ଦ୍ୱାରକୁ ଉନ୍ମୁକ୍ତ ପାଇଥାଏ ମୁଁ ତୌବାକାରୀଙ୍କ କ୍ଷମା ଦେଇଥାଏ ତାହା ପର୍ବତ ପରି ଉଚ୍ଚା ହୋଇଥାଉ ନା କାହିଁକି । ମୋ କରୁଣା ବେଶ୍ ଅଧିକ ଏବଂ ଶାସ୍ତି ଖୁବ୍ କମ୍ ଅଟେ କାରଣ ତୁମେ ମୋର ସୃଷ୍ଟି ମୁଁ ତୁମକୁ ଜନ୍ମ ଦେଇଛି । ମୋ କରୁଣା ସମସ୍ତଙ୍କ ଉପରେ ଆଚ୍ଛାଦିତ ହୋଇ ରହିଛି" । (ଚସ୍ମାଏ ମାରେଫତ୍, ରୁହାନି ଖଜାଏନ୍, ଖଣ୍ଡ-୨୩, ପୃଷ୍ଠା-୫୬)

ଅଲ୍ଲାହତାଲା ଆମକୁ ନିଷ୍ପାପର ଭାବରେ ତାଙ୍କ ଶରଣାଗତ ହୋଇ ଧର୍ମପରାୟଣ ହେବା, ନିଜ ବିଶ୍ୱାସ ଓ ଆସ୍ଥାରେ ଉନ୍ନତି କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଯଦ୍ୱାରା ଆମେ ସଦାସର୍ବଦା ତାଙ୍କ କରୁଣାରୁ ଭାଗ ନେଉଥିବା । କଦାପି ଏଭଳି ସମୟ ନଆସୁ ଯେତେବେଳେ କି ଆମେ ତାଙ୍କ କରୁଣାରୁ ବଂଚିତ ରହିଯିବା ଏବଂ ନିଜ ଅପକର୍ମ ଯୋଗୁଁ ତାଙ୍କ ଦଣ୍ଡର ଅଧିକାରୀ ହେବା । ଅଲ୍ଲାହତାଲାଙ୍କ କରୁଣା ଦୃଷ୍ଟି ନିରନ୍ତର ଆମ ଉପରେ ରହିଥାଉ ।

## D.T.P ସେଂଟର୍ ନଜାରତ୍ ନଶରୋ ଇଶାଅତ୍ କାଦିଆନ୍‌ରେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକତା ଅଛି ।

**(ନୋଟ୍:- ଏହି ଘୋଷଣା କେବଳ ଲଜ୍‌ନା ସଦସ୍ୟମାନଙ୍କ ନିମନ୍ତେ)**

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଲେଡିଜ୍ କମ୍ପ୍ୟୁଟର ଅପରେଟର୍ ବିଲ୍‌ମୁକ୍ତା ସ୍ଥାନ ଖାଲିଅଛି, ଯାହା ନିମ୍ନଲିଖିତ ନିୟମ ମୁତାବକ ପୂରଣ କରାଯିବ । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ । ଜଜାକମୁଲ୍ଲାହ ।

**ସର୍ତାବଳୀ:-**(୧)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ ଲେଖିବା ପଢ଼ିବା ଜାଣିଥିବେ (୨)କମ୍ପ୍ୟୁଟର ସାଇନ୍‌ସରେ ଡିପ୍ଲୋମା କରିଥିବେ (୩)In-Design, MS-word, In-Page ବିଷୟରେ Basic Knowledge ଥିବ (୪)ହିନ୍ଦି ଓ ଉର୍ଦ୍ଦୁ ଟାଇପିଂ ରେ ଦକ୍ଷତା ଥିବ ଓ ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ (୫)Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ୩୦୦ ଶବ୍ଦ ଟାଇପ୍ କରିପାରୁଥିବେ (୬)ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ଓ ସେହିପରି ଉର୍ଦ୍ଦୁ ଟାଇପିଂ In-Page Software ରେ କରିବା ଜାଣିଥିବେ (୭)ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ (୮)ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ (୯)ପ୍ରାର୍ଥିନୀଙ୍କୁ ଇଂଟରଭିଉର ତାରିଖ ପରେ ଜଣାଇ ଦିଆଯିବ ତତ୍ ସହିତ ଇଂଟରଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ (୧୦)କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

**(ନାଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀଙ୍କୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟରଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ) (ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍

ମୋ:- ୦୯୮୧୫୪୩୭୬୭୦, ଅଫିସ୍:- ୦୧୮୭୨-୫୦୧୧୩୦

ଇ-ମେଲ୍:- nazaratdiwanqdn@gmail.com

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବା ହଜ୍‌ରତ୍ ଉକାଶା ବିନ୍ ମୋହସିନ୍, ହଜ୍‌ରତ୍ ଖାରଜା ବିନ୍ ଜଏଦ୍, ହଜ୍‌ରତ୍ ଜିଆଦ୍ ବିନ୍ ଲବିଦ୍, ହଜ୍‌ରତ୍ ମୁଅତିବ୍ ବିନ୍ ଉବେଦ୍, ହଜ୍‌ରତ୍ ଖାଲିଦ୍ ବିନ୍ ବୁକିର ରିଜୁଆନୁଲ୍ଲାଃ ଆଲୈହିମ୍‌ଙ୍କ ଉତମ ଗୁଣାବଳୀ, ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସେମାନଙ୍କର ପ୍ରେମ, ନିଷ୍ଠା ଓ ଭକ୍ତିଭାବ, ଦିନି ଖିଦ୍‌ମାତ୍ ଏବଂ ମହାନ୍ କୁର୍ବାନୀର ହୃଦୟସ୍ପର୍ଶୀ ଚର୍ଚ୍ଚା ।

ମୋକରମ୍ ଇସ୍‌ମାଇଲ୍ ମାଲାଗାଲା ସାହେବ୍ ମୁବଲିଗ୍ ଯୁଗାଣ୍ଡାଙ୍କ ଦେହାନ୍ତ ମର୍‌ହୁମ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୦୧ ଜୁନ୍ ୨୦୧୮ ଅନୁଯାୟୀ ୦୧ ଏହ୍‌ସାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କର ହଜରତ ଉକାଶା ବିନ୍ ମୋହସିନ୍ ନାମୀ ଜଣେ ସାହାବା ଥିଲେ । ତାଙ୍କର ଗଣନା ବଡ଼ ବଡ଼ ସାହାବାଙ୍କ ମଧ୍ୟରେ ହୋଇଥାଏ । ସେ ବଦର ଯୁଦ୍ଧରେ ଘୋଡ଼ା ଆରୋହଣ କରି ଯୋଗ ଦେଇଥିଲେ, ସେ ଦିନ କିନ୍ତୁ ତାଙ୍କର ଖଣ୍ଡା ଭାଙ୍ଗି ଯାଇଥିଲା । ବସ୍ତୁତଃ ହଜୁର ସ.ଆ ତାଙ୍କୁ ଗୋଟିଏ ଲାଠି ଦେଲେ ଯାହାକି ତାଙ୍କ ହାତରେ ଅତ୍ୟନ୍ତ ଧାରୁଆ ଓ ପରିସ୍କାର ଲୋହ ନିର୍ମିତ ଖଣ୍ଡା ସ୍ୱରୂପ ପାଲଟି ଯାଇଥିଲା । ଉକାଶା ସେଥିରେ ଲଢିଲେ, ଏପରିକି ଅଲ୍ଲାଃତାଲା ବିଜୟ ପ୍ରଦାନ କରିଥିଲେ । ପୁଣି ସେହି ଖଣ୍ଡାରେ ସେ ହଜୁର ସ.ଆଙ୍କ ସହ ସମସ୍ତ ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ସେହି କାଠର ତରବାରି ଖଣ୍ଡକ ଅନ୍ତିମ ସମୟ ପର୍ଯ୍ୟନ୍ତ ତାଙ୍କ ସାଥିରେ ରହିଥିଲା । ସେହି ତରବାରିର ନାମ ଅଓ୍ୱନ ଥିଲା । ରସୁଲୁଲ୍ଲା ସ:ଆ:ସ ତାଙ୍କୁ ସୁସମ୍ବାଦ ପ୍ରଦାନ କରିଥିଲେ କି ତୁମେ ବୈକୁଣ୍ଠରେ ବିନା କୌଣସି ହିସାବ ନିକାଶରେ ପ୍ରବେଶ କରିବ । (ଅସଦୁଲ ଗାବା, ଖଣ୍ଡ-୪ ପୃଷ୍ଠା-୬୪-୬୫, ଉକାଶା ବିନ୍ ମୋସିନ୍ , ମୁଦ୍ରଣ ଦାରୁଲ୍ କୁତୁବ୍ ଇଲ୍‌ମିଆ ବେରୁତ୍-୧୯୯୬) ବଦର ଯୁଦ୍ଧ ସମୟରେ ହଜୁର ସ.ଆ ସାହାବାମାନଙ୍କୁ କହିଲେ ଆମ ସହିତ ଆରବର ଶ୍ରେଷ୍ଠତମ ଘୋଡ଼ା ଚଢାଳି ଅଛି । ସାହାବା ପଚାରିଲେ ସେ କିଏ ? ହଜୁର କହିଲେ ଉକାଶା ବିନ ମୋହସିନ୍ । (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୪୩୫, ମୁଦ୍ରଣ ଦାରୁଲ୍ କୁତୁବ୍ ଇଲ୍‌ମିଆ ବେରୁତ୍-୨୦୦୧)

ହଜରତ ଅବୁ ହୁରେରାଃ ର.ଅ ବର୍ଣ୍ଣନା କରିଛନ୍ତି ମୁଁ ହଜୁର ସ.ଆଙ୍କୁ ଏହା କହୁଥିବାର ଶୁଣିଲି ହଜୁର କହୁଥିଲେ ମୋ ସମ୍ପ୍ରଦାୟର ଗୋଟିଏ ଦଳ ବୈକୁଣ୍ଠରେ ପ୍ରବେଶ କରିବେ ସେମାନଙ୍କ ସଂଖ୍ୟା ୭୦,୦୦୦ ହେବ ଏବଂ ସେମାନଙ୍କ ଚେହେରା ପୂର୍ଣ୍ଣିମାଚନ୍ଦ୍ର ପରି ଉଜ୍ୱଳ ହୋଇଥିବ । ହଜରତ ଉକାଶା ବିନ ମୋହସିନ୍ ଛିଡ଼ା ହେଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ ସ.ଆ ଦୁଆ କରନ୍ତୁ ମୁଁ ମଧ୍ୟ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ । ହଜୁର ସ.ଆ ଦୁଆ କଲେ ହେ ଅଲ୍ଲାଃ ! ଅକାଶାଙ୍କୁ ସେମାନଙ୍କ ମଧ୍ୟରେ ସାମିଲ କର । ତାପରେ ଅନସାର୍‌ମାନଙ୍କ ମଧ୍ୟରୁ ଜଣେ ଛିଡ଼ା ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଦୁଅ କରନ୍ତୁ ମୁଁ ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ ହୋଇଯାଏ, ହଜୁର ସ.ଆ କହିଲେ ଏଥିସମ୍ବନ୍ଧରେ କହିଲେ କି **ସବକକା ଉକାଶା** ଅର୍ଥାତ୍ ଉକାଶା ତୁମଠାରୁ ବାଜି ମାରିନେଲେ । (ସହି ମୁସ୍‌ଲିମ୍ କିତାବୁଲ ଇମାନ୍ ବାବୁଦ୍ ଦଲିଲ୍....ହଦିସ୍ ନଂ-୩୬୯)

ଏହି ଘଟାଣାକୁ ବର୍ଣ୍ଣନା କରି ସିରତ ର ପୁସ୍ତକରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖିଛନ୍ତି କି ଏକଦା ଆଁହଜ୍‌ରତ୍ ସ:ଆ:ସଙ୍କ ମଜଲିସ୍‌ରେ ଚର୍ଚ୍ଚା ହେଲାକି ମୋ ଉମ୍ମତ୍‌ରୁ ୭୦ ହଜାର୍ ଲୋକେ ବିନା କୌଣସି ହିସାବ ନିକାଶରେ ବୈକୁଣ୍ଠରେ ପ୍ରବେଶ କରିବେ । ଅର୍ଥାତ୍ ସେମାନେ ଏପରି ଆଧ୍ୟାତ୍ମିକ ସ୍ତରରେ ଥିବେ କି ସେମାନଙ୍କ ପାଇଁ ଇଶ୍ୱରଙ୍କର କରୁଣା ଓ କୃପା ଏତେ ଜୋସ୍ ମାରିବ କି ସେଥିଯୋଗୁ ତାଙ୍କର ହିସାବ ନିକାଶର ଆବଶ୍ୟକ ପଡ଼ିବ ନାହିଁ ଏବଂ ଆପଣ ସ:ଆ:ସ ଏହା ମଧ୍ୟ କହିଲେ କି ସେହି ଲୋକମାନଙ୍କର ଚେହେରା କୟାମତ୍ ଦିନ ଏପରି ଚମକୁଥିବ ଯେପରି ପୁର୍ଣ୍ଣିମା ରାତିର ଚନ୍ଦ୍ର ଆକାଶରେ ଚମକୁଥାଏ । ଏଥିରେ ହଜ୍‌ରତ୍ ଉକାଶା ର:ଅ କହିଲେ କି ମୋ ପାଇଁ ମଧ୍ୟ ଦୁଆ କରନ୍ତୁ । ଏଥିରେ ଆପଣ ସ:ଆ:ସ ଦୁଆ କଲେ କି ତାଙ୍କୁ ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ୍ କରିଦିଅନ୍ତୁ । ଏଥିରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ବହୁତ ସୁନ୍ଦର ଶୈଳୀରେ ଏହାର ତଫ୍‌ଶିର୍ ଓ ବିଶ୍ଳେଷଣ କରିଛନ୍ତି । ଆପଣ ଲେଖୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ମଜ୍‌ଲିସ୍‌ର ଏହା ଗୋଟିଏ ଛୋଟ ଘଟଣା ପରି ଲାଗୁଥିଲେ ମଧ୍ୟ ସେ ତା ଭିତରେ ଅନେକ ଜ୍ଞାନର ଭଣ୍ଡାର ଭରି ରଖିଛି । କାରଣ ପ୍ରଥମତଃ ଏଥିରୁ ଜ୍ଞାନ ହାସଲ ହୋଇଥାଏ କି ଉମ୍ମତେ ମହମ୍ମଦିୟା ଉପରେ ଅଲ୍ଲାଃତାଲାଙ୍କର ଏ ପ୍ରକାର ଦୟା ଓ କରୁଣା ରହିଛି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଧ୍ୟାତ୍ମିକ ଧାରା ଏତେ ମାତ୍ରାରେ ପୁର୍ଣ୍ଣତାକୁ ପହଂଚିଯାଇଛି କି ଆପଣ ସ:ଆ:ସଙ୍କ ଉମ୍ମତ ମଧ୍ୟରୁ ୭୦ ହଜାର ଲୋକେ ଏପରି ହେବେ ଯେଉଁମାନେ ନିଜର ଆଧ୍ୟାତ୍ମିକତା ସ୍ତର ଯୋଗୁ ଓ ଇଶ୍ୱରଙ୍କ ବିଶେଷ ଦୟା ଓ କରୁଣା ଯୋଗୁ କୟାମତ୍ ଦିନ ହିସାବ ନିକାଶର ବିବଶତାରୁ ଉର୍ଦ୍ଧରେ ରହିବେ । (୭୦ ହଜାରରୁ ଏହା ମଧ୍ୟ ଅର୍ଥ କରାଯାଉଛି କି ତାହା ଏକ ବହୁତ ବଡ଼ ସଂଖ୍ୟା ହେବ) ଦ୍ୱିତୀୟତଃ ଏଥିରୁ ଏହା ମଧ୍ୟ ଜଣାପଡୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦରବାରରେ ଏପରି ନିକଟତର ହୋଇଯାଇଥିଲେ କି ଆପଣ ସ:ଆ:ସଙ୍କ ଆଧ୍ୟାତ୍ମିକ ଧ୍ୟାନ ଯୋଗୁ ଇଶ୍ୱର ଯଥାଶିଘ୍ର ଐଶିବାଣୀ ବା କଶଫ୍ ଦ୍ୱାରା ଆପଣ ସ:ଆ:ସଙ୍କୁ ଏହା ଜଣାଇଦେଲେ କି ଉକାଶା ମଧ୍ୟ ସେହି ୭୦ ହଜାର ଦଳରେ ସାମିଲ୍ ଅଛନ୍ତି ଓ ଏହା ମଧ୍ୟ ସମ୍ଭବ କି ଉକାଶା ପୂର୍ବରୁ ସେହି ଦଳରେ ସାମିଲ୍ ନଥିବେ କିନ୍ତୁ ଆପଣ ସ:ଆ:ସଙ୍କ ପ୍ରାର୍ଥନା ଯୋଗୁ ଇଶ୍ୱର ତାଙ୍କୁ ଏହି ବୈଭବ ପ୍ରଦାନ କରିଥିବେ । ତୃତୀୟତଃ ଉକ୍ତ ଘଟଣାରୁ ଏହା ମଧ୍ୟ ଜଣାପଡୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃତାଲାଙ୍କର ସେହି ମହିମା ବିଷୟରେ ଜ୍ଞାନ ଥିଲା ଓ ଆପଣ ସ:ଆ:ସ ନିଜ ଉମ୍ମତ୍‌ରେ ଚେଷ୍ଟା କରୁଥିବା ଲୋକଙ୍କ କାର୍ଯ୍ୟକୁ ଆଗକୁ ଉନ୍ନତି କରାଇବାକୁ ଚାହୁଁଥିଲେ କି ଯେବେ ଉକାଶାଙ୍କ ପରେ ଆଉଜଣେ ବ୍ୟକ୍ତି ଆପଣଙ୍କ ଠାରୁ ସେହି ପ୍ରକାରର ପ୍ରାର୍ଥନା କରିବା ନିମନ୍ତେ ଦରଖାସ୍ତ କଲେ, ସେତେବେଳେ ଆପଣ ସ:ଆ:ସ ସେହି ବିଶେଷ ଆଧ୍ୟାତ୍ମିକ ସ୍ଥାନକୁ ଦୃଷ୍ଟିରେ ରଖି, ଯାହା ସେହି ପବିତ୍ର ଗୋଷ୍ଠୀକୁ ହାସଲ ହୋଇଥିଲା, ଆଉ କାହାପାଇଁ ପ୍ରାର୍ଥନା କରିବାକୁ ମନା କରିଦେଲେ ଓ ମୁସଲ୍‌ମାନ୍‌ମାନଙ୍କୁ ତକ୍‌ଓ୍ୱା, ଇମାନ୍ ଏବଂ ଉଚିତ୍ କର୍ମ କରିବାରେ ଆଗକୁ ବଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ଏହା ବତାଇଲେ କି ଯଦି ଏଥିପ୍ରତି ଧ୍ୟାନ ରହିବ ତେବେ ତୁମକୁ ସେହି ସ୍ତର ମିଳିପାରିବ । ଚତୁର୍ଥରେ ଏଥିରୁ ଆପଣ ସ:ଆ:ସଙ୍କ ଉତମ ଚରିତ୍ର ଉପରେ ମଧ୍ୟ ଅସାଧାରଣ ଆଲୋକପାତ ହେଉଛି । କାରଣ ଆପଣ ସ:ଆ:ସ ଏପରି ଶୈଳୀରେ ମନା କଲେ ନାହିଁ ଯାହାଦ୍ୱାରା ପଚାରିଥିବା ଅନ୍‌ସାରୀ ସାହାବାଙ୍କ ହୃଦୟ ଫାଟିଯିବ ବରଂ ଅତ୍ୟନ୍ତ ସୁନ୍ଦର ରୂପେ ଏହିକଥାକୁ ଟାଳିଦେଲେ" । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍, ପୃଷ୍ଠା-୬୬୭-୬୬୮)

ହଜୁର ସ.ଆ ହଜରତ ଉକାଶାଙ୍କୁ ବିଭିନ୍ନ ସରିୟା (ଯୁଦ୍ଧ) ରେ ଅମିର କରି ପ୍ରେରଣ କରିଥିଲେ । ରବିଉଲ୍ ଅଓ୍ୱଲର ୬ ହିଜରୀରେ ହଜୁର ସ.ଆ ହଜରତ ଉକାଶାଙ୍କୁ ୪୦ଜଣ ମୁସଲମାନମାନଙ୍କ ଅଫିସର୍ କରି ବନି ଅସଦ କବିଲାର ମୁକାବିଲା କରିବାକୁ ପ୍ରେରଣ କରିଥିଲେ । ଉକ୍ତ ବସ୍ତି ବାସିନ୍ଦା ଏକ ଝରଣା ନିକଟରେ ଡେରା ପକାଇ ରହିଥିଲେ, ଯାହାର ନାମ ଗମର ଥିଲା ଯାହା ମଦିନାରୁ ମକ୍କା ଯିବା ଦିଗରେ କିଛି ଦିନର ଯାତ୍ରାର ଦୂରତାରେ ଥିଲା । ଉକାଶାଙ୍କ ଦଳ ଶିଘ୍ର ଶିଘ୍ର ଯାତ୍ରା କରି ସେଠାରେ ପହଂଚିଲେ ଯଦ୍ୱାରା ସେମାନଙ୍କୁ ଦୁଷ୍ଟାମି କରିବାରୁ ରୋକା ଯାଇପାରିବ । କିନ୍ତୁ ଉକ୍ତ ବସ୍ତିର ଲୋକେ ଖବର ପାଇ ଏଣେତେଣେ ପଳାୟନ କରିଗଲେ । ତେଣୁ ଉକାଶା ଓ ତାଙ୍କ ସାଥି କୌଣସି ପ୍ରକାର ଯୁଦ୍ଧ ନକରି ମଦିନା ଫେରି ଆସିଲେ" ।
(ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍, ପୃଷ୍ଠା-୬୬୬) ଅର୍ଥାତ୍ ଯେପରି ଆରୋପ ଲଗାଯାଉଛି କାହାନ୍ ଲୋକମାନଙ୍କୁ ବା ମୁସଲ୍‌ମାନ୍‌ମାନଙ୍କୁ ଯୁଦ୍ଧ କରିବାର ବହୁତ ସୌକ୍ ଥିଲା । କିନ୍ତୁ ସେହି ଲୋକମାନେ ସେମାନଙ୍କ ସହିତ ବିନା କାରଣରେ ଯୁଦ୍ଧ କରିବା ପାଇଁ ମଧ୍ୟ ଚେଷ୍ଟା କରିନଥିଲେ ।

ହଜରତ ଇବନେ ଅବ୍‌ବାସ ବର୍ଣ୍ଣନା କରିଛନ୍ତି ଯେତେବେଳେ ହଜୁର ସ.ଆଙ୍କ ଉପରେ ସୁରେ ନସର୍ ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର ହଜରତ ବିଲାଲ ର.ଅଙ୍କୁ ଅଜାନ ଦେବାକୁ ଆଦେଶ ଦେଲେ । ନମାଜ ପାଠ କରିବା ଅନ୍ତେ ହଜୁର ଏକ ଖୁତବା ଦେଲେ ଯାହାକୁ ଶୁଣି ଲୋକମାନେ କାନ୍ଦି ପକାଇଲେ ତାପରେ ହଜୁର ସ.ଆ ପଚାରିଲେ ହେ ଲୋକମାନେ ମୁଁ କିଭଳି ନବୀ ଅଟେ ? ସମସ୍ତେ କହିଲେ ଅଲ୍ଲାଃ ଆପଣଙ୍କୁ ଉତମ ଫଳ ପ୍ରଦାନ କରନ୍ତୁ ଆପଣ ସର୍ବଶ୍ରେଷ୍ଠ ନବୀ ଏବଂ ଆପଣ ଆମମାନଙ୍କ ପାଇଁ ଦୟାଳୁ କୃପାଳୁ ପିତା ତଥା ସ୍ନେହ ଆଦର ଓ ହିତଉପଦେଶ ପ୍ରଦାନକାରୀ ଭାଇଙ୍କ ପରି ଅଟନ୍ତି । ଆପଣ ଆମ ନିକଟରେ ଅଲ୍ଲାଃଙ୍କ ବାର୍ତା ଓ ଓ୍ୱହି ପହଂଚାଇଲେ ଏବଂ ଜ୍ଞାନ ଓ ଉତମ ଉପଦେଶ ମାଧ୍ୟମରେ ଆମକୁ ନିଜ ପାଳନକର୍ତାଙ୍କ ଆଡ଼କୁ ଡ଼ାକିଲେ । ଅତଃ ଅଲ୍ଲାଃ ତାହାର ଆପଣଙ୍କୁ ଉତମ ପ୍ରତିବଦଳ ପ୍ରଦାନ କରନ୍ତୁ ଯେପରିକି ସେ ନିଜ ଅବତାରମାନଙ୍କୁ ପ୍ରଦାନ କରନ୍ତି । ତାପରେ ହଜୁର ସ.ଆ କହିଲେ ହେ ମୁସଲମାନମାନେ ! ମୁଁ ତୁମକୁ ଅଲ୍ଲାଃ ଓ ତୁମ ଉପରେ ନିଜ ଅଧିକାରର ରାଣ ଦେଇ କହୁଅଛି

ଯଦି କାହା ଉପରେ ମୁଁ ଅନ୍ୟାୟ ଓ ଅତ୍ୟାଚାର କରିଛି ତେବେ ସେ ଛିଡ଼ା ହୋଇ ତାହାର ପ୍ରତିଶୋଧ ନେଇନେଉ । କିନ୍ତୁ କେହି ଛିଡ଼ା ହେଲେ ନାହିଁ ହଜୁର ପୁନଃ ରାଣ ଦେଇ କହିଲେ କିନ୍ତୁ କେହି ଛିଡ଼ା ହେଲେ ନାହିଁ । ହଜୁର ତୃତୀୟ ଥର ସମାନ କଥା ପୁନରାବୃତି କଲେ ଯଦି କାହା ଉପରେ ମୁଁ ଅତ୍ୟାଚାର ଓ ଅଯଥା ପ୍ରତିବନ୍ଧତା ଲଗାଇ ଥାଏ ତେବେ ସେ ଉଠି ମୋଠାରୁ ପ୍ରତିଶୋଧ ନେଇନେଉ, କୟାମତ ଦିବସର ହିସାବ କିତାବ ପୂର୍ବରୁ । ଏଥିରେ ଲୋକଙ୍କ ମଧ୍ୟରୁ ଜଣେ ବୃଦ୍ଧ ବ୍ୟକ୍ତି ଛିଡ଼ା ହେଲେ ଯାହାଙ୍କ ନାମ ଉକାଶା ଥିଲା । ସେ ଆସି ହଜୁର ସ.ଆଙ୍କ ସମ୍ମୁଖରେ ଛିଡ଼ା ହୋଇଗଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋ ପିତାମାତା ଆପଣଙ୍କ ଉପରେ କୁରବାନ୍ (ଉତ୍ସର୍ଗ) ଯଦି ଆପଣ ବାରମ୍ବାର ରାଣ ଦେଇ ନଥାନ୍ତେ ତେବେ ମୁଁ କଦାପି ଛିଡ଼ା ହୋଇନଥାନ୍ତି । ମୁଁ ଆପଣଙ୍କ ସହ ଗୋଟିଏ ଯୁଦ୍ଧରେ ସାମିଲ ଥିଲି ସେଠାରୁ ଫେରିବା ସମୟରେ ଆପଣଙ୍କ ଓଟ ସହ ମୋ ଓଟ ନିକଟତର ହୋଇଗଲା । ସେତେବେଳେ ମୁଁ ଓଟରୁ ଓହ୍ଲାଇ ଆପଣଙ୍କ ପାଖକୁ ଆସିଲି ଯଦ୍ୱାରା ଆପଣଙ୍କ ପବିତ୍ର ପାଦକୁ ଚୁମ୍ବନ ଦେବି କିନ୍ତୁ ଆପଣ ନିଜ ଲାଠିକୁ ମୋତେ ମାରିଲେ ଯାହା ମୋ ଦେହରେ ବାଜିଲା । ମୋତେ ଜଣା ନାହିଁ ଆପଣ ତାହା ଓଟକୁ ମାରୁଥିଲେ ଅବା ମୋତେ । ଏଥିରେ ହଜୁର କହିଲେ ମୁଁ ଅଲ୍ଲାଃଙ୍କ ପ୍ରତାପର ନିୟମ କରି କହୁଅଛି ଅଲ୍ଲାଃଙ୍କ ଦୂତ ଜାଣିବୁଝି କଦାପି ତୁମକୁ ମାରିପାରିବ ନାହିଁ । ତାପରେ ହଜୁର ସ.ଆ କହିଲେ ହେ ବିଲାଲ ! ଫାତିମାଙ୍କ ନିକଟକୁ ଯାଅ ଓ ସେହି ଲାଠି (ତାଙ୍କ ନିକଟରୁ) ନେଇଆସ । ବିଲାଲ ଗଲେ ଏବଂ ହଜରତ ଫାତିମାଙ୍କୁ କହିଲେ ହେ ରସୁଲଙ୍କ ରାଜଜେମା ! ମୋତେ (ହଜୁର ସ.ଆଙ୍କ) ଲାଠି ଦିଅନ୍ତୁ । ଏଥିରେ ହଜ୍‌ରତ୍ ଫାତିମା ର:ଅ କହିଲେ- ହେ ବିଲାଲ୍ ! ମୋ ବାପା ଏହି ଲାଠି ଦ୍ୱାରା କଣ କରିବେ ? ଏହା କଣ ଯୁଦ୍ଧ କରିବାର ଦିନ ? ଏହା ତ ହଜ୍ କରିବାର ଦିନ ଅଟେ । ଏଥିରେ ହଜ୍‌ରତ୍ ବିଲାଲ୍ କହିଲେ କି ହେ ଫାତିମା ! ଆପଣ
ନିଜ ବାପା ରସୁଲ୍ ସ:ଆ:ସଙ୍କ ବିଷୟରେ କିଛି ଖବର ରଖିନାହାଁନ୍ତି । ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ ଅଲ୍‌ବିଦା କହୁଛନ୍ତି ଓ ଏ ସଂସାରକୁ ଛାଡ଼ି ଚାଲିଯାଉଛନ୍ତି ଓ ନିଜର ପ୍ରତିବଦଳ ଦେଉଛନ୍ତି । ଏଥିରେ ହଜ୍‌ରତ୍ ଫାତିମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ହେ ବିଲାଲ୍ ! କାହା ମନ ଚାହିଁବ କି ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ପ୍ରତିଶୋଧ ନେବ । ହଜ୍‌ରତ୍ ଫାତିମା କହିଲେ କି ହେ ବିଲାଲ୍ ! ହସନ୍ ଏବଂ ହୁସେନ୍‌ଙ୍କୁ କୁହ କି ସେମାନେ ଉକ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଛିଡ଼ା ହୋଇଯିବେ ଅର୍ଥାତ୍ ସେ ବ୍ୟକ୍ତି ଏହି ଦୁଇଜଣଙ୍କ ଠାରୁ ପ୍ରତିଶୋଧ ନେଇନେବେ ଏବଂ ସେମାନେ ତାକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ପ୍ରତିଶୋଧ ନେବାକୁ ନଦିଅନ୍ତୁ । ତେଣୁ ହଜରତ ବିଲାଲ ତାହା ନେଇ ମସଜିଦ୍ ଆସିଲେ ଏବଂ ହଜୁର ସ.ଆଙ୍କୁ ଲାଠି ପ୍ରଦାନ କଲେ ଯାହାକି ହଜୁର ହଜରତ ଉକାଶାଙ୍କୁ ଧରାଇଦେଲେ । ଯେବେ ହଜ୍‌ରତ୍ ଅବୁବକର୍ ର:ଅ ଏବଂ ହଜ୍‌ରତ୍ ଉମର୍ ର:ଅ ଏହି ଦୃଶ୍ୟକୁ ଦେଖିଲେ ସେମାନେ ଛିଡ଼ା ହୋଇ କହିଲେ- ହେ ଉକାଶା ! ଆମେ ତୁମ ସମ୍ମୁଖରେ ଛିଡ଼ା ହୋଇଛୁ । ଆମଠାରୁ ପ୍ରତିଶୋଧ ନେଇନିଅ । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କିଛି କୁହନାହିଁ । ରସୁଲୁଲ୍ଲାଃ ସ:ଆ:ସ ସେହି ଦୁଇଜଣଙ୍କୁ କହିଲେ- ହେ ଅବୁବକର୍ ଏବଂ ଉମର୍ ! ରହିଯାଓ । ଅଲ୍ଲାଃ ତୁମ ଦୁଇଜଣଙ୍କର ପଦମର୍ଯ୍ୟାଦାକୁ ଜାଣିଛି । ଏହାପରେ ହଜ୍‌ରତ୍ ଅଲୀ ର:ଅ ଛିଡ଼ା ହୋଇ କହିଲେ ହେ ଉକାଶା ! ମୁଁ ନିଜର ପୁରା ଜୀବନ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବିତାଇଛି । ତେଣୁ ମୋ ମନ ମାନୁନାହିଁ କି ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମାର ବୋଲି । ତେଣୁ ଏହା ହେଉଛି ମୋ ଶରୀର । ତେଣୁ ମୋ ଠାରୁ ପ୍ରତିଶୋଧ ନେଇନିଅ ଓ ମୋତେ ପଛେ ଶହେଥର ମାର କିନ୍ତୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ପ୍ରତିଶୋଧ ନିଅନାହିଁ । ଏହା ଦେଖି ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଅଲୀ ! ବସିଯାଓ । ଅଲ୍ଲାଃ ତୁମ ନିୟତ ଓ ତୁମର ପଦମର୍ଯ୍ୟାଦାକୁ ଜାଣିଛନ୍ତି । ଏହାପରେ ହଜ୍‌ରତ୍ ହସନ୍ ଓ ହୁସେନ୍ ଛିଡ଼ା ହୋଇ କହିଲେ ହେ ଉକାଶା ! ଆମ୍ଭେ ହେଉଛୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନାତି ଓ ଆମଠାରୁ ପ୍ରତିଶୋଧ ନେବା ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ପ୍ରତିଶୋଧ ନେବା ସଦୃଶ ଅଟେ । ଏହା ଦେଖି ଆପଣ ସ:ଆ:ସ ସେହି ଦୁଇଜଣଙ୍କୁ କହିଲେ ହେ ମୋର ପ୍ରିୟତମ ବସିଯାଅ ।          ଏହାପରେ ଆପଣ ସ:ଆ:ସ କହିଲେ- ହେ ଉକାଶା ମୋତେ ମାର । ହଜ୍‌ରତ୍ ଉକାଶା କହିଲେ କି ହେ ଅଲ୍ଲାଃଙ୍କ ରସୁଲ ଯେତେବେଳେ ଆପଣ ମୋତେ ମାରିଥିଲେ ମୋ ଦେହରେ କୌଣସି ବସ୍ତ୍ର ନଥିଲା । ଏଥିରେ ହଜୁର ସ.ଆ ନିଜ ପେଟ ଉପରେ ଥିବା ବସ୍ତ୍ର ଉଠାଇଦେଲେ ଏହା ଦେଖି ମୁସଲମାନମାନେ ପାଗଳ ପରି କାନ୍ଦିବା ଆରମ୍ଭ କରିଦେଲେ ଏବଂ କହିଲେ କ'ଣ ଉକାଶା ସତରେ ହଜୁର ସ.ଆଙ୍କୁ ମାରିବେ । କିନ୍ତୁ ଯେତେବେଳେ ଉକାଶା ହଜୁର ସ.ଆଙ୍କ ଶରୀରର ସୁନ୍ଦର ଶ୍ୱେତ ବର୍ଣ୍ଣ ଦେଖିନେଲେ ପାଗଳଙ୍କ ପରି ହଜୁରଙ୍କୁ ଜାବୁଡ଼ି ଧରିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ କାହାର ମନରେ ଆପଣଙ୍କଠାରୁ ପ୍ରତିଶୋଧ ନେବା ଭାବନା ଆସିପାରେ । ଏଥିରେ ହଜୁର ସ.ଆ କହିଲେ ପ୍ରତିଶୋଧ ନିଅ ନଚେତ୍ କ୍ଷମା କର । ଏଥିରେ ଅକାଶା କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୁଁ କ୍ଷମା କଲି ଏହି ଆଶାରେ କି ଅଲ୍ଲାଃତାଲା କୟାମତ ଦିନ ମୋ ସହ କ୍ଷମା ଆଚରଣ କରିବେ । **ଏହା ଶୁଣି ହଜୁର ସ.ଆ ଲୋକମାନଙ୍କୁ କହିଲେ କି ଯେ କେହି ଜନ୍ନତରେ ମୋ ସାଥିକୁ ଦେଖିବାକୁ ଚାହୁଁଛନ୍ତି ସେ ଏହି ବୃଦ୍ଧ ବ୍ୟକ୍ତିକୁ ଦେଖିନେଉ** । ଅତଏବ ମୁସଲମାନମାନେ (ବସିଥିବା ସ୍ଥାନରୁ) ଉଠି ଉକାଶାଙ୍କ ମଥାକୁ ଚୁମ୍ବନ ଦେବାକୁ ଲାଗିଲେ ଏବଂ ତାଙ୍କୁ ଶୁଭେଚ୍ଛା ପ୍ରଦାନ କଲେ କି ତୁମେ ବହୁତ ଉଚ୍ଚ ସ୍ତର ଓ ହଜୁର ସ.ଆଙ୍କ ନିକଟବର୍ତୀ ହେବାର ସୌଭାଗ୍ୟ ଅର୍ଜନ କରିନେଲ" । (ମଜ୍‌ମୁଅଜ୍ ଜୱାଇଦ୍, ଖଣ୍ଡ-୮, ପୃଷ୍ଠା-୪୨୯-୪୩୧, ପୁସ୍ତକ- ଇଲାମାତୁନ୍ ନବୁୱତା, ହଦିସ୍ ନଂ-୧୪୨୫୩, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ୍-୨୦୦୧) ଇଏ ଥିଲେ ହଜ୍‌ରତ୍ ଉକାଶା । ସେ ଏହି ଅବସରରୁ ଲାଭ ଉଠାଇଲେ କି ଆଁ ହଜ୍‌ରତ୍ ସ:ଆ:ସ ବର୍ତମାନ (ନିଜ ପ୍ରଭୁ)ଙ୍କ ନିକଟକୁ ଫେରିଯିବାର ଖବର ଶୁଣାଉଛନ୍ତି । ଏବେ ଆଗକୁ ଜଣାନାହିଁ, ଏପରି ଅବସର ମିଳିବ କି ନାହିଁ । ସେ କହିଲେ କି ଜୀବନରେ ଏ ଅବସର ମିଳିଛି କି ଆପଣ ସ:ଆ:ସଙ୍କ ଶରୀରକୁ ନା କେବଳ ସ୍ପର୍ଶ କରିବି ବରଂ ତାହାକୁ ଚୁମା ଦେବି ।

ହଜରତ ଅବୁବକର ର.ଅଙ୍କ ଖିଲାଫତ୍ କାଳରେ ହଜରତ ଖାଲିଦ ବିନ୍ ୱଲିଦ୍‌ଙ୍କ ସାଥିରେ ହଜରତ ଉକାଶା ଅମାନ୍ୟକାରୀଙ୍କୁ ଦଣ୍ଡ ଦେବା ନିମନ୍ତେ ଗଲେ । ଇସା ବିନ୍ ଉମୈଲା ନିଜ ବାପାଙ୍କ ଠାରୁ ରିୱାୟତ୍ କରୁଛନ୍ତି କି ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ଲୋକମାନଙ୍କର ବିପକ୍ଷରେ ଯୁଦ୍ଧ କରିବାକୁ ଯିବାପାଇଁ ବାହାରୁଥିବା ବେଳେ ଯଦି ଅଜାନ୍ ଶୁଣନ୍ତି ତେବେ ଆକ୍ରମଣ କରନ୍ତି ନାହିଁ ଓ ଯଦି ଅଜାନ୍ ନଶୁଣନ୍ତି ତେବେ ଆକ୍ରମଣ କରିଦିଅନ୍ତି । ଯେବେ ସେ ଉକ୍ତ କୌମ୍‌ଙ୍କ ନିକଟରେ ପହଂଚିଲେ ଯାହା ବୁଜାଖା ସ୍ଥାନରେ ଥିଲା ସେତେବେଳେ ହଜରତ ଖାଲିଦ ବିନ୍ ୱଲିଦ୍, ହଜରତ ଉକାଶା ବିନ୍ ମୋହସିନ୍ ଓ ହଜରତ ସାବିତ ବିନ୍ ଅକରମ୍‌ଙ୍କୁ ଗୁପ୍ତଚର ଭାବରେ ପ୍ରେରଣ କଲେ କି ଯାଇ ଶତ୍ରୁଙ୍କ ସୂଚନା ନେଇଆସ । ସେ ଦୁହେଁ ଘୋଡ଼ାରେ ଗଲେ, ହଜରତ ଉକାଶାଙ୍କ ଘୋଡ଼ାର ନାମ ଅର୍‌ରଯାମ୍ ଓ ହଜରତ ସାବିତଙ୍କ ଘୋଡ଼ାର ନାମ ଅଲମୁହବ୍‌ବର୍ ଥିଲା । ସେହି ଦୁଇଜଣଙ୍କର ସାକ୍ଷାତ ତୁଲୈହା ଓ ତାଙ୍କ ଭାଇ ସଲମା (ଅମାନ୍ୟକାରୀଙ୍କ ଗୁପ୍ତଚର) ସହିତ ହୋଇଗଲା ଯେ ମୁସଲମାନମାନଙ୍କ ଖବର ନେବାକୁ ଆସିଥିଲେ । ତଲହାଙ୍କ ମୁକାବିଲା ହଜରତ ଅକାଶାଙ୍କ ସହିତ ହେଲା ଓ ସଲମାଙ୍କ ମୁକାବିଲା ହଜରତ ସାବିତଙ୍କ ସହିତ ହେଲା ଉଭୟ ଭାଇ ଉକ୍ତ ସାହାବା ଦ୍ୱୟଙ୍କୁ ଶହିଦ୍ କରିଦେଲେ । ଅବୁ ୱାକେଦୁଲ୍ ଲୈଶି ବର୍ଣ୍ଣନା କରୁଛନ୍ତି କି ଆମେ ଦୁଇଶହ ସୈନିକ ସେନାର ଆଗରେ ଚାଲୁଥିଲୁ । ଆମେ ସେହି ଦୁଇଜଣ ଅର୍ଥାତ୍ ହଜ୍‌ରତ୍ ସାବିତ୍ ଓ ହଜ୍‌ରତ୍ ଉକାଶାଙ୍କ ନିକଟରେ ଛିଡ଼ା ହୋଇ ରହିଲୁ । ଏପରିକି ହଜ୍‌ରତ୍ ଖାଲିଦ୍ ଆସିଲେ ଓ ତାଙ୍କ ନିର୍ଦ୍ଦେଶକ୍ରମେ ଆମେ ହଜ୍‌ରତ୍ ସାବିତ୍ ଓ ହଜ୍‌ରତ୍ ଉକାଶାଙ୍କୁ ସେମାନଙ୍କର ଲହୁରେ ଭିଜି ଯାଇଥିବା କପଡ଼ାରେ ହିଁ ଦଫନ୍ (ମାଟିରେ ପୋତିଦେବା) କରିଦେଲୁ । ଏହି ଘଟଣା ୧୨ ହିଜରୀରେ ଘଟିଥିଲା, ଏପରି ଭାବରେ ଉକାଶା ର.ଅ ଶହିଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୫, ସାବିତ୍ ବିନ୍ ଅକ୍‌ରମ୍, ମୁଦ୍ରଣ ଦାରେ ଅହ୍‌ୟା ଅତୁରାସ୍ ଅଲ୍ ଅରବି, ବେରୁତ୍-୧୯୯୬)

ହଜରତ ମହମ୍ମଦ ସ.ଆଙ୍କର ଜଣେ ସାହାବା ହଜରତ ଖାରଜାଃ ବିନ୍ ଜୈଦ୍ ଥିଲେ । ତାଙ୍କ ସମ୍ପର୍କ ଖଜ୍‌ରଜ୍ ବଂଶଧର ଅଗରା ସହିତ ଥିଲା । ତାଙ୍କ କନ୍ୟା ହଜରତ ହବିବାଃ ବିନ୍ ଖାରଜାଃ ହଜରତ ଅବୁବକର୍‌ଙ୍କର ପତ୍ନୀ ଥିଲେ । ଯାହାଙ୍କ ଗର୍ଭରୁ ହଜରତ ଉମ୍ମେ କୁଲସୁମ୍ ଜନ୍ମ ନେଇଥିଲେ । ହଜୁର ସ.ଆ ହଜରତ ଖାରଜାଃ ଓ ହଜରତ ଅବୁବକର ସିଦିକ୍‌ଙ୍କ ମଧ୍ୟରେ ମୁଆଖାତ୍ (ଭାତୃଭାବ) ର ସମ୍ପର୍କ ସ୍ଥାପନ କରିଥିଲେ । ସେ ନିଜ କବିଲାର ମୁଖିଆ ଥିଲେ ଏବଂ ତାଙ୍କର ଗଣତି ବଡ଼ ବଡ଼ ସାହାବାଙ୍କ ମଧ୍ୟରେ ହେଉଥିଲା । ସେ ଉକବାଠାରେ ବୟତ କରିଥିଲେ" ।

(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୭୧...ଖାରଜାବିନ୍ ଜଏଦ୍...ବେରୁତ୍-୧୯୯୬)

ହିଜରତ ମଦିନା ପରେ ହଜରତ ଅବୁବକର ସିଦିକ୍ ହଜରତ ଖାରଜାଃଙ୍କ ଘରେ ରହିଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠ-୬୪୦, ଖାରଜାବିନ୍ ଜଏଦ୍...ଲେବ୍‌ନାନ୍ ୨୦୦୩) ସେ ବଦର ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ୱହଦ ଯୁଦ୍ଧରେ ବେଶ୍ ସାହାସି ଓ ବୀରତ୍ୱର ସହିତ ଲଢି ଶହିଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ଶରୀରରେ ୧୩ରୁ ଅଧିକ ଭାଲା ମରାଯାଇଥିବା ଆଘାତ ଥିଲା । ଆପଣ ଉକ୍ତ ଆଘାତ ଦ୍ୱାରା ଭୂପୃଷ୍ଟରେ ପଡ଼ି ରହିଥିଲେ କି ନିକଟରୁ ସଫୱାନ୍ ବିନ ଉମୟା ଅତିକ୍ରମ କଲା ଏବଂ ତାଙ୍କୁ ଚିହ୍ନି ଆକ୍ରମଣ କରି ଶହିଦ୍ କରିଦେଲା । ତାପରେ ସେ ଖାରଜାଙ୍କୁ ମୁସ୍‌ଲା (ଅର୍ଥାତ୍ ନାକ କାନ କାଟିଦେଇ) କରି କହିଲା ଏହି ବ୍ୟକ୍ତି ସେମାନଙ୍କ ମଧ୍ୟରୁ ହେଉଛି ଅନ୍ୟତମ ଯିଏ ବଦର ଯୁଦ୍ଧରେ ଅବୁଲ୍‌ଆଲାଙ୍କୁ ଅର୍ଥାତ ମୋ ପିତା ଉମୟା ବିନ୍ ଖଲଫ୍‌ଙ୍କୁ ହତ୍ୟା କରିଥିଲେ । ବର୍ତମାନ ମୋତେ ସୁଯୋଗ ମିଳିଛି କି ମୁଁ ଏହି ମହମ୍ମଦଙ୍କ ସାହାବାଙ୍କ ମଧ୍ୟରୁ ଉତମ ଲୋକମାନଙ୍କୁ ହତ୍ୟା କରି ନିଜ ହୃଦୟକୁ ଶାନ୍ତି ପହଂଚାଇବି । ସେ ହଜରତ ଇବ୍‌ନେ କୋକଲ୍ ହଜରତ ଖାରଜାଃ ବିନ୍ ଜୈଦ୍ ଓ ହଜରତ ଅୱସ୍ ବିନ୍ ଅରକମ୍‌ଙ୍କୁ ଶହିଦ୍ କରିଥିଲେ । ହଜରତ ଖାରଜାଃ ଓ ହଜରତ ସାଦ ବିନ୍ ରବି ଯେ କି ଆପଣଙ୍କ ଚଚା ପୁଅ ଭାଇ ଥିଲେ, ଉଭୟଙ୍କୁ ଗୋଟିଏ କବରରେ ଦଫନ୍ କରାଯାଇଥିଲା" । (ଅଲ୍ ଇସ୍ତିଆବ୍, ଖଣ୍ଡ-୨, ପୃଷ୍ଠା- ୩-୪, ଖାରଜାବିନ୍ ଜଏଦ୍...ବେରୁତ୍ ୨୦୦୨) ଦରଜ ଅଛି ୱହଦ ଯୁଦ୍ଧରେ ହଜରତ ଅବ୍‌ବାସ ବିନ୍ ଅବାଦାଃ ଉଚ୍ଚ ଶ୍ୱରରେ କହୁଥିଲେ କି ହେ ମୁସଲମାନମାନଙ୍କ ଦଳ ! ଅଲ୍ଲାଃ ଓ ଅଲ୍ଲାଃଙ୍କ ନବୀଙ୍କ ସହ ଏକାଠି ରୁହ । ଯେଉଁ କଷ୍ଟ ତୁମକୁ ପହଂଚିଅଛି ତାହା ତୁମ (ରସୁଲଙ୍କ ଆଦେଶ) ଅମାନ୍ୟ କରିବା ଯୋଗୁଁ ପହଂଚିଅଛି । ସେ ତୁମକୁ ସାହାଯ୍ୟ କରିବାର ପ୍ରତିଶୃତି ଦେଇଛନ୍ତି କିନ୍ତୁ ତୁମେ ଧର୍ଯ୍ୟ ରକ୍ଷା କଲ ନାହିଁ । ତାପରେ ଅବାଦାଃ ନିଜ ଜରାଃ (ଯୁଦ୍ଧ ବସ୍ତ୍ର) ଓହ୍ଲାଇ ହଜରତ ଖାରଜାଃଙ୍କୁ ପଚାରିଲେ କ'ଣ ଆପଣଙ୍କୁ ଏହା ଆବଶ୍ୟକ ଅଛି ? ଖାରଜାଃ କହିଲେ ନା, ତୁମେ ଯେଉଁ ଜିନିଷର ଆଶା ବାନ୍ଧିଛ ମୁଁ ମଧ୍ୟ ତାହା ହିଁ ଚାହୁଁଛି । ତା'ପରେ ସେମାନେ ସମସ୍ତେ ଶତ୍ରୁଙ୍କ ସହିତ ଯୁଦ୍ଧ କଲେ । ଅବାଦାଃ କୁହନ୍ତି ଆମ ଆଖି ସାମନାରେ ଯଦି ହଜୁର ସ.ଆଙ୍କୁ କୌଣସି କଷ୍ଟ ପହଂଚିବ ତେବେ ଆମେ ଅଲ୍ଲାଃତାଲାଙ୍କୁ କି ଉତର ଦେବା । ହଜରତ ଖାରଜାଃ କହୁଥିଲେ କି ଅଲ୍ଲାଃଙ୍କ ନିକଟରେ ଆମର ନା କୌଣସି ବାହାନା ଥିଲା ନା ଦଲିଲ୍ । ହଜରତ ଅବ୍‌ବାସ ବିନ୍ ଅବାଦାଃଙ୍କୁ ସୁଫୟାନ୍ ବିନ୍ ଅବଦୁଲ୍ ଶମସ୍ ସଲ୍‌ମି ଶହିଦ କଲେ ଏବଂ ଖାରଜାଃ ଆହତ ଅବସ୍ଥାରେ ବସିଥିଲେ, ତାଙ୍କୁ ପାଖାପାଖି ୧୦ରୁ ଅଧିକ ତୀରର ଆଘାତ ଲାଗିଥିଲା" । (କିତାବୁଲ୍ ମଗାଜି, ଖଣ୍ଡ-୧, ପୃଷ୍ଠା- ୨୨୭-୨୨୮, ବାବ୍ ଗଜୁଆ ୱହଦ୍....ବେରୁତ୍-୨୦୦୪)

ୱହଦ ଯୁଦ୍ଧରେ ହଜରତ ମାଲିକ ବିନ୍ ଦୁଖଶମ୍ ହଜରତ ଖାରଜାଃ ବିନ ଜୈଦ୍‌ଙ୍କ

ନିକଟରୁ ଅତିକ୍ରମ କଲେ । ସେ ଆଘାତର ଯନ୍ତ୍ରଣାରେ ବସିଥିଲେ ତାଙ୍କୁ ପାଖାପାଖି ୧୩ ଗୋଟି ଘାତକ ଆଘାତ ଲାଗିଥିଲା ହଜରତ ମାଲିକ୍ ତାଙ୍କୁ କହିଲେ କ'ଣ ଆପଣଙ୍କୁ ଜଣା ନାହିଁ କି ହଜରତ ମହମ୍ମଦ ସ.ଆ ଶହିଦ୍ ହୋଇଗଲେ । ହଜରତ ଖାରଜାଃ କହିଲେ ଯଦି ଆପଣ ଶହିଦ୍ ହୋଇଗଲେ ତେବେ ସୁନିଶ୍ଚିତ ଅଲ୍ଲାଃ ଜୀବିତ ଏବଂ ସେ ଚିରଞ୍ଜୀବୀ । ହଜୁର ସ.ଆ ବାର୍ତ୍ତା ପହଂଚାଇଦେଲେ । ତୁମେ ମଧ୍ୟ ନିଜ ଧର୍ମ (ରକ୍ଷା) ନିମନ୍ତେ ଯୁଦ୍ଧ କର" । (କିତାବୁଲ୍ ମଗାଜି, ଖଣ୍ଡ-୧, ପୃଷ୍ଠା-୨୪୩, ବାବ୍ ଗଜ୍ଓଆ ଓ୍ୱହଦ୍... ବେରୁତ୍-୨୦୦୪)

"ହଜ୍‌ରତ୍ ଖାରଜାଙ୍କର ଦୁଇଜଣ ସନ୍ତାନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହଜ୍‌ରତ୍ ଜଏଦ୍‌ବିନ୍ ଖାରଜା, ଯିଏ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ଯୁଗରେ ମୃତ୍ୟୁବରଣ କଲେ । ହଜ୍‌ରତ୍ ଖାରଜାବିନ୍ ଜଏଦ୍‌ଙ୍କର ଦ୍ୱିତୀୟ ସନ୍ତାନ ହେଉଛନ୍ତି ହଜ୍‌ରତ୍ ହବିବା ବିନ୍ତ୍ ଖାରଜା । ତାଙ୍କ ବିବାହ ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍‌ଙ୍କ ସହିତ ହୋଇଥିଲା । ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍‌ଙ୍କର ଯେତେବେଳେ ଦେହାନ୍ତ ହେଲା ତାଙ୍କ ସ୍ତ୍ରୀ ହଜ୍‌ରତ୍ ହବିବା ଅନ୍ତଃସତ୍ତ୍ୱା ଥିଲେ । ଅବୁବକର୍ କହିଥିଲେ କି ମୁଁ ତାଙ୍କଠାରୁ ଗୋଟିଏ ଝିଅର ଆଶା ରଖିଛି । ସୁତରାଂ ସେ ଗୋଟିଏ ଝିଅ ଜନ୍ମ କଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୪୦-୬୪୧, ଖାରଜାବିନ୍ ଜଏଦ୍...ବେରୁତ୍-୨୦୦୩)

ପୁଣି ହଜରତ ମହମ୍ମଦ ସ.ଆଙ୍କର ଜଣେ ସାହାବା ହଜରତ ଯିୟାଦ ବିନ୍ ଲବିଦ୍ ଥିଲେ । ତାଙ୍କ ମା'ଙ୍କ ନାମ ଉମ୍ରା ବିନ୍ତ୍ ଉବେଦ୍ ବିନ୍ ମତ୍‌ରୁଫ୍ ଥିଲା । ହଜ୍‌ରତ୍ ଜିଆଦ୍‌ଙ୍କର ଗୋଟିଏ ପୁତ୍ର ଯାହାଙ୍କ ନାମ ଅବଦୁଲ୍ଲା ଥିଲା । ସେ ଉକ୍‌ବା ସାନିୟାଃ (ଦ୍ୱିତୀୟ ଉକବା) ରେ ୭୦ଜଣ ସାହାବାଙ୍କ ମଧ୍ୟରେ ସାମିଲ୍ ହୋଇ ବୟତ କରିଥିଲେ । ଇସଲାମ ସ୍ୱୀକାର କରିବା ପରେ ଯେତେବେଳେ ସେ ମଦିନା ଫେରିଲେ ନିଜ କବିଲା ବନୁ ବିୟାଜଙ୍କ ପ୍ରତିମାଗୁଡ଼ିକୁ ଭାଙ୍ଗିଦେଲେ । ତାପରେ ସେ ହଜୁର ସ.ଆଙ୍କ ନିକଟକୁ ମକ୍କା ଚାଲିଗଲେ ଓ ସେହିଠାରେ ରହିଗଲେ । ହଜୁର ସ.ଆଙ୍କ ମଦିନା ହିଜରତ ପରେ ସେ ମଧ୍ୟ ମଦିନା ଆସିଗଲେ ତେଣୁ ତାଙ୍କୁ **ମୁହାଜିର୍ ଅନ୍‌ସାରୀ** କୁହାଯାଏ । ହଜରତ ଯିୟାଦ ବଦର, ଓ୍ୱହଦ, ଖନ୍ଦକ ଓ ଆହୁରି ଅନେକ ଯୁଦ୍ଧରେ ହଜୁର ସ.ଆଙ୍କ ସହିତ ସାମିଲ ଥିଲେ" । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୨, ଜିଆଦ୍ ବିନ୍ ଲବିଦ୍...ବେରୁତ୍-୧୯୯୬) ହଜୁର ସ.ଆ ହିଜରତ କରି ମଦିନା ପହଂଚିବା ପରେ କବିଲା ବନୁ ବିୟାଜାଃ ମଧ୍ୟ ଦେଇ ଅତିକ୍ରମ କରୁଥିଲେ କି ହଜରତ ଯିୟାଦ ଆପଣଙ୍କୁ ସ୍ୱାଗତ ଜଣାଇ ନିଜ ଘରେ ରହିବାକୁ ନିମନ୍ତ୍ରଣ କଲେ କିନ୍ତୁ ହଜୁର ସ.ଆ କହିଲେ ମୋ ଓଟକୁ ସ୍ୱାଧିନ ଛାଡ଼ି ଦିଅ ସେ ସ୍ୱୟଂ (ମୋ) ରହିବା ସ୍ଥଳି ଖୋଜିନେବ ।

ମୋହରମ ମାସ ୯ ହିଜରୀରେ ହଜୁର ସ.ଆ ସଦକା ଓ ଜକାତ୍ ନେବା ନିମନ୍ତେ ଅଲଗା ଅଲଗା ଶୁଳ୍କ ଆଦାୟକାରୀ ଚୟନ କଲେ । ତେବେ ହଜରତ ଯିୟାଦ୍‌ଙ୍କୁ ହଜରତ୍ ମୌତ ଅଂଚଳର ଶୁଳ୍କ ଆଦାୟ କରିବା ଦାୟିତ୍ୱ ଭାର ଦିଆଯାଇଥିଲା । ହଜରତ ଉମର ର.ଅଙ୍କ କାଳରେ ସେ ଉକ୍ତ କାର୍ଯ୍ୟରେ ମୃତୟନ ଥିଲେ । ସେହି କର୍ତ୍ତବ୍ୟରୁ ମୁକ୍ତ ହେବା ପରେ ସେ କୁଫାରେ ଯାଇ ରହିଲେ ଏବଂ ସେହିଠାରେ ହିଁ ୪୧ ହିଜରୀରେ ଦେହତ୍ୟାଗ କଲେ" । (ସରଓ୍ୱରେ କାଏନାତ୍‌ର ପଚାଶଜଣ ସାହାବା, ଲେଖକ-ତାଲିବ୍ ଅଲ୍ ହାସ୍‌ମି, ପୃଷ୍ଠା-୫୫୭-୫୫୯...ଲାହୋର୍-୧୯୮୫)

ଇତିହାସରେ ରହିଛି କି ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍‌ଙ୍କ ଖିଲାଫତ୍ ଯୁଗରେ ଯେତେବେଳେ ଫିତନା ଇର୍‌ତେଦାଦ୍ (ଧର୍ମକୁ ଛାଡ଼ି ଚାଲିଯିବା) ଅଧିକ ଜୋର୍ ଧରିଲା ଓ ଲୋକମାନେ ଜକାତ୍ ଦେବାପାଇଁ ମନା କରିଦେଲେ ସେତେବେଳେ ଅଶ୍‌ଅସ୍ ବିନ୍ କଏସ୍ ଅଲ୍ କୁନ୍ଦି ମଧ୍ୟ ଇର୍‌ତେଦାଦ୍ ଗ୍ରହଣ କଲେ । ହଜ୍‌ରତ୍ ଜିଆଦ୍‌ଙ୍କୁ ତାଙ୍କ ମୁଲୋତ୍ପାଟନ ପାଇଁ ନିୟୋଜିତ କରାଗଲା । ଯେବେ ଜିଆଦ୍ ତା ଉପରେ ଆକ୍ରମଣ କଲେ ସେ ନହିର୍ କିଲା ଭିତରେ ଆଶ୍ରୟ ନେଲା । ହଜ୍‌ରତ୍ ଜିଆଦ୍ ତାଙ୍କୁ ଭୀଷଣ ରୂପେ ଘେରିଗଲେ । ଫଳତଃ ସେ ବିବଶ ହୋଇଗଲା ଓ ବାର୍ତ୍ତା ପଠାଇଲା କି ମୋତେ ଓ ଆଉ ନଅଜଣ ଲୋକଙ୍କୁ ଯଦି ଶରଣ ଦିଆଯିବ ତେବେ କିଲାର ଦ୍ୱାରକୁ ଖୋଲିଦେବି । ହଜ୍‌ରତ୍ ଜିଆଦ୍ କହିଲେ ଚୁକ୍ତିପତ୍ର ଲେଖିଆଣ । ମୁଁ ସେଥିରେ ମୋହର୍ ଲଗାଇଦେବି । ଏହାପରେ ସେମାନେ କିଲାର ଦ୍ୱାରକୁ ଖୋଲିଦେଲେ । ପରେ ଯେତେବେଳେ ସେହି ଚୁକ୍ତିପତ୍ରରେ ଦେଖାଗଲା ସେଥିରେ ବାକି ନଅଜଣ ଲୋକଙ୍କର ନାମ ତ ଲେଖାଥିଲା କିନ୍ତୁ ଅଶ୍‌ଅସ୍ ନିଜର ନାମ ଲେଖିବାକୁ ଭୁଲି ଯାଇଥିଲା । ତେଣୁ ତାକୁ ଅନ୍ୟ କଏଦୀ ମାନଙ୍କ ସହିତ ମଦିନା ମନଓ୍ୱରାକୁ ପଠାଇ ଦିଆଗଲା । (ଅନ୍‌ତାଉଲ୍ ଅସ୍‌ମାଆ, ଖଣ୍ଡ-୧୪, ପୃଷ୍ଠା-୨୫୪-୨୫୫...ବେରୁତ୍-୧୯୯୬)

ହଜରତ ମହମ୍ମଦ ସ.ଆଙ୍କର ଆଉ ଜଣେ ସାହାବା ଥିଲେ ହଜରତ ମୁଅତିବ୍ ବିନ୍ ଉବୈଦ୍ । ତାଙ୍କର କୌଣସି ସନ୍ତାନ ନଥିଲେ । ତାଙ୍କ ପୁତୁରା ଉସୈର୍ ବିନ୍ ଉର୍‌ଓ୍ୱା ତାଙ୍କର ଓ୍ୱାରିସ୍ ହେଲେ । ହଜରତ ମୁଅତିବ୍ ବିନ୍ ଉବୈଦ୍ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ ଏବଂ ସେ ୟୋମୁର୍ ରଜିଇ (ରଜିଇର ଦିନ) ଶହିଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୦...ବେରୁତ୍-୧୯୯୬) ରଜିଇର ଯେଉଁ ଘଟଣା ଥିଲା ତାହା ହେଉଛି ଏପରି କି ସେଥିରେ ଦଶଜଣ ମୁସଲ୍‌ମାନଙ୍କୁ ଶହିଦ୍ କରିଦିଆଯାଇଥିଲା । ହଜରତ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି ସେହି ଦିନ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ଭୟଙ୍କର ଦିନ ଥିଲା ଏବଂ ଚତୁର୍ପାଶ୍ୱରୁ ହଜୁର ସ.ଆଙ୍କ ନିକଟକୁ ଭୟଙ୍କର ସୂଚନାମାନ ଆସୁଥିଲା କିନ୍ତୁ ସବୁଠାରୁ ଅଧିକ ଡ଼ର ଆପଣଙ୍କୁ କୁରୈଶଙ୍କଠାରୁ ଲାଗି ରହିଥିଲା , ଯେ କି ଓ୍ୱହଦ ଯୁଦ୍ଧ ପରେ ଅତ୍ୟଧିକ ଉତେଜିତ ଓ ଅହଂକାରୀ ପାଲଟି ଯାଇଥିଲେ । ଏହି ଭୟାବହତାକୁ ଅନୁଭବ କରି ହଜୁର ସ.ଆ ସଫର ମାସ ୪ ହିଜରୀରେ ୧୦ଜଣ ସାହାବିଙ୍କର ଏକ ଦଳ ଗଠନ କଲେ ଏବଂ ସେମାନଙ୍କ ମଧ୍ୟରେ ଅହସନ୍ ବିନ୍ ସାବିତ୍‌ଙ୍କୁ ଅମିର କରି ଆଦେଶ ଦେଲେ କି ଗୁପ୍ତ ଭାବରେ ମକ୍କା ଯାଇ କୁରୈଶଙ୍କ ସମ୍ପର୍କରେ ଖବର ଆଣ ଏବଂ ସେମାନଙ୍କ କାର୍ଯ୍ୟକଳାପ ଓ ଉଦ୍ଦେଶ୍ୟ ସମ୍ପର୍କରେ ମୋତେ ଅବଗତ କର କିନ୍ତୁ ବର୍ତ୍ତମାନ ଉକ୍ତ ଦଳ ମଦିନାରୁ ବାହାରି ନଥିଲା କି ଅଜଲ କବିଲା ଓ କାରା କବିଲାର କିଛି ଲୋକ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ଆମ ବସ୍ତିରୁ ବହୁତ ଲୋକ ଇସଲାମ ପ୍ରତି ଆକୃଷ୍ଟ ହୋଇଛନ୍ତି । ଆପଣ କିଛି ଲୋକ ଆମ ସହିତ ପଠାନ୍ତୁ ଯେ ଆମକୁ ଇସଲାମର ଶିକ୍ଷା ସହ ଅବଗତ କରିବେ ଏବଂ ଆମକୁ ମୁସଲମାନ କରାଇବେ । ହଜୁର ସ.ଆ ତାଙ୍କର ଏହି ମନସ୍କାମନା ପୂରଣ କରିବା ନିମନ୍ତେ ସେହି ଦଳ ଯେ କି କୁରୈଶଙ୍କ ଖବର ଆଣିବା ନିମନ୍ତେ ଗଠିତ ହୋଇଥିଲା, ସେମାନଙ୍କ ସହ ପ୍ରେରଣ କରିଦେଲେ । କିନ୍ତୁ ପରେ ଜଣାଗଲା କି ସେମାନେ ମିଥ୍ୟାବାଦୀ ଥିଲେ ଏବଂ ବନୁ ଲିହ୍‌ୟାନ୍‌ଙ୍କ କହିବାରେ ମଦିନା ଆସିଥିଲେ, ଯେ ନିଜ ମୁଖିଆ ସୁଫୟାନ୍ ବିନ୍ ଖାଲିଦ୍‌ଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି ଷଡ଼ଯନ୍ତ୍ର କରିଥିଲେ କି ମୁସଲମାନମାନଙ୍କୁ ମଦିନାରୁ ବାହାର କରି ତାଙ୍କ ଉପରେ ଆକ୍ରମଣ କରିଦେବା । ଏବଂ ବନୁ ଲିହିଆନ୍ ଏହି କାର୍ଯ୍ୟର ପ୍ରତିବଦଳରେ ଅଜଲ୍ ଏବଂ କାରାକବିଲାର ଲୋକମାନଙ୍କ ପାଇଁ ବହୁତ ଗୁଡ଼ିଏ ଓଟ ପୁରସ୍କାର ରୂପେ ରଖିଥିଲେ । ଯେତେବେଳେ ଅଜଲ ଓ କାରାର ଏହି ବିଶ୍ୱାସଘାତିମାନେ ଅସଫାନ୍ ଓ ମକ୍କା ମଧ୍ୟବର୍ତ୍ତୀ ଅଂଚଳରେ ପହଂଚିଲେ ସେମାନେ ଗୁପ୍ତ ଭାବରେ ବନୁ ଲିହ୍‌ୟାନ୍‌ଙ୍କୁ ଖବର ପଠାଇଲେ କି ମୁସଲମାନ ଆମ ସହିତ ଆସୁଛନ୍ତି, ତେଣୁ ତୁମେମାନେ ଆସିଯାଅ । ବନୁ ଲହାନ୍‌ର ୨୦୦ ଜଣ ଯୁବକ ଯେଉଁମାନଙ୍କ ମଧ୍ୟରେ ୧୦୦ଜଣ ଧନୁର୍ଧର ଥିଲେ, ମୁସଲମାନମାନଙ୍କୁ ମାରିବାକୁ ବାହାରିଲେ ଏବଂ ରଜିଇ ନାମକ ସ୍ଥାନରେ ଆସି ମୁହାଁମୁହିଁ ହେଲେ । ୧୦ ଜଣ ଲୋକ ୨୦୦ ସୈନ୍ୟଙ୍କର କ'ଣ ବା ମୁକାବିଲା କରିଥାନ୍ତେ କିନ୍ତୁ ମୁସଲ୍‌ମାନ୍ ମାନଙ୍କୁ ଅସ୍ତ୍ର ପରିତ୍ୟାଗ କରିବା ପାଇଁ ଶିକ୍ଷା ଦିଆଯାଇନଥିଲା । ଯଦି ଏପରି ପରିସ୍ଥିତି ଉପୁଜି ଯାଏ ଅର୍ଥାତ୍ ଯେତେବେଳେ ତୁମକୁ ଚାରିପଟୁ ଘେରି ନିଆଯାଏ ତେବେ ପୁଣି ଏହି ନିର୍ଦ୍ଦେଶ ରହିଛି କି ତୁମେ ଯୁଦ୍ଧ କର । ଅତଃ ମୁସଲମାନମାନେ ଏକ ପାହାଡ଼ ଉପରେ ଚଢ଼ି ମୁକାବିଲା କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କଲେ । ଅମାନ୍ୟକାରୀମାନେ ଯାହାଙ୍କ ନିକଟରେ ଧୋକା ଦେବା କୌଣସି ଖରାପ କାର୍ଯ୍ୟ ନଥିଲା ସେମାନେ ତାଙ୍କୁ ଉଚ୍ଚ ସ୍ୱରରେ କହିଲେ ତୁମେ ତଳକୁ ଚାଲିଆସ ଆମେ ପ୍ରତିଜ୍ଞା କରୁଛୁ ତୁମକୁ ହତ୍ୟା କରିବୁ ନାହିଁ । ଆସିମ ର.ଅ ଉତର ଦେଲେ ଆମକୁ ତୁମ ପ୍ରତିଶୃତି ଉପରେ ତିଳେ ମାତ୍ର ବିଶ୍ୱାସ ନାହିଁ । ଆମେ ତୁମର ଏହି କଥାରେ ଓହ୍ଲାଇପାରିବୁ ନାହିଁ । ତାପରେ ସେ ଆକାଶ ମାର୍ଗକୁ ଚାହିଁ କହିଲେ ହେ ଅଲ୍ଲାଃ ! ତୁମେ ଆମ ଅବସ୍ଥା ଦେଖୁଅଛ ନିଜ ରସୁଲ୍‌ଙ୍କୁ ଆମ ଅବସ୍ଥା ସମ୍ପର୍କରେ ଅବଗତ କରାଅ । ତାପରେ ଆସିମ ଓ ତାଙ୍କ ସାଥିମାନେ ମୁକାବିଲା କଲେ ଏବଂ ଲଢ଼ି ଲଢ଼ି ଶହିଦ୍ ହୋଇଗଲେ । ଯେତେବେଳେ ସାତଜଣ ସାହାବାଙ୍କୁ ମାରି ଦିଆଗଲା ଓ କେବଳ ଖୁବୈବ୍ ବିନ୍ ଅଦି ଓ ଜଏଦ୍ ବିନ୍ ଦସିନା ଓ ଆଉଜଣେ ସାହାବୀ ବାକି ରହିଗଲେ ତେବେ କୁଫାର୍‌ମାନେ, ଯାହାଙ୍କର ଅସଲ ଉଦ୍ଦେଶ୍ୟ ଏମାନଙ୍କୁ ଜିବୀତ ଧରିବାର ଥିଲା, ସେମାନେ ପୁଣି ଉଚ୍ଚ ସ୍ୱରରେ କହିଲେ କି ଏବେ ମଧ୍ୟ ତଳକୁ ଓହ୍ଲାଇ ଆସ । ଆମେ ପ୍ରତିଶୃତି ଦେଉଅଛୁ କି ତୁମକୁ କୌଣସି ପ୍ରକାର କଷ୍ଟ ପହଂଚାଇବୁ ନାହିଁ । ଏଥରକ ଉକ୍ତ ସାଧାସିଧା ମୁସଲ୍‌ମାନ୍‌ମାନେ ସେମାନଙ୍କ ଫାନ୍ଦରେ ପଡ଼ି ତଳକୁ ଓହ୍ଲାଇ ଆସିଲେ । କିନ୍ତୁ ତଳକୁ ଓହ୍ଲାଇବା କ୍ଷଣି କୁଫାର୍ ସେମାନଙ୍କୁ ନିଜ ତୀର କମାଣରେ ବାନ୍ଧିଦେଲେ । ଏଥିରେ ଖୁବୈବ୍ ଏବଂ ଜଏଦ୍‌ଙ୍କର ସାଙ୍ଗ ଯାହାଙ୍କ ନାମ ଇତିହାସରେ ଅବ୍‌ଦୁଲାଃବିନ୍ ତାରିକ୍ ବୋଲି ଲେଖାଯାଇଛି, ସେ ଧୈର୍ଯ୍ୟ ରଖିପାରିଲେ ନାହିଁ । ତେଣୁ ସେ ଉଚ୍ଚ ସ୍ୱରରେ କହିଲେ କି ଏହା ହେଉଛି ତୁମର ପ୍ରଥମ ବଦ୍ ଅହଦି (ପ୍ରତିଶୃତିଭଙ୍ଗ) ଏବଂ ଜଣାନାହିଁ ତୁମେ ଆଗକୁ ଯାଇ ଆଉ କଣ କଣ କରିବ । ସୁତରାଂ ଅବ୍‌ଦୁଲ୍ଲାଃ ସେମାନଙ୍କ ସହିତ ଯିବା ପାଇଁ ମନା କରିଦେଲେ । ଏଥିରେ କୁଫାର୍ କିଛି ଦୂର ପର୍ଯ୍ୟନ୍ତ ଅବ୍‌ଦୁଲାଙ୍କୁ ଘୋଷାଡ଼ି ଅତ୍ୟାଚାର କରି ନେଲେ ଓ ପୁଣି ତାଙ୍କୁ ହତ୍ୟା କରି ସେଠାରେ ଫିଙ୍ଗିଦେଲେ । ଯେହେତୁ ସେମାନଙ୍କର ପ୍ରତିଶୋଧ ପୂରଣ ହୋଇଯାଇଥିଲା ଓ କୁରୈଶ୍ ମାନଙ୍କୁ ଖୁସି କରାଇବା ପାଇଁ ଓ ଟଙ୍କା ଲୋଭରେ ଖୁବେବ୍ ଓ ଜଏଦ୍‌ଙ୍କୁ ସାଥିରେ ନେଇ ମକା ଚାଲିଗଲେ ଓ ସେଠାରେ ପହଂଚି ସେହି ଦୁଇଜଣଙ୍କୁ କୁରୈଶ୍‌ଙ୍କ ହାତରେ ବିକ୍ରି କରିଦେଲେ । ସୁତରାଂ ଖୁବେବ୍‌ଙ୍କୁ ହାରିସ୍ ବିନ୍ ଆବିର୍ ବିନ୍ ନୌଫିଲ୍‌ଙ୍କ ପିଲାମାନେ କିଣିନେଲେ । କାରଣ ଖୁବେବ୍ ବଦର୍ ଯୁଦ୍ଧରେ ହାରିସ୍‌ଙ୍କୁ ହତ୍ୟା କରିଥିଲା । ଏବଂ ଜଏଦ୍‌ଙ୍କୁ ସଫ୍‌ଓ୍ୱାନ୍ ବିନ୍ ଉମୟା କିଣିନେଲା । ଏହିପରି ସେହି ଦୁଇଜଣଯାକ ପରିଶେଷରେ ଶହିଦ୍ କରିଦିଆଗଲେ । (ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ, ପୃଷ୍ଠା-୫୧୩-୫୧୪)

ବଦରୀ ସାହାବାଙ୍କ ମଧ୍ୟରେ ଆଉ ଏକ ଚର୍ଚ୍ଚା ହଜରତ ଖାଲିଦ୍ ବିନ୍ ବୁକିର୍‌ଙ୍କର ରହିଛି । ହଜରତ ଖାଲିଦ୍ ବିନ୍ ବୁକିର୍, ଆକିଲ, ହଜରତ ଆମିର ଓ ହଜରତ ଅୟାସ ଏକାଠି ଦାରୁଲ୍ ଅରକମ୍‌ରେ ମୁସଲମାନ ହୋଇଥିଲେ ଏବଂ ଏହି ଚାରି ଭାଇ ସେଠାରେ ସର୍ବପ୍ରଥମେ ଇସଲାମ ସ୍ୱୀକାର କରିଥିଲେ । ହଜୁର ସ.ଆ ହଜରତ ଖାଲିଦ୍ ବିନ୍ ବୁକିର ଓ ହଜରତ ଯଏଦ ବିନ୍ ଦସିନାଃଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । ସେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ । ଏବଂ ରଜିଇର ଘଟଣା ଯାହା ପୂର୍ବରୁ ବର୍ଣ୍ଣନା ହୋଇସାରିଛି, ଯେଉଁଠାରେ ଧୋକା ଦେଇ ଦଶଜଣ ମୁସଲ୍‌ମାନ୍‌ଙ୍କୁ ମାରିଦିଆଯାଇଥିଲା ସେଠାରେ ସେ ମଧ୍ୟ ଶହିଦ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୯୭, ଆକିଲ୍ ବିନ୍ ଅବି ଅଲ୍ ବୁକିର୍, ଖାଲିଦ୍ ବିନ୍ ଅବି ଅଲ୍ ବୁକିର୍....ବେରୁତ୍-୧୯୯୦) ନବୀ କରିମ୍ ସ:ଆ:ସ ବଦର ଯୁଦ୍ଧ ପୂର୍ବରୁ ଗୋଟିଏ ସରିୟା (ଯୁଦ୍ଧ)ରେ ଅବ୍‌ଦୁଲା ବିନ୍ ଜହସ୍ ର:ଅଙ୍କ ନେତୃତ୍ୱରେ କୁରୈସ୍‌ଙ୍କ ବିପକ୍ଷରେ ପଠାଇଥିଲେ । ସେଥିରେ ହଜ୍‌ରତ୍ ଖାଲିଦ୍ ବିନ୍ ବୁକିର୍ ମଧ୍ୟ ସାମିଲ୍ ଥିଲେ । ସେ ସଫର ମାସ

୪ ହିଜରୀରେ ୩୪ ବର୍ଷ ବୟସରେ ରଜିଈ ସ୍ଥାନରେ ଆସିମ୍ ବିନ୍ ସାବିତ ଓ ମୁରସିଦ୍ ବିନ୍ ଅବି ମୁରସିଦ୍ ଗନଓ୍ୱିଙ୍କ ସହିତ ଅଜଲ ଓ କାରା କବିଲାଙ୍କ ସହିତ ଲଢ଼ି ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । (ଅସଦୁଲ୍ ଗାବା ଖଣ୍ଡ-୧, ପୃଷ୍ଠା-୪୪୭, ଖାଲିଦ୍ ବିନ ବୁକିର,...ବେରୁତ୍-୨୦୦୩)

ଏ ସମ୍ବନ୍ଧରେ ଇବ୍‌ନେ ଇସ୍‌ହାକ୍ କହୁଛନ୍ତି କି ଯେବେ କବିଲା ଅଜଲ୍ ଓ କବିଲା କାରାର ଲୋକମାନେ ଉକ୍ତ ସାହାବି ମାନଙ୍କୁ ନେଇ ରଜିଈ ନାମକ ସ୍ଥାନରେ ପହଂଚିଲେ ଯାହା ହୁଜେଲ୍ କବିଲାର ଗୋଟିଏ ଝରଣାର ନାମ ଥିଲା ଓ ହଜାଜ୍‌ର ଗୋଟିଏ କୋଣରେ ରହିଥିଲା, ସେହି ଲୋକମାନେ ସାହାବୀ ମାନଙ୍କ ସହିତ ବିଶ୍ୱାସଘାତ କରିଥିଲେ । ଅର୍ଥାତ୍ ଯେଉଁ ଲୋକମାନେ ନେଇକରି ଯାଇଥିଲେ ସେମାନେ ସାହାବାଙ୍କ ସହିତ ବିଶ୍ୱାସଘାତ କଲେ, ଧୋକା ଦେଲେ ଏବଂ ହୁଜେଲ୍ କବିଲାଙ୍କୁ ସେମାନଙ୍କ ବିରୋଧରେ ଉସୁକାଇଲେ । ସାହାବାମାନେ ସେ ସମୟରେ ନିଜର ଖିମା (ଟେଂଟ୍) ଭିତରେ ଥିଲେ । ଦେଖିବାକୁ ପାଇଲେ କି ଚତୁଃପାର୍ଶ୍ୱରୁ ଲୋକେ ତରବାରି ନେଇ ଚାଲିଆସୁଛନ୍ତି । ତେଣୁ ଏମାନେ ମଧ୍ୟ ସାହସର ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସେହି ଲୋକମାନେ (ଅର୍ଥାତ୍ କାଫିର୍‌ମାନେ) କହିଲେ ଇଶ୍ୱରଙ୍କ ରାଣ ଆମେ ତୁମମାନଙ୍କୁ ହତ୍ୟ କରିବୁ ନାହିଁ । ଆମେ କେବଳ ଏତିକି ଚାହୁଁଛୁ କି ତୁମକୁ ଧରି ମକାବାସୀଙ୍କ ପାଖକୁ ନେଇଯିବୁ ଓ ଏହାର ପ୍ରତିବଦଳରେ କିଛି ସେଠାରୁ ଆଣିବୁ । ହଜରତ୍ ମର୍‌ସଦ୍‌ବିନ୍ ଅବି ମର୍‌ସଦ୍ ର:ଅ ହଜରତ୍ ଆସିମ୍ ବିନ୍ ସାବିତ୍ ର:ଅ ଏବଂ ହଜରତ୍ ଖାଲିଦ୍ ବିନ୍ ବୁକିର୍ ର:ଅ କହିଲେ କି ଇଶ୍ୱରଙ୍କ ରାଣ ଅମେ ମୁସରିକ୍ ମାନଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ ରଖୁନାହୁଁ । ପରିଶେଷରେ ସେହି ତିନିଜଣ ଏତେ ଲଢ଼ିଲେ ଯେ ଶହିଦ୍ ହୋଇଗଲେ" । (ସିରତ୍ ଇବ୍‌ନେ ହୁସାମ୍, ପୃଷ୍ଠା-୫୯୧-୫୯୨, ଯୋମେ ରଜିଈର ଚର୍ଚ୍ଚା....ବେରୁତ୍-୨୦୦୧)

ହଜ୍‌ରତ୍ ହସାନ୍ ବିନ୍ ସାବିତ୍ ସେହି ସାହାବା ମାନଙ୍କ ସମ୍ବନ୍ଧରେ ନିଜର ଗୋଟିଏ ପଦରେ କହୁଛନ୍ତି କି -

*ଅଲା ଲଇତନି ଫିହା ସହିତ୍‌ତୁ ଇବ୍‌ନ ତାରିକ*

*ଓ୍ୱ ଜଇଦନ୍ ଓ୍ୱମା ତୁଗ୍‌ନିଲ୍ ଅମାନି ଓ୍ୱ ମର୍‌ସଦା*

*ଫଦଫଅତୁ ଅନ୍ ହିବ୍‌ବି ଖୁବୈବିନ୍ ଓ୍ୱ ଆସିମିନ୍*

*ଓ୍ୱକାନା ଶିଫାଅନ୍ ଲୌ ତଦାରକ୍‌ତୁ ଖାଲିଦା*

(ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୪୭, ଖାଲିଦ୍ ବିନ୍ ବୁକେର୍....ବେରୁତ୍-୨୦୦୩)

ଅର୍ଥାତ୍ ଯଦି ମୁଁ ସେହି (ରଜଈ ଘଟଣା)ରେ ଇବ୍‌ନେ ତାରିକ୍, ଜଏଦ୍ ଏବଂ ମର୍‌ଦସ୍‌ଙ୍କ ସହିତ ଥାଆନ୍ତି, ଯଦି ଚ ଇଛା ଦ୍ୱାରା କିଛି କାର୍ଯ୍ୟ ହୁଏନାହିଁ ତେବେ ମଧ୍ୟ ମୁଁ ନିଜ ବନ୍ଧୁ ଖୁବୈବ୍ ଓ ଆସିମ୍‌ଙ୍କୁ ବଂଚାଇଥାଆନ୍ତି ଓ ଯଦି ମୁଁ ଖାଲିଦ୍‌ଙ୍କୁ ମଧ୍ୟ ପାଇଥାଆନ୍ତି ସେ ମଧ୍ୟ ବଂଚିଯାଇଥାଆନ୍ତେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏମାନେ ସେହି ମାନ୍ୟଗଣ ବ୍ୟକ୍ତିତ୍ୱ ଥିଲେ ଯେ, ଧର୍ମ ଓ ନିଜ ବିଶ୍ୱାସର ରକ୍ଷା କରିବା ନିମନ୍ତେ ନିଜ ପ୍ରାଣର ଆହୁତି ଦେଇଥିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିଥିଲେ ।

ହଜରତ ମସିହ ମଉଦ ଆ.ସ ନିଜର ଏକ ପୁସ୍ତକରେ ଏହି ସାହାବାମାନଙ୍କ ସମ୍ବନ୍ଧରେ ଲେଖିଛନ୍ତି କି ଏହା ସେହି ପ୍ରେରିତ ଅଲ୍ଲାଃଙ୍କ ଧନ୍ୟବାଦ କି ଯିଏ ହେଉଛନ୍ତି ଅତ୍ୟନ୍ତ ଦୟା ଆଚରଣକାରୀ ଓ ଦୁଃଖକଷ୍ଟ ଲାଘବକାରୀ । ତାଙ୍କ ରସୁଲଙ୍କ ଉପରେ ଦରୁଦ ଓ ସଲାମ ଯିଏ ମନୁଷ୍ୟ ଓ ଜିନ୍‌ମାନଙ୍କ ଇମାମ ଅଟନ୍ତି ତଥା ପବିତ୍ର ମନ ଓ ବୈକୁଣ୍ଠ ଆଡ଼କୁ (ଲୋକମାନଙ୍କୁ) ସେ ଆକର୍ଷଣ କରୁଛନ୍ତି ଏବଂ ତାଙ୍କ ସାହାବାମାନଙ୍କ ଉପରେ ସଲାମ ଯେଉଁମାନେ ବିଶ୍ୱାସର ସ୍ରୋତ ଆଡ଼କୁ ପିପାସୁଙ୍କ ପରି ଦୌଡ଼ିଲେ ଏବଂ ପଥଭ୍ରଷ୍ଟର ଅନ୍ଧାରକାରମୟ ରାତିରେ ବିଦ୍ୟା ଓ ଅମଳର (ଫଳସ୍ୱରୂପ) ଜ୍ୟୋତି ଶିଖା ପରି ଉଜ୍ଜ୍ୱଳିତ ହେଲେ" । (ନୁରୁଲ୍ ହକ୍ ଦ୍ୱିତୀୟ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୮, ପୃଷ୍ଠା-୧୮୮)

ପୁଣି ଗୋଟିଏ ସ୍ଥାନରେ ଆପଣ ସାହାବାଙ୍କ ସମ୍ବନ୍ଧରେ କହୁଛନ୍ତି କି "ଯେଉଁମାନେ ଦିବସରେ ସିଂହ ଓ ରାତିରେ ବୈରାଗୀ ତଥା ଧର୍ମର ତାରକାପୁଞ୍ଜ ପରି ଥିଲେ । ଇଶ୍ୱରଙ୍କ ସାନିଧ ସେ ସମସ୍ତଙ୍କ ସାଥିରେ ରହିଛି" । (ନଜମୁଲ୍ ହୁଦା, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୧୭) ଅଲ୍ଲାଃତାଲା ଆମ୍ଭକୁ ନିଜ ଜ୍ଞାନ ଓ କାର୍ଯ୍ୟକଳାପର ସ୍ତରକୁ ଉତ୍ତମ କରିବା ଓ ରାତିରେ ଉପାସନାର ସ୍ତର ବୃଦ୍ଧି କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଜୁମା ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ପଢ଼ାଇବି ଯାହା ହେଉଛି ମୋକରମ୍ ଇସ୍‌ମାଇଲ୍ ମାଲାଗାଲା ସାହେବ୍ ମୁବଲିଗ୍ ଯୁଗାଣ୍ଡାଙ୍କର ସେ ୨୫ ମଇ ଦିନ ଜୁମା ନମାଜ ପୂର୍ବରୁ ହୃଦୟର କଷ୍ଟ ଯୋଗୁ ତାଙ୍କୁ ହୃଦ୍‌ଘାତ୍ ହେଲା । ଫଳତଃ ସେ ନିଜ ପ୍ରକୃତ ସୃଷ୍ଟିକର୍ତ୍ତାଙ୍କ ସହିତ ଯାଇ ମିଶିଲେ । ସେତେବେଳେ ତାଙ୍କର ବୟସ ୬୪ ଥିଲା । ଇନ୍ନା ଲିଲା ହେ ଓ୍ୱ ଇନ୍ନା ଇଲୈ ହେ ରାଜେଉନ୍ । ଇସ୍‌ମାଇଲ୍ ମାଲାଗାଲା ସାହେବ୍ ୧୯୫୪ ମସିହାରେ ମକୁନୁ ଜିଲା ଯୁଗାଣ୍ଡା ଦେଶରେ ଜନ୍ମ ହୋଇଥିଲେ । ତାଙ୍କର ମା' ବାପା ଦୁଇଜଣଯାକ ଇସାଇ ଥିଲେ । ସେଥିଯୋଗୁ ସେ ନିଜେ ମଧ୍ୟ ଜନ୍ମଗତ ଇସାଇ ଥିଲେ । ମାଲାଗାଲା ସାହେବ୍ ଜଣେ ଅହେମଦୀ ବନ୍ଧୁ ହାଜି ଶୋଏବ୍ ନସିରା ସାହେବ୍‌ଙ୍କର ଶାଳକ ଥିଲେ । ସେଥିପାଇଁ ତାଙ୍କର ହାଜି ଶୋଏବ୍ ସାହେବ୍‌ଙ୍କ ଘରକୁ ଯିବା ଆସିବା ଥିଲା । ହାଜି ଶୋଏବ୍ ସାହେବ୍‌ଙ୍କ ମାଧ୍ୟମରେ ସେ ଇସ୍‌ଲାମ୍ ପ୍ରତି ଆଗ୍ରହ ସୃଷ୍ଟି କଲେ । ବହୁତ ଦିନ ପର୍ଯ୍ୟନ୍ତ ପ୍ରଶ୍ନୋତର ଲାଗିରହିଲା । ଏହାପରେ ଧିରେ ଧିରେ ସେ ଇସ୍‌ଲାମ୍‌ର ସତ୍ୟତାକୁ ଜାଣିବା ଆରମ୍ଭ କଲେ ଓ ପରିଶେଷରେ ୧୯୭୮ ମସିହାରେ ବୟତ କରି ଇସ୍‌ଲାମେ ଅହେମଦୀୟତ୍‌ରେ ଦାଖିଲ୍ ହୋଇଗଲେ । ଯେବେ ସେ ଇସ୍‌ଲାମ୍ ଗ୍ରହଣ କରିନେଲେ ସେତେବେଳେ ସେ ହାଜି ଶୋଏବ୍ ନସିରା ସାହେବ୍‌ଙ୍କୁ କହିଲେ କି ମୋର ପିଲାଦିନୁ ଏ ଇଛା ଥିଲା କି ମୁଁ ଇସାଇ ପାଦ୍ରୀ ହେବି । ଏବେ ଯେହେତୁ ମୁଁ ଇସ୍‌ଲାମ୍ ଗ୍ରହଣ କରିସାରିଛି ତେଣୁ କଣ ମୁଁ ଇସ୍‌ଲାମ୍‌ର ସେବା କରିପାରିବି ? ଏଥିରେ ସେ କହିଲେ କି ଆପଣ ଇସ୍‌ଲାମ୍‌ର ସେବା କରିବାକୁ ଯଦି ଚାହୁଁଛନ୍ତି ତେବେ ନିଜ ଜୀବନକୁ ଓ୍ୱକ୍‌ଫ୍ (ଉତ୍ସର୍ଗ) କରିପାରନ୍ତି । ସେ ସମୟରେ ମହମ୍ମଦ୍ ଅଲୀ କାଏରେ ସାହେବ୍ (ଯିଏ ସେ ସମୟରେ ଯୁଗାଣ୍ଡା ଦେଶର ଅମୀର୍ ଜମାତ୍ ଥିଲେ) ପାକିସ୍ତାନ୍‌ରୁ ଜାମିଆ ଅହେମଦୀୟାର ଶିକ୍ଷାକୁ ସମ୍ପୂର୍ଣ୍ଣ କରି ଯୁଗାଣ୍ଡାରେ ପହଂଚିଥିଲେ । ସୁତରାଂ ସେ ୧୯୮୦ ମସିହାରେ ମାଲାଗାଲା ସାହେବ୍‌ଙ୍କୁ ଆଉ ଅନ୍ୟ ପାଂଚଜଣ ଖୁଦାମ୍‌ଙ୍କ ସହିତ ପାକିସ୍ତାନ୍ ପଠାଇଦେଲେ । ମାଲାଗାଲା ସାହେବ୍ ଡିସେମ୍ବର୍ ୧୯୮୦ ମସିହାରେ ଜାମିଆ ଅହେମଦୀୟା ରବ୍‌ଓ୍ୱାର ବିଶେଷ ଶ୍ରେଣୀରେ ଦାଖଲ ହେଲେ ଓ ୧ ମାର୍ଚ୍ଚ ୧୯୮୮କୁ ଶିକ୍ଷା ସମ୍ପୂର୍ଣ୍ଣ କଲେ । ଜାମିଆରେ ଶିକ୍ଷା ହାସଲ କରିବା ସମୟର ପ୍ରସଙ୍ଗରେ, ସେ ସମୟର ଜାମିଆର ପ୍ରିନ୍ସିପାଲ୍ ସୟଦ୍ ମିର୍ ମେହମୁଦ୍ ଅହେମଦ୍ ନାସିର୍ ସାହେବ୍ ନିଜ ରିମାର୍କ୍‌ସ୍‌ରେ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି କି "ଶିକ୍ଷା ଦୃଷ୍ଟିକୋଣରୁ ସେ ଦୁର୍ବଳ ଅଛନ୍ତି କିନ୍ତୁ ଉତ୍ତମ ସାହାଯ୍ୟକାରୀ ଓ ଆଜ୍ଞାକାରୀ ଶିକ୍ଷାର୍ଥୀ ଅଟନ୍ତି । ବହୁତ ନମ୍ର ସ୍ୱଭାବ ଓ ଇବାଦତ୍ ଗୁଜାର୍ (ଉପାସନାକାରୀ) ଥିଲେ । ବୁଜୁର୍‌ଗ୍ ମାନଙ୍କ ସହିତ ସାକ୍ଷାତ୍ କରିବା ଓ ସେମାନଙ୍କୁ ଦୁଆ କରିବା ପାଇଁ କହିବା ତାଙ୍କର ଅଭ୍ୟାସ୍ ଥିଲା" । ସେ ଅତ୍ୟନ୍ତ ପରିଶ୍ରମର ସହିତ ଜାମିଆ ଅହେମଦୀୟାରେ ଶିକ୍ଷା ଅର୍ଜନ କରିଛନ୍ତି ଓ ୧୯୮୪ ମସିହାରେ ଯେବେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ପାକିସ୍ତାନ୍‌ରୁ ହିଜରତ୍ କଲେ ସେହି ବିଶେଷ ସମୟରେ ସେ ବହୁତ ଉତ୍ତମ ରୂପେ ଓ ବାହାଦୂରି ସହିତ ଡ୍ୟୁଟି ଦେଉଥିବା ଲୋକମାନଙ୍କ ଭିତରେ ସାମିଲ୍ ଥିଲେ । ବର୍ତ୍ତମାନର ପ୍ରିନ୍ସିପାଲ୍ ମୁବଶିର୍ ଅୟାଜ୍ ସାହେବ୍ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି କି "ଆମେ ଜାମିଆରେ ଏକାଠି ରହୁଥିଲୁ । ସେ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ଥିଲେ । ଚୁପଚାପ୍ ରହୁଥିଲେ । ଜାମିଆର ସେହି ଶିକ୍ଷାର୍ଥୀମାନଙ୍କ ଭିତରେ ତାଙ୍କର ଗଣନା ହେଉଥିଲା ଯେଉଁମାନେ ଉପାସନା କରିବାରେ ବିଶେଷ ସୌକ୍ ରଖୁଥିଲେ । ଆଜ୍ଞାବହତା ସ୍ୱୀକାର କରିବା ତାଙ୍କର ବିଶେଷ ଗୁଣ ଥିଲା । ସେ ପୁଣି କହୁଛନ୍ତି କି ମୋତେ ନକିବ୍ ଏବଂ ଜଇମ୍ ହୋଇଥିବା ଯୋଗୁ ତାଙ୍କ ସହିତ ଅନେକଥର ମିଶିବାର ସୁଯୋଗ ମିଳିଛି । ସେ ଅତ୍ୟନ୍ତ ବିନମ୍ର ଓ ଆଜ୍ଞାନୁବର୍ତିତା ଥିଲେ । ଫୁଟ୍‌ବଲ୍ ଖେଳର ବହୁତ ସଉକିନ୍ ଥିଲେ । ଟିମ୍‌ର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୂପେ ବିବେଚନା ହେଉଥିଲେ ଓ ଏଥିରେ ବିଶେଷ ରୂପେ ତାଙ୍କୁ ସାମିଲ୍ କରାଯାଉଥିଲା" । ଜାମିଆର ପାଠପଢ଼ା ସମ୍ପୂର୍ଣ୍ଣ କରିବା ପରେ ନିୟମିତ ରୂପେ ତାଙ୍କର ନିଯୁକ୍ତି ଯୁଗାଣ୍ଡା ଦେଶରେ ଜଣେ ମୁବଲିଗ୍ ରୂପେ ୧୯୮୮ ମସିହାରେ କରାଗଲା । ଯେଉଁଠି ସେ ଅନେକ ଜମାତ୍‌ରେ ମୁବଲିଗ୍ ରୂପେ କାମ କରିଛନ୍ତି । ୨୦୦୭ ମସିହାରେ ସେ ଦୁଇଜଣ ଯୁଗାଣ୍ଡୀୟ ମୁବଲିଗ୍ ମାନଙ୍କ ସହିତ ପାକିସ୍ତାନ୍ ମଧ୍ୟ ଯାଇଥିଲେ । ସେଠାରେ ସେମାନେ ଯୁଗାଣ୍ଡା ଭାଷାରେ ହୋଇଥିବା ପବିତ୍ର କୋରାନ୍‌ର ଅନୁବାଦକୁ ପ୍ରୁଫ୍ ରିଡିଂ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସୁଯୋଗ ପାଇଲେ ଓ ତିନିମାସ ଭିତରେ ସେମାନେ ଏହି କାର୍ଯ୍ୟକୁ ସମ୍ପାଦନ କଲେ । ଜାମିଆରେ ତ ବୋଧହୁଏ ଶିକ୍ଷା ଆହରଣ କରିବା ଦୃଷ୍ଟିକୋଣରୁ ସେ ଦୁର୍ବଳ ଥିବେ କିନ୍ତୁ ପରେ ଜ୍ଞାନ ଦୃଷ୍ଟିକୋଣରୁ ମଧ୍ୟ ବହୁତ ଆଗକୁ ଯାଇଥିଲେ । ସେ ନିଜର ଜ୍ଞାନକୁ ବହୁତ ବଢ଼ାଇଲେ । ତାଙ୍କୁ ତବ୍‌ଲିଗ୍ କରିବାର ବହୁତ ସଉକ୍ ଥିଲା ଓ ତାଙ୍କ ତବ୍‌ଲିଗ୍ ଦ୍ୱାରା ବହୁ ସଂଖ୍ୟକ ଲୋକେ ଅହେମଦୀୟତ୍ ଗ୍ରହଣ କରିଛନ୍ତି । ସାଇକେଲ୍‌ରେ ବହୁତ ଲମ୍ବା ରାସ୍ତା ତବ୍‌ଲିଗ୍ ପାଇଁ ଯାତ୍ରା କରୁଥିଲେ । ଥରେ ସେ ତବ୍‌ଲିଗ୍ ପାଇଁ ବାହାରି ଥିଲେ କି ତାଙ୍କ ଯିବା ପରେ ତାଙ୍କ ସ୍ତ୍ରୀ ଙ୍କର ଦେହାନ୍ତ ହୋଇଗଲା । ସମ୍ପର୍କ ରଖିବା ପାଇଁ କୌଣସି ମାଧ୍ୟମ ନଥିଲା ଓ ଯେବେ ସେ ତବ୍‌ଲିଗ୍ ଗସ୍ତରୁ ଫେରିଲେ ସେତେବେଳେ ଜାଣିବାକୁ ପାଇଲେ କି ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଛି ଓ ତାଙ୍କୁ କବର ମଧ୍ୟ ଦିଆସରିଛି । ସମ୍ପୂର୍ଣ୍ଣ ଜୀବନ ବହୁତ ସାଧା ଓ ସରଳତାର ସହିତ ଦୀନ୍‌ର ସେବାରେ ଲାଗି ରହିଛନ୍ତି । ବହୁତ ନମ୍ର ହୃଦୟ, ସହାନୁଭୂତିଶୀଳ ଓ ସ୍ନେହି ବ୍ୟକ୍ତି ଥିଲେ । ଗରିବ ଓ ଅଭାବୀଲୋକଙ୍କର ବହୁତ ଧ୍ୟାନ ରଖୁଥିଲେ । ଖିଲାଫତ୍ ସହିତ ବହୁତ ପ୍ରେମ କରୁଥିଲେ । ଖଲିଫାଏ ଓ୍ୱକ୍ତଙ୍କ ପ୍ରତ୍ୟେକ ନିର୍ଦ୍ଦେଶକୁ ମାନିବା ଜରୁରୀ ବିବେଚନା କରୁଥିଲେ । ସାଧାରଣତଃ ସାରା ଆଫ୍ରିକୀୟ ଲୋକେ କିନ୍ତୁ ବିଶେଷ ରୂପେ ଆଫ୍ରିକୀୟ ମୁବଲିଗ୍‌ମାନେ, ଯେଉଁମାନେ ଓ୍ୱାକିଫେ ଜିନ୍ଦେଗୀ ଅଛନ୍ତି, ସେମାନେ ଦେଖିଛନ୍ତି କି ତାଙ୍କର ଖିଲାଫତ୍ ସହିତ ବିଶେଷ ସମ୍ପର୍କ ଥିଲା ।

ଅମୀର୍ ସାହେବ୍ ଯୁଗାଣ୍ଡା ମହମ୍ମଦ୍ କାଏରେ ସାହେବ୍ ଲେଖିଛନ୍ତି କି ସେ ଜଣେ ଦୃଷ୍ଟାନ୍ତ ସମ୍ପନ୍ନ ଅର୍ଥାତ୍ ଅନୁକରଣୀୟ ମୁରବୀ ଥିଲେ । ଅତ୍ୟନ୍ତ ପୁଣ୍ୟ ହୃଦୟ ଓ ଦାଓ୍ୱତେ ଇଲଲ୍ଲାଃ କରିବାବାଲା ଓ ଦୀନ୍‌ର ସେବା କରିବା ବାଲା ମନୁଷ୍ୟ ଥିଲେ । ବହୁତ କଠିନ ସମସ୍ୟା ଓ ଅସୁବିଧା ହେବା ସତ୍ତ୍ୱେ ମଧ୍ୟ କେବେ ଅଭିଯୋଗ କରିନାହାଁନ୍ତି ବରଂ ପ୍ରତ୍ୟେକ ଅବସ୍ଥାରେ ଦୀନ୍‌ର ସେବାରେ ଲାଗି ରହିଛନ୍ତି । ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ଦ୍ୱିତୀୟ ବିବାହ କଲେ ଓ ପୁଣି କିଛି ଦିନ ପରେ ତୃତୀୟ ବିବାହ ମଧ୍ୟ କଲେ । ତାଙ୍କର ଜଣେ ସ୍ତ୍ରୀ ଲେଖିଛନ୍ତି କି ମୁଁ ତାଙ୍କୁ ସାରା ଜୀବନ ଜଣେ ବହୁତ ପ୍ରେମ କରିବା ବାଲା, ନରମ ହୃଦୟ ଓ ପ୍ରତ୍ୟେକ ଅବସ୍ଥାରେ ଶାନ୍ତ ଓ ଇଶ୍ୱରଙ୍କୁ ଧନ୍ୟବାଦ ଦେଉଥିବା ବ୍ୟକ୍ତି ରୂପେ ପାଇଛି । ତାଙ୍କ ଝିଅ ବର୍ଣ୍ଣନା କରୁଛନ୍ତି କି ଆମର ବାପା ବହୁତ ସ୍ନେହି ବ୍ୟକ୍ତି ଥିଲେ । ସବୁବେଳେ ଆମ ଆବଶ୍ୟକତାର ଧ୍ୟାନ ରଖୁଥିଲେ ଓ ଦୀନ୍ ଉପରେ ପରିଚାଳିତ ହେବା ପାଇଁ ଶିକ୍ଷା ଦେଉଥିଲେ । ମରହୁମ୍ ତାଙ୍କ ପଛରେ ଦୁଇଜଣ ସ୍ତ୍ରୀ ଓ ନଅଜଣ ପିଲା ଛାଡ଼ିଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ଉପରେ କରୁଣା ପ୍ରଦାନ କରନ୍ତୁ ଓ ତାଙ୍କ ସହିତ ମଗଫିରତ୍ (କ୍ଷମା) ଆଚରଣ କରନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସର୍ବଦା ଜମାତ୍ ଓ ଖିଲାଫତ୍ ସହିତ ଯୋଡ଼ି ରଖନ୍ତୁ ।

# ଖୁତ୍‌ବା ଜୁମା

ଅଲ୍ଲାଃତାଲା କହୁଛନ୍ତି କି ମୁଁ ହକ୍ ରୂପେ ସେହି ଲୋକମାନଙ୍କୁ ଯେଉଁମାନେ ତକ୍‌ୱା ଉପରେ ପରିଚାଳିତ ହେଉଛନ୍ତି, ଜକାତ୍ ପ୍ରଦାନ କରୁଛନ୍ତି ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଉପରେ ସେଗୁଡିକର ହକ୍ ପ୍ରଦନ କରି ତା ଉପରେ ନିଶ୍ଚିତ ରୂପେ ଅମଳ କରୁଛନ୍ତି, ଅଲ୍ଲାଃତାଲାଙ୍କ ନିଦର୍ଶନ ଉପରେ ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ ଆଣୁଛନ୍ତି, ମୁଁ ନିଶ୍ଚିତ ରୂପେ ନିଜର କରୁଣାର ଚାଦରରେ ସେମାନଙ୍କୁ ଘୋଡାଇଦେବି । ସୁତରାଂ ମୋମିନ୍‌କୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବା, ତକ୍‌ୱା ଉପରେ ପରିଚାଳିତ ହେବା ଓ ଇମାନ୍‌ରେ ସମ୍ପୂର୍ଣ୍ଣ ହେବା ପାଇଁ ଭରପୁର୍ ଚେଷ୍ଟା କରିବା ଉଚିତ୍ ।

ଯେବେ ରମ୍‌ଜାନ୍ ମାସରେ ମଣିଷ ରୋଜା ସହିତ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପୂର୍ବଠାରୁ ଅଧିକା ଅମଳ କରେ ଓ ନିଜର ଉପାସନାକୁ ବଢ଼ାଏ ଓ ତକ୍‌ୱାରେ ଉନ୍ନତି କରିଚାଲେ ସେବେଲେ ପୁଣି ମନୁଷ୍ୟ ଅଲ୍ଲାଃତାଲାଙ୍କ କରୁଣାର ଚାଦର ଭିତରେ ପୂର୍ବଠାରୁ ଅଧିକା ଆସିଯାଏ ।

ଅଲ୍ଲାଃତାଲାଙ୍କ ରହମତ୍ (କରୁଣା) କୁ ଗ୍ରହଣ କରିବାର ମାଧ୍ୟମ ହେଉଛି ତୌବ ଏବଂ ଇସ୍‌ତେଗ୍‌ଫାର୍ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ଙ୍କ ନୀତିବାଣି ପ୍ରସଙ୍ଗରେ ତୌବା ଏବଂ ଇସ୍‌ତେଗ୍‌ଫାର୍‌ର ବାସ୍ତବିକତା ଓ ଏହାର ଗୁରୁତ୍ୱ ଏବଂ ତାର ଫଳ ଓ ବରକାତ୍‌ର ଚର୍ଚ୍ଚା ।

ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟ ଭିତରେ ଆସିବା ପାଇଁ, ତାର ସାହାଯ୍ୟ ସହଯୋଗ ପାଇବା ପାଇଁ, ତାର କରୁଣା ହାସଲ କରିବା ପାଇଁ ଚେଷ୍ଟା, ଇସ୍‌ତେଗ୍‌ଫା ଓ ଦୁଆ ଜରୁରୀ ଅଟେ ।

رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرۃ:202)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକଦା ଜମାତ୍‌କୁ ଏଥିପତି ଧ୍ୟାନ ଆକର୍ଷଣ କରାଇଥିଲେ କି ଆମ ଜମାତ୍‌କୁ ଏ ଦୁଆ ଅଧିକରୁ ଅଧିକ ପଢ଼ିବା ଉଚିତ୍ ହେବ ଅର୍ଥାତ୍ ସୁତରାଂ ଏଥିପ୍ରତି ଆମର ଧ୍ୟାନ ରହିବା ଉଚିତ୍ ଯଦ୍ୱାରା ଅଲ୍ଲାତାଲା ନିଜ କରୁଣାରେ ନେଇ ଆମକୁ ପ୍ରତ୍ୟେକ ପ୍ରକାରର ସାଂସାରିକ ଓ ପରକାଳର ଅଗ୍ନିରୁ ବଂଚାଇ ରଖିବ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୮ ଜୁନ୍ ୨୦୧୮ ଅନୁଯାୟୀ ୮ ଏହ୍‌ସାନ୍ ୧୩୯୭ ହିଜ୍‌ରି ଶମ୍‌ସି)

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

وَاكْتُبْ لَنَا فِيْ هٰذِهِ الدُّنْيَا حَسَنَةً وَّفِي الْاٰخِرَةِ اِنَّا هُدْنَآ اِلَيْكَ ؕ قَالَ عَذَابِيْٓ اُصِيْبُ بِهٖ مَنْ اَشَآءُ ۚ وَرَحْمَتِيْ وَسِعَتْ كُلَّ شَيْءٍ ؕ فَسَاَكْتُبُهَا لِلَّذِيْنَ يَتَّقُوْنَ وَيُؤْتُوْنَ الزَّكٰوةَ وَالَّذِيْنَ هُمْ بِاٰيٰتِنَا يُؤْمِنُوْنَ (الاعراف:157)

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ସୁରେ ଆରାଫ୍‌ର ୧୫୭ ନଂ ପଙ୍କ୍ତିଂ ପାଠ କରି ତାହାର ଅନୁବାଦ ଉପସ୍ଥାପନ କଲେ- **ୱକ୍‌ତୁବ୍ ଲନା ଫି ହାଜିହିଦ୍ ଦୁନିୟା ହସନତଉଁ ୱଫିଲ୍ ଆଖିରତି ଇନ୍ନା ହୁଦ୍‌ନା ଇଲୈକ୍ । କାଲା ଅଜାବି ଉସିବୁ ବିହି ମନ୍ ଅଶାଉ ୱରହ୍‌ମତି ୱସିଅତ୍ କୁଲ୍ଲା ଶୈଇନ୍ ଫସଅକ୍‌ତୁବୁହା ଲିଲ୍ଲଯିନା ୟତ୍‌ତକୁନା ୱୟୁତୁ ନାୟଯଜକାତା ୱଲ୍‌ଲଯିନାହୁମ୍ ବିଆୟାତିନା ୟୁମିନୁନ୍** ଅର୍ଥାତ ଏବଂ ତୁମ୍ଭେ ଆମମାନଙ୍କ ପାଇଁ ଇହକାଳ ତଥା ପରକାଳରେ ପୁଣ୍ୟ ଲିପିବଦ୍ଧ କର । ଆମେମାନେ ତୁମ ଆଡ଼କୁ ପ୍ରତ୍ୟାବର୍ତନ କରିଅଛୁ । ଆମ୍ଭେ ଯାହାକୁ ଇଚ୍ଛା ଶାସ୍ତି ପ୍ରଦାନ କରିଥାଉ ଏବଂ ଆମ୍ଭର କରୁଣା ପ୍ରତ୍ୟେକ ବସ୍ତୁକୁ ପରିବେଷ୍ଟିତ କରି ରଖିଛି । ସୁତରାଂ ଆମେ ଉକ୍ତ କରୁଣାକୁ ସେହି ଲୋକମାନଙ୍କ ପାଇଁ ଧାର୍ଯ୍ୟ କରିଦେବୁ ଯେଉଁମାନେ ଧର୍ମନିଷ୍ଠ ଓ ଜକାତଦାତା ଏବଂ ଯେଉଁମାନେ ଆମର ନିଦର୍ଶନଗୁଡ଼ିକ ଉପରେ ବିଶ୍ୱାସ ରଖିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କର ନିଜ ଭକ୍ତମାନଙ୍କ ଉପରେ ଅଭୁତପୂର୍ଣ୍ଣ ଦୟା ରହିଛି ଯେପରିକି ସେ ଉକ୍ତ ଆୟତରେ ପ୍ରକାଶ କଲେ କି ତାଙ୍କର କୃପା ପ୍ରତ୍ୟେକ ଜିନିଷକୁ ଘେରି ରହିଛି । ରହମତ୍ (କୃପା) ର ଅର୍ଥ ହେଉଛି ନମ୍ର ହେବା, ଦୟା ଆଚରଣ କରିବା ଅର୍ଥାତ ଅଲ୍ଲାଃତାଲା ଭକ୍ତଙ୍କ ସହ ନମ୍ର ଆଚରଣ କରିବା ଓ ତାଙ୍କ ଦୋଷତୃଟିକୁ ଅଣଦେଖା କରିବା ଯାହାର କୌଣସି ସୀମା ନଥିବ । ଅଲ୍ଲାଃତାଲାଙ୍କର ଦୟା ଓ କୃପାର ଭାବନା ଏବଂ ଆଚରଣ ଏତେ ବ୍ୟାପକ ଯେ ତାହା ପ୍ରତ୍ୟେକ ବସ୍ତୁକୁ ଘେରି ରହିଛି । ତାଙ୍କ କୃପାରେ ଉଭୟ କରୁଣା ଓ ଦୟା ସାମିଲ ରହିଛି ଏବଂ ତାଙ୍କ କରୁଣା ଏତେ ଅଧିକ ଯେ ବିନା ମାଗିବାରେ ମଧ୍ୟ ସଂସାରରେ ଅସଂଖ୍ୟ ବସ୍ତୁ ମାନବ ଜାତିର (କଲ୍ୟାଣ) ନିମନ୍ତେ ଉଦ୍ଦିଷ୍ଟ ଏବଂ ରହିମିୟତ୍ ଅଲ୍ଲାଃତାଲାଙ୍କ କର୍ତବ୍ୟ ସମ୍ପାଦନକାରୀ ଓ ତାଙ୍କ ଆଦେଶ ଅନୁଯାୟୀ ଅମଳ କରି ତାଙ୍କ ନିକଟରେ ନତମସ୍ତକ ହୋଇ ନିଜ ଆବଶ୍ୟକତା ଭିକ୍ଷା କରୁଥିବା ବ୍ୟକ୍ତିଙ୍କ ଉପରେ ପ୍ରକାଶ କରିଥାଏ । ଅଲ୍ଲାଃ କୁହନ୍ତି ଭକ୍ତମାନଙ୍କୁ ଦଣ୍ଡ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ଅନେକ ଲୋକଙ୍କର ଏହା ବହୁତ ବଡ଼ ଭ୍ରମ ଧାରଣା ରହିଥାଏ କି ଯଦି ଦଣ୍ଡ ଓ ଶାସ୍ତି ଦେବାର ଥିଲା ତେବେ (ଅଲ୍ଲାଃ) ମଣିଷକୁ ସୃଷ୍ଟି କାହିଁ କରୁଥିଲେ । ଅଲ୍ଲାଃତାଲା କୁହନ୍ତି ମୋର ଉଦ୍ଦେଶ୍ୟ ଏହା ନୁହେଁ, ହଁ ସେହି ଲୋକମାନେ ମୋ ଦଣ୍ଡ ଓ ଶାସ୍ତିର ଭାଗୀଦାର ହୋଇଥାନ୍ତି ଯେ ନିଜ ମନ୍ଦ କାର୍ଯ୍ୟରେ ଶେଷ ସୀମା ଲଙ୍ଘନ କରିଥାନ୍ତି । କିନ୍ତୁ ମୋ ଶାସ୍ତି ମଧ୍ୟ ଅସ୍ଥାୟୀ ଅଟେ । ଏହା କେବଳ (ସୀମିତ ସମୟ ପାଇଁ) ଅଟେ ଏବଂ ସୁଧୁରିବା ଓ ଅନୁଭବ କରିବା ପାଇଁ ଉଦ୍ଦିଷ୍ଟ । ଏପରିକି ଦିନେ ନର୍କବାସୀ ମଧ୍ୟ ମୋ ଅସିମୀତ ଦୟା (ଆଚରଣ)ରୁ ଭାଗ ନେବେ ଏବଂ ସେମାନଙ୍କ ଶାସ୍ତିର ଅନ୍ତ ହେବ । ନର୍କର ଦଣ୍ଡ ମଧ୍ୟ ସେମାନଙ୍କର ଭୁଲ୍ କାର୍ଯ୍ୟ ପାଇଁ ମିଳିବ ଓ ତାହା ଏକ ପ୍ରକାର ସୁଧାରର ମାଧ୍ୟମ ହୋଇଯିବ । ତେବେ ଯଦି ଦେଖାଯାଏ ତ ଏହି ଦଣ୍ଡ ମଧ୍ୟ ଏକ ପ୍ରକାର ଇସ୍‌ଲାହ (ସୁଧାର ନିମନ୍ତେ) ରହିଛି । ଏହି ଯୋଉ ଦଣ୍ଡର ଅବଧି ରହିଛି ଏହା ମଧ୍ୟ ଏକ ଦୃଷ୍ଟିକୋଣରୁ ରହମତ୍ ଅର୍ଥାତ୍ କରୁଣା । କିନ୍ତୁ ଅଲ୍ଲାଃତାଲା ହିସାବ ନିକାଶ ଦିନର ମାଲିକ । ତେଣୁ ସେ ଆମକୁ ନିଜ ଦୟା ଓ କ୍ଷମାର ଚଦରରେ ନେଇ କୌଣସି ପ୍ରକାରର ଦଣ୍ଡ ନଦେଇ କ୍ଷମାଦେଇ ପାରନ୍ତି କିନ୍ତ ସେ ଆମକୁ ପୁଣ୍ୟ ମାର୍ଗରେ ଚାଲିବା ପାଇଁ ପ୍ରୋତ୍ସାହନ ଦେଇ ଏହା ନିଶ୍ଚିତ ରୂପେ କହିଦେଲା କି ମୋ କରୁଣା ସମସ୍ତ ବସ୍ତୁ ଉପରେ ଆଛାଦିତ ଓ ତା ଉପରେ ମୁଁ ନିଶ୍ଚିତ ରୂପେ ତାର କରୁଣା ଅବତୀର୍ଣ୍ଣ କରିବି । ଯେଉଁମାନେ ତକ୍‌ୱା ଗ୍ରହଣ କରିଥାନ୍ତି ଓ ଜକାତ୍ ପ୍ରଦାନ କରିଥାନ୍ତି ଓ ମୋ ନିଦର୍ଶନ ଗୁଡିକ ଉପରେ ବିଶ୍ୱାସ ଆଣିଥାନ୍ତି ଓ ଅଲ୍ଲାଃତାଲାଙ୍କ ଆୟତ ଗୁଡିକ ଉପରେ ଇମାନ୍ ଆଣିଥାନ୍ତି ।

ତେଣୁ ଅଲ୍ଲାଃତାଲା କହିଲେ ଯିଏ ଧର୍ମପରାୟଣ, ଜକାତଦାତା, ତାଙ୍କ ଆଦେଶର କର୍ତବ୍ୟ ସମ୍ପାଦନକାରୀ ଏବଂ ଦୃଢ ବିଶ୍ୱାସର ସହିତ ଅମଳ କରିଥାନ୍ତି, ତାଙ୍କ ଆୟତ ଉପରେ ପୂର୍ଣ୍ଣ ଆସ୍ଥା ରଖିଥାନ୍ତି ସେମାନଙ୍କୁ ସେ ନିଶ୍ଚିତ ରୂପେ ନିଜ ଦୟାର ଚଦରରେ ଢାଙ୍କିଦେବେ ।

ପୁଣି ଆଉ ଏକ ସ୍ଥାନରେ ଅଲ୍ଲାତାଲା କୁହନ୍ତି- **ଇନ୍ନା ରହମତଲ୍ ଲାହି କରିବୁନ୍ ମିନଲ୍ ମୁହସିନିନ୍** ଅର୍ଥାତ ବାସ୍ତବରେ ଅଲ୍ଲାଃଙ୍କ କରୁଣା ହିତକାରୀମାନଙ୍କ ନିକଟବର୍ତୀ ଅଟେ । ମୋହସିନ୍ (ହିତକାରୀ ବ୍ୟକ୍ତି) ହେଉଛି ସେ ଯେ ସମସ୍ତ ସର୍ତ ପୂରଣ କରି ନିଜ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଅତଃ ଯେ ତକ୍‌ୱା (ଧର୍ମନିଷ୍ଠତା) ର ସର୍ତ ପୂରଣ କରିଥାନ୍ତି, ଅଲ୍ଲାଃଙ୍କ ଆଦେଶ ପାଳନ କରିଥାନ୍ତି, ତାଙ୍କ ନିଦର୍ଶନ ଉପରେ ପୂର୍ଣ୍ଣ ଆସ୍ଥା ରଖିଥାନ୍ତି, ତାଙ୍କ ନିକଟରେ ନତମସ୍ତକ ହୋଇଥାନ୍ତି ସେମାନଙ୍କୁ ଅଲ୍ଲାଃଙ୍କ କରୁଣା ଲାଭ ହୋଇଥାଏ । ସୁତରାଂ ଜଣେ ମୋମିନ୍‌କୁ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା, ଧର୍ମପରାୟଣ ହେବା ଏବଂ ବିଶ୍ୱାସରେ ପୂର୍ଣ୍ଣତାର ସ୍ତର ହାସଲ କରିବାକୁ ଭରପୁର୍ ଚେଷ୍ଟା କରିବା ଉଚିତ୍ । ତେବେ ଯାଇ ସେ ମୋମିନ୍ ବୋଲାଇବ । ଅଲ୍ଲାଃତାଲାଙ୍କର ଏହି ଘୋଷଣା ଦ୍ୱାରା ତାର ବୈଭବକୁ ପାଇବା ପାଇଁ ଚେଷ୍ଟା କରିବା ଉଚିତ୍ କି ଅଲ୍ଲାଃତାଲାଙ୍କ କରୁଣା ତା ନିର୍ଦ୍ଦେଶାବଳୀ ଗୁଡିକ ଉପରେ ତାର ହକ୍‌କୁ ପ୍ରଦାନ କରି କାର୍ଯ୍ୟ କରୁଥିବା ଲୋକଙ୍କ ନିକଟତର ଅଟେ । ଏବଂ ଅଲ୍ଲାଃତାଲା ନିଜ ଉପରେ ଏହା ଧାର୍ଯ୍ୟ କରିଦେଇଛି ଅର୍ଥାତ୍ ସେମାନଙ୍କ ପାଇଁ ଏହା ଲିପିବଦ୍ଧ କରିଦେଇଛି କି ଯଦି ତୁମେ ଏହା କରିବ ତେବେ ମୋ କରୁଣାର ବ୍ୟାପକତା ତୁମକୁ ନିଜର ଘେର ଭିତରେ ନେଇଯିବ । କେଡେ କରୁଣାମୟ ହେଉଛନ୍ତି ଆମର ଇଶ୍ୱରର । ଆମେ ତ ଅଲ୍ଲାଃତାଲାଙ୍କର ଭକ୍ତ । ତେଣୁ ଭକ୍ତ କିଭଳି ନିଜ ମାଲିକଙ୍କ ଉପରେ କୌଣସି ପ୍ରକାରର ଅଧିକାର ସାବ୍ୟସ୍ତ କରିପାରେ । କିନ୍ତୁ ସେ ହେଉଛନ୍ତି ପୃଥିବୀ ଓ ଆକାଶର ମାଲିକ, ସେ କହୁଛନ୍ତି ଯଦି ତୁମେ ତକ୍‌ୱା ଉପରେ ପରଚାଳିତ ହେବ, ମୋ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରି ମୋ ନିଦର୍ଶନ ଗୁଡିକ ଉପରେ ବିଶ୍ୱାସ ଆଣିବ ତେବେ ମୋ ରହେମତକୁ ପାଇବା ପାଇଁ ନିଶ୍ଚିତ ରୂପେ ହକ୍‌ଦାର୍ ହୋଇଯିବା । ଏଠାରେ ଅଲ୍ଲାଃତାଲା ପ୍ରଥମ ଜିନିଷ ଧର୍ମପରାୟଣ ହେବା ଦର୍ଶାଇଛନ୍ତି ଏବଂ ପ୍ରକୃତରେ ଯଦି ଧର୍ମପରାୟଣ ହେବାର ସଠିକ୍ ଜ୍ଞାନ ହାସଲ ହୋଇଯାଏ ତେବେ ଅନ୍ୟାନ୍ୟ ପୁଣ୍ୟ ଓ ବିଶ୍ୱାସରେ ପୂର୍ଣ୍ଣତାର ସ୍ତର ହାସଲ କରିବା ହେଉଛି ତାହା ଅନ୍ତର୍ଗତ ।

ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- **ମଣିଷର ସମସ୍ତ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ତକ୍‌ୱାର ସମସ୍ତ ସୂକ୍ଷ୍ମ ମାର୍ଗ ଉପରେ ପରିଚାଳିତ ହେବା ।** ଧର୍ମପରାୟଣତା ସୂକ୍ଷ୍ମ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର କାରୁକାର୍ଯ୍ୟ, ସୁନ୍ଦର ଅସ୍ତିତ୍ୱ ଓ ଢାଂଚା ଅଟେ । ଏବଂ ଇଶ୍ୱରଙ୍କ ଆମାନତ ଓ ବିଶ୍ୱାସ ରୂପକ ପ୍ରତିଶୃତିର ଯଥା ସମ୍ଭବ ଧ୍ୟାନ ରଖିବା । (ଅର୍ଥାତ୍) ସେଗୁଡିକ ସଠିକ୍ ରୂପେ ସମ୍ପାଦନ କରିବା) ଓ ମୁଣ୍ଡରୁ ଚଳିବା ପର୍ଯ୍ୟନ୍ତ ଯେତେ ଶକ୍ତି ଓ ଅଙ୍ଗ ରହିଛି (ମନୁଷ୍ୟର ଯେତେ

ମଧ୍ୟ ଅଙ୍ଗ ରହିଛି ଅର୍ଥାତ୍ ମନୁଷ୍ୟର ଶକ୍ତି ଇତ୍ୟାଦି) ସେଥିମଧ୍ୟରୁ ପ୍ରକାଶ୍ୟରେ ଆଖି କାନ, ହାତ, ଗୋଡ଼ ଓ ଅନ୍ୟାନ୍ୟ ବିଭିନ୍ନ ଅଙ୍ଗ ରହିଛି ଓ ଅନ୍ତରରେ ହୃଦୟ, ଅନ୍ୟଶକ୍ତି ଓ ଚରିତ୍ର ରହିଛି ସେଗୁଡିକୁ ଯଥାସମ୍ଭବ ଉପଯୁକ୍ତ ସ୍ଥାନରେ ନିଶ୍ଚିତ ରୂପେ ବ୍ୟବହାର କରିବା" । "ଓ ଅବୈଧ କାର୍ଯ୍ୟକଳାପରୁ ନିବୃତ ରହିବା ଓ ସେମାନଙ୍କ ଲୁକ୍କାୟିତ ଆକ୍ରମଣରୁ ସତର୍କ ରହିବା । ପୁଣି କହିଲେ- " ଓ ତାର ମୁକାବିଲାରେ ସୃଷ୍ଟଜଙ୍କ ଅଧିକାର ଗୁଡିକ ପ୍ରତି ଧ୍ୟାନ ଦେବା । ଏହା ଏପରି ଏକ ଶୈଳୀ ଯାହା ମନୁଷ୍ୟର ସମସ୍ତ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଏଥିରେ ନିହିତ ଅଛି । ଅଲ୍ଲାଃତାଲା ପବିତ୍ର କୋରାନରେ ଧର୍ମପରାୟଣତାକୁ **ଲିବାସ** (ବସ୍ତ୍ର)ର ନାମ ଦେଇଛନ୍ତି । ଅତଏବ ପବିତ୍ର କୋରାନରେ **ଲିବାସୁତ୍ ତକଓ୍ୱା** (ଶବ୍ଦ) ଆସିଛି । ଏଥିପ୍ରତି ଇଶାରା କରାଯାଇଛି କି ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଓ ମନୋରମତା ଧର୍ମପରାୟଣ ହେବାରେ ହାସଲ ହୋଇଥାଏ । ଧର୍ମପରାୟଣତା ଏହି କି ଯେ, ମଣିଷ ଅଲ୍ଲାଃଙ୍କ ସମସ୍ତ ଅମାନତ୍ ଓ ବିଶ୍ୱାସର ପ୍ରତିଶ୍ରୁତି ତଥା ଭକ୍ତଙ୍କ ସମସ୍ତ ଅମାନତ୍ ଓ ତାଙ୍କ କର୍ତବ୍ୟ ବିସ୍ତୃତ ଭାବରେ ସମ୍ପାଦନ କରିବା ଅର୍ଥାତ ସେଗୁଡ଼ିକର ସୁକ୍ଷ୍ମ ଦିଗଗୁଡ଼ିକ ମଧ୍ୟରେ ନିଜକୁ ଆବଦ୍ଧ କରିନେବା ଅଟେ" । (ଜମିମା ବରାହିନେ ଅହେମଦୀୟା ପଂଚମ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୨୧, ପୃଷ୍ଠା-୨୦୯-୨୧୦)

ଏଥିରେ ଯେଉଁ ସୂକ୍ଷ୍ମରୁ ସୂକ୍ଷ୍ମତର କଥା ରହିଛି ତା ଉପରେ ମଧ୍ୟ "ଯେପର୍ଯ୍ୟନ୍ତ ମନୁଷ୍ୟର ଶକ୍ତି ଅଛି ସେପର୍ଯ୍ୟନ୍ତ, ତା ଉପରେ ଅମଲ କରୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ଏହି ସ୍ତରକୁ ଜଣେ ହାସଲ କରିନେଲେ ଭକ୍ତମାନେ ଅଲ୍ଲାଃଙ୍କ କରୁଣା ଲାଭ କରିବାର ଅଧିକାରୀ ହୋଇଥାନ୍ତି ଏବଂ ଯେପରିକି ମୁଁ କହିଲି ଭକ୍ତର ସ୍ତର ଏପରି ହେବା ଉଚିତ୍ କି ସେ ଅଲ୍ଲାଃଙ୍କଠାରୁ କିଛି ହାସଲ କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହି ଦିନଗୁଡ଼ିକ ଯାହାକି ରମଜାନର ଅନ୍ତିମ ସପ୍ତାହ ଅଟେ ଯେଉଁଥିରେ ଆମେ ଅତିକ୍ରମ କରୁଅଛେ । ସେହି ଦିନଗୁଡ଼ିକ ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆ କହିଥିଲେ ଯେତେବେଳେ ରମଜାନର ମାସ ଆସେ ବୈକୁଣ୍ଠର ଦ୍ୱାର ଉନ୍ମୁକ୍ତ କରିଦିଆଯାଏ ଏବଂ ନର୍କର ଦ୍ୱାର ବନ୍ଦ କରିଦିଆଯାଏ ଏବଂ ଶୈତାନ୍‌କୁ କଏଦ କରିଦିଆଯାଏ । (ସହି ମୁସ୍‌ଲିମ୍, କିତାବୁସ୍ ସିଆମ୍, ବାବ୍ ଫଜଲ୍ ଶହ୍‌ରେ ରମ୍‌ଜାନା, ହଦିସ୍ ନଂ-୨୪୯୫)

ଏଥିରୁ ମଧ୍ୟ ଜଣେ ମୋମିନ୍ ଲାଭ ଉଠାଇଥାଏ ଏବଂ ସେହିମାନେ ଲାଭ ଉଠାଇଥାନ୍ତି ଯେଉଁମାନେ ପ୍ରକୃତ ଓ ବାସ୍ତବିକ ବିଶ୍ୱାସ ରଖିଥାନ୍ତି ଏବଂ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଲ କରିଥାନ୍ତି । ସଇତାନ୍‌ର ଚେଲାମାନେ ତ ଏହି ଦିନ ଗୁଡିକରେ ମଧ୍ୟ ନିଜ କାର୍ଯ୍ୟକଳାପରୁ ଖ୍ୟାନ୍ତ ରୁହନ୍ତି ନାହିଁ । ଏ ସଂସାରରେ ବହୁମାତ୍ରାରେ ଅପକର୍ମ ଓ ନିର୍ଲଜ କାର୍ଯ୍ୟ ପ୍ରତ୍ୟେକ ଦିନ ହେଉଅଛି । ରମ୍‌ଜାନ୍‌ରେ ଏହା ଶେଷ ହେବନାହିଁ । ସୁତରାଂ ଉକ୍ତ ସୁସମ୍ବାଦ କେବଳ ମୋମିନ୍‌ଙ୍କ ପାଇଁ ରହିଛି, ଯେଉଁମାନେ ତକ୍‌ଓ୍ୱା ଉପରେ ପରିଚାଳିତ ହେଉଛନ୍ତି ଓ ସେମାନଙ୍କ ପାଇଁ ଅଛି ଯେଉଁମାନେ ଅଲ୍ଲାଃତାଲାଙ୍କ କରୁଣାର ଅଂଶୀଦାର ହୋଇଥାଆନ୍ତି । ଅର୍ଥାତ୍ ତୁମପାଇଁ ଅଲ୍ଲାଃତାଲା ନିଜ କରୁଣାକୁ ପୂର୍ବଠାରୁ ବଳି ବ୍ୟାପକ କରିଦେଇଛି । ତେଣୁ ତୁମେ ଏଥିରୁ ଲାଭ ଉଠାଓ ଓ ଅଲ୍ଲାଃତାଲାଙ୍କର ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କର ଓ ତାର ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କର ଏବଂ ତାର ହକ୍‌କୁ ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଷ କରାଇ ଆଉ ଏକ ଅବସରରେ ହଜୁର ସ.ଆ କୁହନ୍ତି ଯେଉଁ ବ୍ୟକ୍ତି ବିଶ୍ୱାସର ସହିତ ଓ ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ରମଜାନର ରାତିରେ ଉଠି ନମାଜ ପାଠ କରିଥାନ୍ତି ତାହାର ପୂର୍ବ ଅପକର୍ମ ଗୁଡିକୁ କ୍ଷମା କରିଦିଆଯାଏ । (ସହି ବୁଖାରୀ, କିତାବୁଲ୍ ଇମାନ୍ ବାବ୍ ସୌମେ ରମ୍‌ଜାନା...ହଦିସ୍ -୩୮)

ଅଲ୍ଲାଃତାଲାଙ୍କ ବ୍ୟାପକ କରୁଣାର ପରିପ୍ରକାଶ ଏହା ହେଉଛି କି ତୁମେ ଚେଷ୍ଟା କରିଚାଲ, ମୁଁ ଅନେକ ଗୁଣା ବଢ଼ାଇ ତୁମକୁ ଦେଉଅଛି । କିପରି ଭାବେ ତା ରେହ୍‌ମାନିୟତ୍ ଏବଂ ରହିମିୟତ୍ ଓ ରହମତ୍‌ର ପ୍ରକାଶ ହେଉଅଛି । ଅତଃ ଭାଗ୍ୟବାନ ସେ ଯେ ଏହି ଦିନମାନଙ୍କରୁ ଉପକୃତ ହୋଇଥାନ୍ତି । ହଜୁର ଅନଓ୍ୱର ଅ.ବ କହିଲେ- ଏହା ମଧ୍ୟ ତାଙ୍କରି ଧର୍ମ କି ରମଜାନର ଏହି ଅନ୍ତିମ ପର୍ଯ୍ୟାୟରେ ଆମ୍ଭକୁ **ଲୈଲତୁଲ୍ କଦର୍** ହାସଲ କରିବା ପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ଯଦ୍ୱାରା ଦୁଆ ସ୍ୱୀକାର ହେବାର ନିଦର୍ଶନ ଆମ୍ଭେ ପୂର୍ବ ଅପେକ୍ଷା ଅଧିକ ଦେଖିପାରିବା । ଯଦିଓ ଏହା ମଧ୍ୟ ଆମର ଅଧିକାର ନୁହେଁ ବରଂ ଅଲ୍ଲାଃଙ୍କ ପ୍ରଦତ ଅଟେ କି ଭକ୍ତଙ୍କୁ ନିଜ ନିକଟବର୍ତୀ କରିବା ପ୍ରତି ପ୍ରୋତ୍ସାହିତ କରିବା ଏବଂ ତାହା ମଧ୍ୟ ହେଉଛି ତାଙ୍କ ବ୍ୟାପକ କରୁଣା ।

ଆଉ ଏକ ହଦିସ୍‌ରେ ଦରଜ ରହିଛି ରମଜାନର ପ୍ରାରମ୍ଭକି ଅଶ୍‌ରା (ଦଶ ଦିନ) ହେଉଛି କରୁଣାର ଦିନ । **ଦ୍ୱିତୀୟ** ପର୍ଯ୍ୟାୟ କ୍ଷମା ପ୍ରାପ୍ତି କରିବାର ଏବଂ ଶେଷ ପର୍ଯ୍ୟାୟ ହେଉଛି ମୁକ୍ତି ଲାଭ କରିବାର । (କନଜୁଲ୍ ଅମାଲ୍, ଖଣ୍ଡ-୮, ପୃଷ୍ଠା-୪୬୩, ହଦିସ୍ ନଂ-୨୩୬୬୮... ବେରୁତ୍-୧୯୮୫)

ଯେବେ ରମ୍‌ଜାନ୍ ମାସରେ ଲୋକେ ରୋଜା ସହିତ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପୂର୍ବଠାରୁ ଅଧିକ ଅମଲ କରନ୍ତି ଓ ନିଜ ଉପାସନାକୁ ବଢ଼ାଇଥାନ୍ତି, ନିଜ ନିଷ୍ଠାରେ ଉନ୍ନତି ଆଣିଥାନ୍ତି ତେବେ ପୁଣି ମନୁଷ୍ୟ ଅଲ୍ଲାଃତାଲାଙ୍କ କରୁଣା ରୂପକ ଚାଦର ଭିତରେ ପୂର୍ବଠାରୁ ଅଧିକା ଆସିଯାଏ କାରଣ ଅଲ୍ଲାଃତାଲା କହୁଛନ୍ତି କି ଯେବେ ଭକ୍ତ ମୋ ଖାତିର୍ ରୋଜା ରଖୁଛି ଓ ଏହି ଦିନ ଗୁଡିକରେ ମୋ ଖାତିର୍ କିଛି ବୈଧ କାର୍ଯ୍ୟଗୁଡିକୁ କରିବାରୁ ମଧ୍ୟ ନିବୃତ ରହୁଛି ତେଣୁ ମୁଁ ଏହିଭଳି ରୋଜାଦାର୍‌ଙ୍କ ପୁରସ୍କାର ମୁଁ ନିଜେ ହୋଇଯାଏ । (ସହି ବୁଖାରୀ, କିତାବୁସ୍ ସୌମ୍....ହଦିସ୍-୧୯୦୪)

ଯେବେ ଅଲ୍ଲାଃତାଲା ନିଜେ ତାହାର ପୁରସ୍କାର ହୋଇଯାଏ ତେବେ ମଗ୍‌ଫିରତ୍ (କ୍ଷମା)ର ମାର୍ଗ ଉନ୍ମୁକ୍ତ ହୋଇଯାଏ । ଯେବେ ମଗ୍‌ଫିରତ୍ ହୋଇଯାଏ ଓ ଅଲ୍ଲାଃତାଲା ତାକୁ କ୍ଷମା କରିଦିଅନ୍ତି ଓ ତାର ତୌବାକୁ ଗ୍ରହଣ କରିନିଅନ୍ତି ତେବେ ସେ ନର୍କରୁ ମଧ୍ୟ ବଂଚିଯାଏ । ଅର୍ଥାତ୍ ନିଆଁରୁ ବଂଚିଯାଏ । ଏହି ସାସାଂରିକ ଅଗ୍ନିରୁ ଓ ତତ୍ ସହିତ ପରକାଳର ଅଗ୍ନିରୁ ମଧ୍ୟ । କିନ୍ତୁ ସର୍ତ ଏହା ଅଟେ କି ସମ୍ପୂର୍ଣ୍ଣ ରୂପେ ପରିଷ୍କାର ହୋଇ ନିଷ୍ଠାର ସହିତ ଅଲ୍ଲାଃଙ୍କ ଖାତିର୍ ରୋଜା ରଖିବା ଏବଂ ତା ଉପରେ ଅମଲ ମଧ୍ୟ କରିବା ଓ ପୁଣି ଏହି ଅମଲ ଜୀବନର ଅଭିନ୍ନ ଅଙ୍ଗ ହୋଇ ଅଲ୍ଲାଃତାଲାଙ୍କ କରୁଣାକୁ ସଦାସର୍ବଦା ପାଇଁ ନିଜ ଭିତରେ ରଖିବାର ମାଧ୍ୟମ ହୋଇଯାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କ କରୁଣା କେବଳ ରମଜାନର ପ୍ରଥମ ପର୍ଯ୍ୟାୟ ପାଇଁ ନୁହେଁ ବରଂ ତାହା ପ୍ରଥମରୁ ଦ୍ୱିତୀୟ ଓ ଦ୍ୱିତୀୟରୁ ତୃତୀୟ ପର୍ଯ୍ୟାୟରେ ତଥା ସଦାସର୍ବଦା ମାନବ ଜାତି ନିମନ୍ତେ ଉନ୍ମୁକ୍ତ ରହିଛି, ଯେଉଁମାନେ ଧର୍ମପରାୟଣ ଅଟନ୍ତି । ସେହିପରି ତାଙ୍କ କ୍ଷମା କେବଳ ମଧ୍ୟବର୍ତୀ ଦଶ ଦିନ ପାଇଁ ନୁହେଁ ବରଂ ରମଜାନର ଅନ୍ତିମ ପର୍ଯ୍ୟାୟ ଓ ତା'ଠାରୁ ଆଗକୁ ମଣିଷ ସହିତ ରହିଥାଏ । ସେହିପରି ଅଗ୍ନିରୁ ମଧ୍ୟ ମଣିଷ କେବଳ ଏହି ଦଶ ଦିନରେ ହିଁ ମୁକ୍ତି ଲାଭ କରିନଥାଏ ବରଂ ଅଲ୍ଲାଃଙ୍କ କରୁଣାରୁ ଉପକୃତ ହେବା ପାଇଁ ତାଙ୍କଠାରୁ କ୍ଷମା ଭିକ୍ଷା କରିବା ଯାହାକି ରମଜାନ ଅତିବାହିତ ହେବାପରେ ମଧ୍ୟ ଅଗ୍ନିରୁ ନିବୃତ ରହିଥାଏ ନଚେତ୍ ଯଦି ରମଜାନ ପରେ ପୁଣି ସେହି ସାଂସାରିକ କାର୍ଯ୍ୟକଳାପ ପ୍ରଭାବିତ ହେବ ଓ ତକ୍‌ଓ୍ୱାରୁ ଦୂରେଇ ଯିବ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଲ କରିବା ପାଇଁ ଧ୍ୟାନ ଦିଆଯିବ ନାହିଁ ଓ ଇମାନ୍‌ର ଦୁର୍ବଳତା ଓ ଅଲ୍ଲାଃତାଲାଙ୍କ ନିଦର୍ଶନ ଗୁଡିକୁ ଆମେ ପରବାୟ ନ କରିବା ଓ (ଅଲ୍ଲାଃଙ୍କଠାରୁ) ଦୂରତା ରକ୍ଷାକରାଯାଏ ତେବେ ତାହା ଏପରି କାର୍ଯ୍ୟ ଅଟେ ଯେମିତି ଜଣେ ନିଜ ପାଇଁ ଏକ ସୁଦୃଢ ଦୁର୍ଗ ପ୍ରସ୍ତୁତ କରିବା ପରେ ତାହାକୁ ଭାଙ୍ଗି ନଷ୍ଟ କରିଦିଏ । ସୁତରାଂ ଏହି ରମ୍‌ଜାନ୍ ଅଲ୍ଲାଃତାଲାଙ୍କ କରୁଣାରୁ ଭାଗ ପାଇବା ପାଇଁ ଓ ପ୍ରଥମରୁ ଅଧିକ ଭାଗ ନେବାପାଇଁ ଗୋଟିଏ ମାଧ୍ୟମ ବନାଇଛି ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ ଗୋଟିଏ ଜରିଆ ବନାଇଛି । ନଚେତ୍ **ନା ଅଲ୍ଲାଃଙ୍କ କରୁଣା କିଛି ଦିନ ମଧ୍ୟରେ ସୀମିତ ନା ତାଙ୍କର କ୍ଷମା କିଛି ଦିନ ମଧ୍ୟରେ ସୀମିତ ନା ତାଙ୍କ ଅଗ୍ନିର (ଶାସ୍ତି)ରୁ ମୁକ୍ତି ପାଇବାର ମାର୍ଗ କିଛି ଦିନ ଭିତରେ ସୀମିତ ରହିଛି ।**

ତେଣୁ ଏକଥା ଉପରେ ଆମେ ସର୍ବଦା ଚିନ୍ତା କରିବା ଉଚିତ୍ । ଏ ଯୁଗରେ ପାଦପାଦକେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମର ମାର୍ଗ ଦର୍ଶନ କରିଛନ୍ତି କି ଆମେ କିପରି ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିପାରିବା ଓ ତାର ବାସ୍ତବିକତା କଣ ? କିଭଳି ଆମେ ଅଲ୍ଲାଃତାଲାଙ୍କ କରୁଣାରୁ ଭାଗ ପାଇପାରିବା ଓ କିଭଳି ଅଲ୍ଲାଃତାଲା ଆମକୁ ନିଜ କରୁଣାର ପରିଧି ଭିତରେ ନେବାର ରାସ୍ତା ଯୋଗାଇ ଦେଇଛି ବା ଆମର ଗୋଟିଏ କର୍ମକୁ କିଭଳି ବଢ଼ାଇ ତାର ପ୍ରତିବଦଳ ଦେଉଛି । କିଭଳି କ୍ଷମା ଦେବାର ବାହାନା ଖୋଜୁଛି । ଓ କିଭଳି ଆମେ ମଗ୍‌ଫିରତ୍ ପାଇଁ ଚେଷ୍ଟା କରିବା ଉଚିତ୍ ଯଦ୍ୱାରା ତାର କରୁଣା ସବୁବେଳ ପାଇଁ ଆମ ସହିତ ରହିବ । ସେଇଥିପାଇଁ ମୁଁ ଆପଣ ଆ:ସଙ୍କ କିଛି ଲେଖନୀ ମଧ୍ୟ ଉପସ୍ଥାପନ କରିବି ଓ ଏହାର ସ୍ୱଷ୍ଟୀକରଣ ମଧ୍ୟ ଦେବୀ ।

ହଜରତ ମସିହ ମଉଦ ଆ.ସ ଉପରୋକ୍ତ ପକ୍ତିଂର ସ୍ୱଷ୍ଟିକରଣ କରି କୁହନ୍ତି- ଅଲ୍ଲାଃତାଲା କୁହନ୍ତି ମୁଁ ଯାହାକୁ ଇଛାକରେ ଶାସ୍ତି ଦିଏ ଏବଂ ମୋ କରୁଣା ପ୍ରତ୍ୟେକ ଜିନିଷକୁ ଘେରି ରହିଛି ତେଣୁ ମୁଁ ସେମାନଙ୍କ ପାଇଁ ଯେଉଁମାନେ ସମସ୍ତ ପ୍ରକାରର ଶିରକ୍ ଓ ଅମାନ୍ୟ କରିବା ଓ ଅପବିତ୍ରତାରୁ ନିବୃତ ରହିଥାନ୍ତି ଏବଂ ଜକାତ୍ ଦେଇଥାନ୍ତି ତଥା ଆମ ନିଦର୍ଶନମାନ ଦେଖି ପୂର୍ଣ୍ଣ ବିଶ୍ୱାସ ରଖିଥାନ୍ତି ସେମାନଙ୍କୁ (ଆମ) କରୁଣାରୁ ଭାଗ ପାଇବା ପାଇଁ ଧାର୍ଯ୍ୟ କରିବୁ" । (ବରାହିନେ ଅହେମଦୀୟା, ଚତୁର୍ଥ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୫୬୪)

ଏଠାରେ ଆପଣ ଧର୍ମପରାୟଣତାର ସ୍ୱଷ୍ଟିକରଣ ତିନି ଗୋଟି ଶବ୍ଦରେ କରିଛନ୍ତି **ପ୍ରଥମ** ଶିରକ୍ କରିବାରୁ ନିବୃତ ରହିବା, **ଦ୍ୱିତୀୟ** ଅମାନ୍ୟ (କୁଫର୍) କରିବାରୁ ନିବୃତ ରହିବା, **ତୃତୀୟରେ** ଅଶ୍ଳୀଳତା (ଫଓ୍ୱାହିଶ୍)ରୁ ନିବୃତ ରହିବା । ଆଜିକାଲି ପ୍ରତିପାଦରେ ଅଶ୍ଳୀଳତା ଓ ଅସଭ୍ୟତା ଦେଖିବାକୁ ମିଳୁଅଛି, କୁଭାଷା ଓ ଖରାପ ଜିନିଷ ଟିଭି, ଇଣ୍ଟରନେଟ୍ ଏବଂ ମିଡ଼ିୟାରେ ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଅଛି । ଅତଃ ସେ ସମସ୍ତ ଅସଭ୍ୟ ଓ ଅଭଦ୍ର କାର୍ଯ୍ୟକ୍ରମରୁ ନିବୃତ ରହିବା ଅଲ୍ଲାଃତାଲାଙ୍କ କରୁଣା ଲାଭ କରିବାର ମାଧ୍ୟମ ସାଜିଥାଏ । ରମ୍‌ଜାନ୍‌ରେ ଏହି ଦିନ ଗୁଡିକରେ ରୋଜା ରଖିବା ପାଇଁ ଶିଘ୍ର ଉଠିବାକୁ ହୋଇଥାଏ ଏବଂ ରାତି ସମୟରେ ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ମଧ୍ୟ ରହିଛି । ସେଥିପାଇଁ ବହୁତ ଲୋକେ, ଯେଉଁମାନେ ବୋଧହୁଏ ଏହି ଦିନ ଗୁଡିକରେ ଏହି ଜିନିଷ ଗୁଡିକ ସେତେ ଦେଖନ୍ତି ନାହିଁ ବା ସେହି ଅପକର୍ମ ଗୁଡିକରେ ଲିପ୍ତ ରୁହନ୍ତି ନାହିଁ ଓ ସେଥିରୁ ବଂଚି ରୁହନ୍ତି । କବଳ ରମଜାନରେ ନୁହେଁ ବରଂ ସଦାସର୍ବଦା ନିବୃତ ରହିବା ଆବଶ୍ୟକ । ଏହି ଜିନିଷ ଯୁବକ ବରଂ ଗୁରୁଜନମାନଙ୍କର ମଧ୍ୟ ମତି ଭ୍ରଷ୍ଟ କରି (ସେମାନଙ୍କ ମସ୍ତିଷ୍କକୁ) ବିଷାକ୍ତ କରିଦେଇଥାଏ । ସେମାନଙ୍କ ଚରିତ୍ର ମଧ୍ୟ ଖରାପ ହୋଇଯାଏ ଏବଂ ସେମାନେ ବିଶ୍ୱାସରୁ ମଧ୍ୟ ଦୂରକୁ ଚାଲିଯାଇଥାନ୍ତି । ଅତଃ ଏଥିପ୍ରତି ପ୍ରତ୍ୟେକ ଅହେମଦିଙ୍କୁ ଧ୍ୟାନ ଦେବା ଆବଶ୍ୟକ ଏବଂ ସେଗୁଡ଼ିକୁ ଆବଶ୍ୟକତା ମୁତାବକ ଓ ସତର୍କତାର ସହିତ ବ୍ୟବହାର କରିବା ଉଚିତ୍ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଉକ୍ତ ପକ୍ତିଂରୁ ଜଣାଯାଉଛି ଯେ, (ଅଲ୍ଲାଃ)ଙ୍କ କରୁଣା ସାଧାରଣ ଓ ବିସ୍ତୃତ ଅଟେ ଏବଂ ଶାସ୍ତି ଦେବାର ଗୁଣ ଅଲ୍ଲାଃଙ୍କ ନିୟମ ଭଙ୍ଗ କରିବା

ଅନ୍ତେ ନିଜର ଅଧିକାର ସାବ୍ୟସ୍ତ କରିଥାଏ” (ଜଙ୍ଗେ ମୁକଦସ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୨୦୭)

ଅତଃ ଯେତେବେଳେ ଅଲ୍ଲାଃତାଲା କାହାରିକୁ ଶାସ୍ତି ଦେଇଥାନ୍ତି ତେବେ ତାହା ଏଥିପାଇଁ କି ସେ ଅଲ୍ଲାଃଙ୍କ (ଧାର୍ଯ୍ୟ) ନିୟମର ସୀମା ଲଙ୍ଘନ କରିଥାଏ ଏବଂ ଯେପରିକି ଚର୍ଚ୍ଚା କରି ଆସିଲି କି ଉକ୍ତ ଶାସ୍ତି ମଧ ତାହାର ସୁଧାର ନିମନ୍ତେ ଉଦ୍ଧିଷ୍ଟ । ପୁଣି ଶେଷରେ ଅଲ୍ଲାଃତାଲାଙ୍କ କରୁଣାର ହିଁ ବିଜୟ ହୋଇଥାଏ । ସେ ଯାହା ହେଉ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ କି ଯଦି କାହା ଉପରେ ଅଲ୍ଲାଃତାଲାଙ୍କ କ୍ରୋଧ ଅବତୀର୍ଣ୍ଣ ହୁଏ ତେବେ ତାହା କେବଳ ଏଇଥିପାଇଁ କି ସେ ଅଲ୍ଲାଃତାଲାଙ୍କ କାନୁନ୍‌ରୁ ବାହାରି ଯାଇ ବହୁତ କିଛି କରିଛି । ଯଦି ଚ ଅଲ୍ଲାଃତାଲ ନିଜର କରୁଣାକୁ ବହୁତ ବ୍ୟାପକ କରିଛି ଏହା ସତ୍ୱେ ମଧ ତା କ୍ରୋଧର ଶିକାର ହୋଇଯାଆନ୍ତି ।

ପୁଣି ଏହାର ସ୍ପଷ୍ଟୀକରଣ ଦେଇ ଆଉଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:- “ୱଇଦ୍ (ଦଣ୍ଡଦେବାର ବାଣୀ) ବାସ୍ତବରେ କୌଣସି ପ୍ରତିଶୃତି ନୁହେଁ । ତାହା କେବଳ ଏତିକି କି ଈଶ୍ୱର୍ ନିଜ କୁଦୁସିୟତ୍ (ପବିତ୍ରତା) ଯୋଗୁଁ ଏହା ଚାହୁଁଥାଏ କି ଅପରାଧ କରିଥିବା ବ୍ୟକ୍ତିକ ଦଣ୍ଡ ଦିଆଯାଉ....ପୁଣି ଯେବେ ସେହି ଅପରାଧି ବ୍ୟକ୍ତିଜଣକ ତୌବା, ଇସ୍‌ତେଗ୍‌ଫାର ଓ କାନ୍ଦି କାନ୍ଦି ତା କୁ ାର ହକ୍ ଦେଇଦିଏ ସେତେବେଳେ ଈଶ୍ୱରଙ୍କ କରୁଣା ଏହା ଚାହିଁଥାଏ କି ସେ କ୍ରୋଧେ ଇଚ୍ଛା ଉପରେ ଆଗକୁ ବଢ଼ିଯାଏ । ଓ ସେହି କ୍ରୋଧକୁ ନିଜ ଭିତରେ ଲୁଚାଇଦିଏ । ଏହା ହେଉଛି ସେହି ଆୟତର ଅର୍ଥ ଅର୍ଥା୍ ଅଜାବି ଉସିବୁ ବିହ୍ ମନ୍ ଅଶାଉ ୱ ରହ୍‌ମତି ୱସିଅତ୍ କୁଲ୍ଲୁ ଶଇଇନ୍ ଅର୍ଥାତ୍ ରହମତି ସବକତ୍ ଗଜବି” (ତୋହ୍‌ଫା ଗଜନୁୟା, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୫୩୭)

ହଜୁର ଅନୱର ଅ.ବ କହିଲେ- ଯେତେବେଳେ ଜଣେ (ଏଥିପ୍ରତି) ଧ୍ୟାନ ଦେବା ସହିତ କ୍ଷମା ପ୍ରାର୍ଥନା କରେ, ବ୍ୟାକୁଳ ହୋଇ (ନମାଜ) ପାଠ କରେ, ଦୁଆ କରେ ଏବଂ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରେ ତେବେ କ’ଣ ଅଲ୍ଲାଃଙ୍କର କୌଣସି କର୍ତବ୍ୟ ନାହିଁ ବରଂ ଭକ୍ତମାନଙ୍କ ଉପରେ କରୁଣା କରିବା ପାଇଁ ତ ସେ ସର୍ବଦା ତତ୍ପର । ପୁଣି **ତାଙ୍କ କରୁଣା ତାଙ୍କ ଶାସ୍ତି ଉପରେ ପ୍ରାଧାନ୍ୟ ରଖିଥାଏ ଏବଂ ଶାସ୍ତି ଉଭେଇ ପରଦାରେ ଲୁଚିଯାଏ ।**

ପୁଣି ଆପଣ କହୁଛନ୍ତି ଅଲ୍ଲାଃତାଲାଙ୍କ ରହେମତ୍ କୁ ଟାଣି ଆଣିବାର ମାଧ୍ୟମ ହେଉଛି ତୌବା ଓ ଇସ୍‌ତେଗ୍‌ଫାର୍ । କ୍ଷମା ପ୍ରାର୍ଥନାର ସତ୍ୟାସତ୍ୟ ଓ ତାହାର ପ୍ରକୃତ ଅର୍ଥ ବର୍ଣ୍ଣନା କରି କୁହନ୍ତି- ଅଲ୍ଲାଃତାଲାଙ୍କୁ ନିବେଦନ କରିବା ଯେପରି ଦୁର୍ବଳତାର କୌଣସି ପ୍ରଭାବ ପ୍ରକାଶ ନପାଇବ ଏବଂ ଅଲ୍ଲାଃ (ମାନବ) ସ୍ୱଭାବକୁ ନିଜ ଶକ୍ତି ଦ୍ୱାରା ସାମର୍ଥ୍ୟ ପ୍ରଦାନ କରି ନିଜ ସାହାଯ୍ୟ ଓ ଅନୁକମ୍ପାର ପରିସୀମା ମଧ୍ୟରେ ରଖିବେ । (ଇସ୍‌ତେଗ୍‌ଫାର୍ ଏଇଥିପାଇଁ ରହିଛି ମନୁଷ୍ୟ ହେଉଛି ଦୁର୍ବଳ । ଯଦି କୌଣସି ପ୍ରକାରର ଦୁର୍ବଳତା ମନୁଷ୍ୟ ଭିତରେ ରହିଥାଏ ଓ ତାହା ପ୍ରକାଶ ହୁଏନାହିଁ ଏବଂ ଯାହା ମନଷ୍ୟର ପ୍ରକୃତି ଅଟେ ତାକୁ ଅଲ୍ଲାଃତାଲା ନିଜର ଶକ୍ତି ଦ୍ୱାରା ସାହାଯ୍ୟ ଦେଇ ପାପ କରିବାରୁ ବଂଚାଏ, ଅର୍ଥାତ୍ ଭୁଲ୍ ହେବାରୁ ବଂଚାଇଥାଏ । ଏହି ଶବ୍ଦଟି ଗଫର୍‌ରୁ ନିଆଯାଇଛି ଯାହାର ଅର୍ଥ ହେଉଛି ଦୁର୍ବଳତାକୁ ଢ଼ାଙ୍କି ରଖିବା । ତେଣୁ ଏହାର ଏପରି ଅର୍ଥ କରାଯାଉଛି କି ଈଶ୍ୱର ନିଜ ଶକ୍ତି ବଳରେ ଇସ୍‌ତେଗ୍‌ଫାର୍ କରିଥିବା ବ୍ୟକ୍ତି ବିଶେଷଙ୍କ ପ୍ରାକୃତିକ ଦୁର୍ବଳତାକୁ ଢ଼ାଙ୍କିଦେଉ । କିନ୍ତୁ ଏହାପରେ ସାଧାରଣ ଲୋକମାନଙ୍କ ପାଇଁ ଏହି ଶବ୍ଦର ଅର୍ଥ ମଧ ବ୍ୟାପକ ଓ ଏଥିରୁ ଏ ଅର୍ଥ କରାଯାଉଛି କି ଈଶ୍ୱର ପାପକୁ ଢ଼ାଙ୍କିଦିଏ” । (ଅର୍ଥାତ୍ ଯେଉଁ ମନୁଷ୍ୟ ପାପା କରିଚାଲିଛି ତାକୁ ମଧ ଢ଼ାଙ୍କି ନିଏ ଓ ତାର କୁପ୍ରଭାବରୁ ତାକୁ ବଂଚାଏ । ଅର୍ଥାତ୍ ସେଥିଯୋଗୁ ଯେଉଁ ଦଣ୍ଡ ମିଳିବାକୁ ଥାଏ ସେଥିରୁ ବଂଚାଇଦିଏ) “କିନ୍ତୁ ଅସଲ ଓ ବାସ୍ତବିକ ଅର୍ଥ ଏହା ହେଉଛି କି ଈଶ୍ୱର ନିଜ ଐଶ୍ୱରିକ ଶକ୍ତି ସହିତ, ଯିଏ ଇସ୍‌ତେଗ୍‌ଫାର୍ କରିଥାଏ ତାର ପ୍ରାକୃତିକ ଦୁର୍ବଳତାରୁ ବଂଚାଇଥାଏ ଓ ନିଜ ଶକ୍ତିରୁ ତାକୁ ଶକ୍ତି ପ୍ରଦାନ କରେ ଓ ନିଜ ଜ୍ଞାନରୁ ତାକୁ ଜ୍ଞାନ ପ୍ରଦାନ କରେ ଓ ନିଜ ଜ୍ୟୋତିରୁ ତାକୁ ଜ୍ୟୋତି ପ୍ରଦାନ କରେ କାରଣ ଈଶ୍ୱର ମନୁଷ୍ୟକୁ ସୃଷ୍ଟି କରି ତା ଠାରୁ ଅଲଗା ହୋଇନାହିଁ ବରଂ ସେ ଯେପରି ମନୁଷ୍ୟର ସୃଷ୍ଟିକର୍ତା ଓ ତାର ଅନ୍ତ ଓ ବାହ୍ୟକୁ ସୃଷ୍ଟି କରିଥାଏ ସେହିପରି ସେ ମନୁଷ୍ୟର କୟୁମ୍ ମଧ ଅଟେ । ଅର୍ଥାତ୍ ଯାହା କିଛି ବନାଇଛି ତାକୁ ବିଶେଷ ରୂପେ ନିଜ ସାହାରାରେ ସୁରକ୍ଷିତ ରଖିଥାଏ । ସୁତରାଂ ଯେବେ ଈଶ୍ୱରଙ୍କ ନାମ କୟୁମ୍ ଅର୍ଥାତ୍ ନିଜେ ସେ ସାହାଯ୍ୟ କରି ତା ସୃଷ୍ଟଜଙ୍କୁ କାଏମ୍ ରଖିଥାଏ ସେଇଥିପାଇଁ ମନୁଷ୍ୟ ଉପରେ ଏହା ଧାର୍ଯ୍ୟ ଅଟେ କି ଯେପରି ସେ ଈଶ୍ୱରଙ୍କ ସୃଷ୍ଟି କରିବା ଗୁଣରୁ ସୃଷ୍ଟି ହୋଇଛି ସେହିପରି ସେ ନିଜ ଜନ୍ମଗତ ଚିତ୍ରକୁ ଈଶ୍ୱରଙ୍କ କୟୁମିୟତ ମାଧ୍ୟମରେ ନଷ୍ଟ ହେବାରୁ ବଂଚାଉ” । (ଇସ୍‌ମତେ ଅମ୍ବିୟା, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୬୭୧)

ଅଲ୍ଲାଃତାଲା ମନୁଷ୍ୟକୁ ସୃଷ୍ଟି କରି ତାକୁ ଛାଡ଼ିଦେଇନାହିଁ । ସେହ ହେଉଛି କୟୁମ୍ । ତେଣୁ ମନୁଷ୍ୟର ଯେଉଁ ଜନ୍ମ ତାହା କାନୁନେ କୁଦ୍‌ରତ୍ ଅନ୍ତର୍ଗତ । ନିଶ୍ଚିତ ରୂପେ ମନୁଷ୍ୟକୁ ଅଲ୍ଲାଃତାଲା ସୃଷ୍ଟି କରିଛି । ତା ନିର୍ଦ୍ଦେଶକ୍ରମେ ମନୁଷ୍ୟ ଜନ୍ମ ହୋଇଥାଏ । କିନ୍ତୁ କାନୁନେ କୁଦ୍‌ରତ୍ (ପ୍ରକୃତିର କାନୁନ୍) ଅନ୍ତର୍ଗତ ମନୁଷ୍ୟର ଚେଷ୍ଟା ଓ ଜରିଆ ଏବଂ ଯେଉଁ କାନୁନ୍‌କୁ ଅଲ୍ଲାଃତାଲା ଜନ୍ମ ହେବା ପାଇଁ ତିଆରି କରିଛି ମନୁଷ୍ୟ ସେହି ରାସ୍ତା ଦେଇ ଯାଇଥାଏ । ଏହା ଜରୁରୀ ଅଟେ । ତେଣୁ କହିଲା କି ଜନ୍ମ ହେବା ପାଇଁ ମନୁଷ୍ୟର ଯେଉଁ ଚେଷ୍ଟା ରହିଛ ତା ପରେ ଅଲ୍ଲାଃତାଲା ଏହାର ଫଳ ସୃଷ୍ଟି କରିଥାଏ । ସେଇଥିପାଇଁ ଏହା ମଧ ଜରୁରୀ ଅଟେ କି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରଚାଳିତ ହେବାପାଇଁ ତାର ଯେଉଁ ବିଶେଷ ଗୁଣ ଅର୍ଥାତ୍ କୟୁମିୟତ୍ ରହିଛି ତାହା ମଧ ତୁମ ଦ୍ୱାରା ପରିପ୍ରକାଶ ହେଉ ଉଚିତ୍ । ତାକୁ ହାସଲ୍ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ତା ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରଚାଳିତ ହେବା ପାଇଁ ତା ଠାରୁ ଦୁଆ ଓ କ୍ଷମା ପ୍ରାର୍ଥନା କରିବା ପ୍ରତି ଧ୍ୟାନ ରହିବା ଉଚିତ୍ ଯଦ୍ୱାରା ଅଲ୍ଲାଃତାଲା ସେହି ବିଶେଷ ଗୁଣକୁ ବ୍ୟବହାରରେ ଆଣି ପୁଣି ସେ ଶକ୍ତି ପ୍ରଦାନ କରୁ । ଯଦ୍ୱାରା ମନୁଷ୍ୟ ତା ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେଉ ।

ପୁଣି ସ୍ପଷ୍ଟୀକରଣ ଦେଇ ଆପଣ କହୁଛନ୍ତି କି “ତେଣୁ ମନୁଷ୍ୟ ପାଇଁ ଏହା ଏକ ପ୍ରାକ୍ୟତତ ଆାବଶ୍ୟକତା ଥିଲା, ଯେଉଁଥିପାଇଁ ଇସ୍‌ତେଗ୍‌ଫାର୍‌ର ନିର୍ଦ୍ଦେଶ ରହିଛି । ଏଥିପ୍ରତି ପବିତ୍ର କୋରାନ୍‌ରେ ଏ ଇସାରରା କରାଯାଉଛି କି ଅଲ୍ଲାହୁ ଲା ଇଲାହା ଇଲ୍ଲାହୁୱଲ୍ ହୈୟୁଲ୍ କୟୁମ.....ସୁତରାଂ ସେ ଈଶ୍ୱର ହେଉନ୍ତି ସୃଷ୍ଟିକର୍ତା ଅର୍ଥାତ୍ ଖାଲିକ୍ ଓ କୟୁମ୍ ଅର୍ଥାତ୍ ସର୍ବଦା ତିଷ୍ଟି ରହନ୍ତି ମଧ । ଓ ଯେବେ ମୁନଷ୍ୟ ଜନ୍ମ ହୋଇଗଲା ସେତେବେଳେ ଖାଲିକିୟତ୍ (ସୃଷ୍ଟି କରିବାର ଗୁଣ)ରକାର୍ଯ୍ୟ ମଧ ପୁରଣ ହୋଇଗଲା । କିନ୍ତୁ କୟୁମିତ୍ (ସର୍ବଦା ତିଷ୍ଟି ରହିବା)ର କାର୍ଯ୍ୟ ସବୁଦିନ ପଇଁ ଅଟେ । ସେଥିପାଇଁ ସ୍ଥାୟୀ ଇସ୍‌ତେଗ୍‌ଫାର୍ ଆବଶ୍ୟକତା ରହିଛି” (ଅର୍ଥା୍ ସବାଦା ସେହି କୟୁମିୟତ୍‌ର ଗୁଣକୁ ହାସଲ କରିବା ପାଇଁ ସଦାସର୍ବଦା ଇସ୍‌ତେଗ୍‌ଫାର କରିବା ପାଇଁ ଆବଶ୍ୟକ ରହିଛି) “ ସୁତରାଂ ଈଶ୍ୱରଙ୍କ ପ୍ରତ୍ୟେକ ଗୁଣ ପାଇଁ ଗୋଟଏ ସ୍ରୋତ ରହିଛି । ତେଣୁ ଇସ୍‌ତେଗ୍‌ଫାର୍ କୟୁମିୟତ୍‌ର ଗୁଣକୁ ଲାଭାନ୍ୱିତ କରିବା ପାଇଁ ରହିଛି । (ଅଲ୍ଲାଃତାଲାଙ୍କ ବିଶେଷ ଗୁଣ କୟୁମିୟତ୍‌ରୁ ଲାଭ ହାସଲ ଯେବେ କରିବ ତେବେ ଇସ୍‌ତେଗ୍‌ଫାର୍ କର ଫଳତଃ ଅଲ୍ଲାଃତାଲା ମନୁଷ୍ୟକୁ ଯେଉଁ ସବୁ ଶକ୍ତି ପ୍ରଦାନ କରିଛନ୍ତି, ଯେଉଁସବୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ସେଗୁଡିକୁ ଅଲ୍ଲାଃତାଲା ନିଜ ଇଛ ମୁତାବକ ଚଳାଇବାର ଶକ୍ତି ମଧ ପ୍ରଦାନ କରନ୍ତୁ ।

ଏଥିପ୍ରତି ଧ୍ୟାନ ଆକର୍ଷିତ କରି ସୁରେ ଫାତିହାରେ ଏହି ପକ୍ତିଂ ରହିଛି **ଇୟାକାନାବୁଦୁ ୱ ଇୟାକାନଶ୍ ତଇନ୍** ଅର୍ଥାତ ଆମେ ତୁମର ହିଁ ଉପାସନା କରୁଅଛୁ ଏବଂ ତୁମଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ କି ତୁମ ଅଟଳ ରହିବା ଓ ପାଳନ କରିବା (ଗୁଣ) ଆମ ସାହାୟତାରେ ଆସି ଆମକୁ ଅସୁବିଧାରେ ପଡ଼ିବାରୁ ରକ୍ଷା କରୁ ଏବଂ ଆମକୁ ଠୋକର୍ ଖାଇବାରୁ ବଂଚାଉ ଓ ଏପରି ନହେଉକି ଆମ ଦୁର୍ବଳତା ପ୍ରକାଶ ହୋଇଯାଉ ଯଦ୍ୱାରା ଆମେ ଉପାସନା କରିପାରିବୁ ନାହିଁ” । (ଇସ୍‌ମତେ ଅମ୍ବିଆ, ରୁହାନି ଖଜାଏନ୍, ଖଣ୍ଡ-୧୮ ପୃଷ୍ଠା-୬୭୨)

ସୁତରାଂ ଏହ ହେଉଛି ସେହି ମୂଳ ବିନ୍ଦୁ ଯାହା ସବୁବେଳେ ଆମ ସମ୍ମୁଖରେ ରହିବା ଉଚିତ । କେବଳ ଏତିକି କହିବା କି ଅଲ୍ଲାଃତାଲା କହୁଛନ୍ତି ଯେ ମୋର କରୁଣା ପତ୍ୟେକ ବସ୍ତୁ ଉପରେ ଆଚ୍ଛାଦିତ ହୋଇ ରହିଛି । ତେଣୁ ଯାହା ଚାହଁ କିରିନିଅ । ପରେ ଆଲ୍ଲାଃତାଲାଙ୍କ ଠାରୁ କରୁଣା ଓ କ୍ଷମା ମାଗିନେବା । ଏହା ଠିକ୍ ନୁହେଁ । ଅଲ୍ଲାଃତାଲା ତାର କରୁଣାକୁ ସେହି ଲୋକମାନଙ୍କ ଉପରେ ଧାର୍ଯ୍ୟ କରିଛି ଯେଉଁମାନେ ତା ଆଡକୁ ଆସିଥାନ୍ତି ଓ ତା ନିର୍ଦ୍ଦେଶାବଳୀ ଗୁଡିକୁ ମାନିଥାନ୍ତି ଓ ତା ଠାରୁ କ୍ଷମା ପ୍ରାର୍ଥନା କରିଥାନ୍ତି ।

କ୍ଷମା ପ୍ରାର୍ଥନାର ବିଷୟବସ୍ତୁକୁ ଅଧିକ ସ୍ପଷ୍ଟ କରିବାକୁ ଯାଇ ଆପଣ କୁହନ୍ତି କେତେକ ଲୋକ ଏପରି ଥାନ୍ତି ଯେ ଅପକର୍ମ କରୁଥିବାର ହୃଦୟଙ୍ଗମ କରିଥାନ୍ତି ଏବଂ ଆଉ କେତେ ହୃଦୟଙ୍ଗମ ହିଁ କରିପାରି ନଥାନ୍ତି । ତେଣୁକରି ଅଲ୍ଲାଃତାଲା ସଦାସର୍ବଦା ପାଇଁ କ୍ଷମା ପ୍ରାର୍ଥନାର ବ୍ୟବସ୍ଥା କରିଦେଲେ କି ମଣିଷ ନିଜ ଅପକର୍ମ ତାହା ପ୍ରକାଶିତ ହେଉ ଅବା ଅପ୍ରକାଶିତ, ତାହାର ଜ୍ଞାତରେ ହେଉ ଅବା ଅଜ୍ଞାନ୍ତରେ ତାହା ଶରୀରର ପ୍ରତ୍ୟେକ ଅଙ୍ଗ ଯଥା ହାତ, ଗୋଡ଼, ଜିଭ, ନାକ, କାନ, ଆଖି ତଥା ସମସ୍ତ ଭାଗର ଅପକର୍ମରୁ କ୍ଷମା ପ୍ରାର୍ଥନା କରୁଥିବା ଉଚିତ୍ । ଆପଣ କୁହନ୍ତି ଆଜିକାଲି ଆଦମ ଆ.ସଙ୍କ ଦୁଆ ପାଠ କରିବା ଆବଶ୍ୟକ କି **ରବ୍‌ବନା ଜଲମନା ଅନ୍‌ଫୁସନା ୱ ଇଲ୍‌ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍‌**ର ଦୁଆ ପ୍ରାରମ୍ଭରୁ ସ୍ୱୀକାର ହୋଇଯାଇଛି । ଅର୍ଥାତ ଅଲ୍ଲାଃତାଲା ମୁଁ ନିଜ ଉପରେ ଅତ୍ୟାଚାର କରିଛି ଯଦି ତୁମେ କ୍ଷମା ନକର ଏବଂ ଆମ ସହ ଦୟା ଆଚରଣ ନକର ତେବେ ଆମେ ଅସଫଳ ହୋଇଯିବୁ । ହଜୁର ଆ.ସ କୁହନ୍ତି ବ୍ୟର୍ଥ ଜୀବନ ଅତିବାହିତ କର ନାହିଁ ଯେ ଏପରି ଜୀବନ ଅତିବାହିତ କରିନଥାଏ କଦାପି ଆଶା କରାଯାଇ ନଥାଏ କି ସେ କୌଣସି ବଡ଼ ଧରଣର ବିପତିର ସମ୍ମୁଖୀନ ହେବ । କୌଣସି ବପତି ଅଲ୍ଲାଃଙ୍କ ବିନା ଅନୁମତିରେ ଆସିନଥାଏ ଯେପରିକି ମୋତେ ଏହି ଦୁଆ ଐଶ୍ୱରିକବାଣୀ ଦ୍ୱାରା ଶିଖାଗଲା କି **ରବ୍‌ବେ କୁଲ୍ଲୋ ଶୈଇନ୍ ଖାଦିମୁକା ରବ୍‌ବେ ଫାହ୍‌ଫଜ୍‌ନି ୱନ୍‌ସୁରୁନି ୱର୍‌ହମ୍‌ନି”** । (ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୨୭୫-୨୭୬, ଏଡ଼ିଶନ୍-୨୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ତେଣୁ ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟକୁ ଆସିବାକୁ ହେଲେ ଓ ତା ସାହାଯ୍ୟ ସହଯୋଗ ଲଭିବା ପାଇଁ ହେଲେ ଓ ତାର କରୁଣା ହାସଲ କରିବା ପାଇଁ ହେଲେ ଚେଷ୍ଟା, ଇସ୍‌ତେଗ୍‌ଫାର୍ ଓ ଦୁଆ ଜରୁରୀ ଅଟେ ।

ଇସ୍‌ତଗଫାର୍ ଓ ତୌବା ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ହଜୁର ଆ.ସ କୁହନ୍ତି ଅସ୍‌ତଗଫାର୍ ଓ ତୌବା ଦୁଇ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଅଟେ । ଅସ୍‌ତଗଫାର୍‌ର ଅର୍ଥ ସାହାଯ୍ୟ ଓ ସାମର୍ଥ୍ୟ ଅଟେ ଯାହାକି ଅଲ୍ଲାଃତାଲାଙ୍କ ଠାରୁ ହାସଲ କରାଯାଇଥାଏ । ତୌବା ଏଥିନିମନ୍ତେ ଅଟେ କି ଅଲ୍ଲାଃଙ୍କ ନିକଟରେ ଆମେ ଯେଉଁ କ୍ଷମା ପ୍ରାର୍ଥନା କଲେ ତାହା ଉପରେ ସେ ଆମକୁ ପ୍ରତିଷ୍ଠିତ ରଖନ୍ତୁ । ନିଜ ପାପରୁ ବଂଚିବା ପାଇଁ ଯେଉଁ ଇସ୍‌ତେଗ୍‌ଫାର୍ କରିଛ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଠାରୁ ଯେଉଁ ଦୁଆ ମାଗିଛି ସେଥିରୁ କାଏମ୍ କରହିବା ପାଇଁ ତୌବା ରହିଛି । ତେବେ ଏହା ହେଉଛି ଏକ ପ୍ରାର୍ଥନା । ତୌବା ଏଥିପାଇଁ କରାଯାଉଛି କି ହେ ଅଲ୍ଲାଃ ମଗ୍‌ଫିରତ୍ ପାଇଁ ଆମେ ଯେଉଁ ଦୁଆ କରିଛୁ ସେଥିରେ ଆମକୁ କାଏମ୍ ମଧ ରଖନ୍ତୁ । ଅର୍ଥାତ୍ ଅଗ୍ନିରୁ ଯଦି ବଂଚାଇଛୁ

ତେବେ ସଦାସର୍ବଦା ପାଇଁ ବଂଚାଓ । ଆମର କୌଣସି କାର୍ଯ୍ୟ ବା ଯାହାକିଛି ଏଥିପାଇଁ ଆମେ ଚେଷ୍ଟା କରିଛୁ ଏଇ ସମସ୍ତ ଚେଷ୍ଟା ତୁମକୁ ନାରାଜ ନକରିଦେଉ । ଫଳତଃ ପୁଣି ଆମେ ପୂର୍ବସ୍ଥାନକୁ ଆସିଯିବୁ । ଏଥିପାଇଁ ତୌବା କରାଯାଏ । ଅର୍ଥାତ୍ ପାପରୁ କ୍ଷମା ମାଗିବା ପାଇଁ ତୌବା ରହିଛି । ଓ୍ୱ ଅତୁବୁ ଇଲେି ହେ ଏଇଥିପାଇଁ କୁହାଯାଇଛି କି ଆମକୁ ଏବେ ପୁଣି ତା ଉପରେ କାଏମ୍ ମଧ୍ୟ ରଖନ୍ତୁ, ଯଦ୍ୱାରା ଆମେ ନିଜ ପାପରୁ ବଂଚି ମଧ୍ୟ ରହିବୁ ଓ ତୁମର ମଗ୍ଫିରତ୍କୁ ସଦାସର୍ବଦା ହାସଲ ମଧ୍ୟ କରିବୁ ଓ ଅଗ୍ନିରୁ ଆମକୁ ସବୁବେଳ ପାଇଁ ନିଜାତ୍ ମଧ୍ୟ ମିଳିଚାଲିବ । ଆପଣ କୁହନ୍ତି ଅଲ୍ଲାଃତାଲାଙ୍କର ଏହି ଅଭ୍ୟାସ ରହିଛି କି ଯେତେବେଳେ ଅଲ୍ଲାଃଙ୍କ ଠାରୁ ସାହାଯ୍ୟ ଭିକ୍ଷା କରାଯାଏ ସେତେବେଳେ ସେ ଏକ ଶକ୍ତି ପ୍ରଦାନ କରିଥାନ୍ତି ପରେ ଏପରି ବ୍ୟକ୍ତି ନିଜ ଗୋଡ଼ରେ ଦଣ୍ଡାୟମାନ ହୋଇଯାଇଥାଏ ଏବଂ ଉତମକର୍ମ ସମ୍ପାଦନ କରିବାକୁ ତାହା ମଧ୍ୟରେ ସାମର୍ଥ୍ୟ ଉତ୍ପନ୍ନ ହୋଇଯାଏ । ଯାହାର ନାମ ହେଉଛି ତୁବୁ ଇଲୈହେ" । ପୁଣି କହୁଛନ୍ତି କି "ତୌବା କରିବାର ଶକ୍ତି ଇସ୍ତେଗ୍ଫାର୍ କରିବା ପରେ ମିଳିଥାଏ । ଯଦି ଇସ୍ତେଗ୍ଫାର୍ ନକରାଯିବା ତେବେ ନିଶ୍ଚିତ ରୂପେ ମନେରଖ କି ତୌବାର ଶକ୍ତି ମରିଯାଏ । ପୁଣି ଯଦି ଏହିଭଳି ଇସ୍ତେଗ୍ଫାର୍ କରିବ ଓ ପୁଣି ତୌବା କରିବ ତ ଫଳ ଏହା ହେବ କି ୟୁମତିକୁମ୍ ମତାଅନ୍ ହସନନ୍ ଇଲା ଅଜଲିନ୍ ମୁସମ୍ମା" । (ଅର୍ଥାତ୍ ତୁମକୁ ଏକ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ଅଲ୍ଲାଃତାଲା ଉତମ ସାମାନ ପ୍ରଦାନ କରିବ । ପୁଣି କହୁଛନ୍ତି କି "ଅଲ୍ଲାଃତାଲାଙ୍କ ସୁନ୍ନତ୍ ଏହିପରି ଜାରି ରହିଛି କି ଯଦି ଇସ୍ତେଗ୍ଫାର୍ ଓ ତୌବା କରିବ ତେବେ ନିଜର ଉଦ୍ଦେଶ୍ୟକୁ ପାଇଯିବ । ପ୍ରତ୍ୟେକ ପ୍ରକାରର ଅନୁଭବ ପାଇଁ ଗୋଟିଏ ପରିଧି ରହିଛି, ଯେଉଁଥିରେ ସେହି ସ୍ତର ଉନ୍ନତି ହାସଲ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ନବୀ, ରସୁଲ୍, ସିଦିକ୍, ଶହିଦ୍ ହୋଇପାରେନାହିଁ" । (ମଲ୍ଫୁଜାତ୍, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୬୮-୬୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) କିନ୍ତୁ ଯାହା କିଛି ମଧ୍ୟ ସ୍ତର ଧାର୍ଯ୍ୟ କରାଯାଇଛି ଯେଉଁପର୍ଯ୍ୟନ୍ତ ଯାହାକୁ ପଂହଚିବାକୁ ହୁଏ ସେପର୍ଯ୍ୟନ୍ତ ତାକୁ ହାସଲ କରିବା ପାଇଁ ଚେଷ୍ଟା କରିବାକୁ ହେବ ଓ ତାହା ଇସ୍ତେଗ୍ଫାର୍ ଓ ତୌବା ଜରିଆରେ ହେବ ।

ପୁଣି ତୌବାକୁ ଅଧିକ ସ୍ୱଷ୍ଟ କରିବାକୁ ଯାଇ ଆପଣ କୁହନ୍ତି ମନେରଖନ୍ତୁ ଯେ, ତୌବା ଆରବୀ ଶବ୍ଦକୋଶରେ ଫେରିବା (ରୁଜୁ କରିବା)କୁ କୁହାଯାଏ । ତେଣୁକରି ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲାଙ୍କ ନାମ ତୌଆବ ଅଟେ । ଅର୍ଥାତ ଅତ୍ୟନ୍ତ ରୁଜୁକାରୀ ଯେତେବେଳେ ଜଣେ ନିଜ ଅପକର୍ମର ଘୋର ଅନୁତାପ କରି ସେଥିରୁ ସ୍ୱଚ୍ଛ ହୃଦୟର ସହିତ ମୁକୁଳିଯାଇ ଅଲ୍ଲାଃଙ୍କ ଶରଣାଗତ ହୁଏ ସେତେବେଳେ ଅଲ୍ଲାଃତାଲା ତାଠାରୁ ବଳି ତାହା ଆଡ଼କୁ ପ୍ରତ୍ୟାବର୍ତନ କରିଥାନ୍ତି । ଓ ଏକଥା ସମ୍ପୂର୍ଣ୍ଣ ରୂପେ ପ୍ରକୃତିର ନିୟମ ମୁତାବକ ଅଟେ । କାରଣ ଖୁଦାତାଲା ମନୁଷ୍ୟର ପ୍ରକୃତିରେ ଏକଥା ରଖିଦେଇଛି କି ଯେବେ ଜଣେ ବ୍ୟକ୍ତି ସହୃଦୟତାର ସହିତ ଅନ୍ୟଜଣେ ବ୍ୟକ୍ତି ପ୍ରତି ଢ଼ଳିଥାଏ ତେବେ ତାର ହୃଦୟ ମଧ୍ୟ ସେହି ବ୍ୟକ୍ତି ପାଇଁ ନମ୍ର ହୋଇଯାଏ । ତେବେ ପୁଣି ବୁଦ୍ଧି କାହିଁକି ଏ କଥାକୁ ଗ୍ରହଣ କରିପାରେ କି ଭକ୍ତ ତ ସହୃଦୟତାର ସହିତ ଇଶ୍ୱରଙ୍କ ଆଡକ ପ୍ରତ୍ୟାବର୍ତନ କରେ କିନ୍ତୁ ଇଶ୍ୱର ତା ଆଡକୁ ପ୍ରତ୍ୟାବର୍ତନ ନକରେ ବରଂ ଇଶ୍ୱର ଯେ ହେଉଛନ୍ତି ଅତ୍ୟନ୍ତ ଦୟାଶୀଳ ଓ କରୁଣାମୟ । ସେ ଭକ୍ତଙ୍କ ପ୍ରତି ଅଧିକରୁ ଅଧିକ ଢ଼ଳିଥାଏ । ସେଇଥିପାଇଁ ପବିତ୍ର କୋରାନ୍‌ରେ ଇଶ୍ୱରଙ୍କ ନାମ......ତୌଓ୍ୱାବ୍ ରହିଛି । ଅର୍ଥାତ୍ ବହୁତ ଢ଼ଳିବାବାଲା । ତେଣୁ ଭକ୍ତଙ୍କର ଢ଼ଳିବା ତ ପଶ୍ଚାତାପ ଓ ଅନୁତାପ ଓ ବିନମ୍ରତାର ସହିତ ହୋଇଥାଏ ଓ ଇଶ୍ୱରଙ୍କର ଢ଼ଳିବା କରୁଣା ଓ କ୍ଷମା ସହିତ ହୋଇଥାଏ । ଯଦି କରୁଣା ଇଶ୍ୱରଙ୍କର ବିଶେଷ ଗୁଣ ଭିତରେ ନରହିବ ତେବେ କୌଣସି ବ୍ୟକ୍ତି ମୋକ୍ଷ ପାଇପାରିବ ନାହିଁ" । ପୁଣି କହୁଛନ୍ତି କି "ଦୁଃଖଦ ! ସେହି ଲୋକମାନେ ଇଶ୍ୱରଙ୍କର ଉକ୍ତ ଗୁଣ ଉପରେ ଚିନ୍ତା କଲେ ନାହିଁ ଓ ସମସ୍ତ ଆଧାରକୁ ନିଜ କାର୍ଯ୍ୟ ଓ ଅମଳ ଉପରେ ରଖିଲେ" । (ଯେଉଁମାନେ ଏହା ଭାବୁଥିଲେ କି ଆମେ ଆମ କାର୍ଯ୍ୟ ଦ୍ୱାରା ସବୁକିଛି ହାସଲ କରିନେବୁ) "କିନ୍ତୁ ସେହି ଇଶ୍ୱର ଯିଏ ବିନା କୌସି କାର୍ଯ୍ୟରେ ହଜାର ହଜାର ପ୍ରକାରର ନେମତ୍ (ବୈଭବ) ମନୁଷ୍ୟଙ୍କ ପାଇଁ ଏ ପୃଥିବୀରେ ସୃଷ୍ଟି କରିଛନ୍ତି । କଣ ତାର ଏ ଗୁଣ ହୋଇପାରେ କି ମନୁଷ୍ୟ, ଯିଏ ହେଉଛି ଦୁର୍ବଳ ସନ୍ତାନ, ଯେତେବେଳେ ନିଜ ଭୁଲ୍ ବିଷୟରେ ଜାଣିପାରରି (ଇଶ୍ୱରଙ୍କ ଆଡକୁ ଢ଼ଳିତାଏ ଓ ଏପରି ଢ଼ଳିଥାଏ ଯେପରି ସେ ମରିଯିବ ଓ ପ୍ରଥମରୁ ପିନ୍ଧିଥିବା ଅପବିତ୍ର ବସ୍ତ୍ରକୁ ନିଜ ଶରୀରରୁ ବାହାର କରିଦିଏ ଓ ତାର ପ୍ରେମର ଅଗ୍ନିରେ ଜଳିଯାଏ ତେବେ ପୁଣି ମଧ୍ୟ ଇଶ୍ୱର ତା ପ୍ରତି କରୁଣାର ସହିତ ଧ୍ୟାନ ଦିଏନାହିଁ । କଣ ଏହାର ନାମ ଇଶ୍ୱରଙ୍କ କାନୁନେ କୁଦ୍‌ରତ୍ (ପ୍ରାକୃତିକ ଶକ୍ତି) ?" (ଚସ୍ମାଏ ମାରେଫତ୍, ରୁହାନି ଖଜାଏନ୍, ଖଣ୍ଡ-୨୩, ପୃଷ୍ଠା-୧୩୩-୧୩୪)

ଆପଣ ସେହି ଲୋକମାନଙ୍କୁ ଉତର ଦେଉଛନ୍ତି ଯେଉଁମାନେ କହୁଛନ୍ତି କି ଇଶ୍ୱର କରୁଣା କରି (ଭକ୍ତଙ୍କ ପ୍ରତି) ଢ଼ଳୁନାହାଁନ୍ତି ବୋଲି । ନିଶ୍ଚିତ ରୂପେ ମନୁଷ୍ୟ ଦୁଆ କରି, ଇସ୍ତେଗ୍ଫାର୍ କରି ନିଜର ଅବସ୍ଥାକୁ ଏକ ମୁର୍ଦ୍ଦାର ସଦୃଶ ବନାଇଦେଉ ଯେପରି କି ସେ ମରିଯାଇଛି ଓ ନିଜର ପ୍ରଥମ ଅପବିତ୍ର ବସ୍ତ୍ରକୁ ନିଜ ଶରୀରରୁ ଓହ୍ଲାଇ ଦେଉ ଓ ନିଜକୁ ପବିତ୍ର କରିନେଉ । ଅଲ୍ଲାଃତାଲାଙ୍କ ପ୍ରେମର ନିଆଁରେ ଜଳି ଚାଲୁ । ତେବେ ମଧ୍ୟ ଅଲ୍ଲାଃତାଲା କଣ ତାର କରୁଣା ଦ୍ୱାରା ରୋଜୁ କରିବ ନାହିଁ ? ଏହା ସେହି ଲୋକମାନଙ୍କର ଦୃଷ୍ଟିକୋଣ ହୋଇପାରେ । ସେ କହୁଛନ୍ତି କି ଏହିପରି ଲୋକେ ମିଛ କହୁଛନ୍ତି । ଲାନତୁଲ୍ ଲାହି ଅଲଲ୍ କାଜିବିନ୍ । ଆପଣ ପୁଣି କହୁଛନ୍ତି କି ଏପରି କଦାପି ହୋଇପାରେନା ଅର୍ଥାତ୍ ଭକ୍ତ ତ ନିଜର ଅଧିକାରକୁ ପ୍ରଦାନ କରିବ ଓ ଖୁଦାତାଲା ତାକୁ କିଛି ପ୍ରଦାନ କରିବନି । ଏହା ହେଉଛି ଅଲ୍ଲାଃତାଲାଙ୍କ ମୁକାମ୍ (ପଦମର୍ଯ୍ୟାଦା)ର ବିରୋଧ । ଅଲ୍ଲାଃତାଲାଙ୍କର ଏହି ଘୋଷଣାର ଖିଲାଫ୍ ଅଟେ ଅର୍ଥାତ୍ ମୋ କରୁଣା ବହୁତ ବ୍ୟାପକ । ଏହା ତା କାନୁନ୍‌ର ଖିଲାଫ୍ ଅଟେ । ଯେପରିକି ମୁଁ କହିଲି ତା କରୁଣାର ବ୍ୟାପକ ହେବାର ଘୋଷଣାର ଖିଲାଫ୍ ଅଟେ । କିନ୍ତୁ ମନୁଷ୍ୟକୁ ତାର ଫର୍ଜ୍ (ଧାର୍ଯ୍ୟ କର୍ମ) କୁ ପୂରଣ କରିବା ପାଇଁ ଚେଷ୍ଟା କରୁ କି ଯେପରି ସେ ମରିଯାଇଛି ଓ ପ୍ରଥମରୁ ପିନ୍ଧିଥିବା ଅପବିତ୍ର ବସ୍ତ୍ର ଅର୍ଥାତ୍ ମନୁଷ୍ୟ ପାପର ବସ୍ତ୍ରକୁ ନିଜ ଶରୀରରୁ ବାହାର କରି ଫିଙ୍ଗି ଦେଉ ଓ ତାର ପ୍ରେମର ଅଗ୍ନିରେ ଜଳିଯାଉ । ଆପଣ କହିଲେ ଏହି ସବୁ ଜିନିଷ ହେବ ଏବଂ ଏହି କଥାଗୁଡିକ ଚିନ୍ତା କରିବାର ବିଷୟ ଅଟେ । ତେବେ ପୁଣି ଅଲ୍ଲାଃତାଲା ମଧ୍ୟ ଏପରି ରୁଜୁ (ଭକ୍ତଙ୍କ ପ୍ରତି ଢ଼ଳିବା) କରିଥାଏ କି ମନୁଷ୍ୟ ସେ ସମ୍ପର୍କରେ ଭାବି ମଧ୍ୟ ପାରିବ ନାହିଁ ।

ସୁତରାଂ ଏହା ହେଉଛି ମଗ୍ଫରତ୍ (କ୍ଷମା) ପ୍ରାର୍ଥନା କରିବାର ସ୍ତର ଯାହା ଅଲ୍ଲାଃତାଲାଙ୍କ କରୁଣାକୁ ତା ଭକ୍ତଙ୍କ ପାଇଁ ହକ୍‌ଦାର୍ ବନାଇଦିଏ । ସେହି ହକ୍ ଯାହାକୁ ପ୍ରଦାନ କରିବା ପାଇଁ ଖୁଦାତାଲା ନିଜ ଉପରେ ଧାର୍ଯ୍ୟ କରିଛନ୍ତି । ଆପଣ ସତ୍ୟ ଓ ବାସ୍ତବିକ ତୌବା କରିବାର ସର୍ତ ମଧ୍ୟ ବର୍ଣ୍ଣନା କରିଛନ୍ତି କି ତାହା ହାସଲ କରିବା ପାଇଁ ମନୁଷ୍ୟକୁ କଣ ଓ କିପରି ଚେଷ୍ଟା କରିବାକୁ ହେବ ।

ହଜୁର ଆ.ସ ନିଷ୍ପାପର ତୌବାର ସର୍ତାବଳୀ ବର୍ଣ୍ଣନା କରି କୁହନ୍ତି- ପ୍ରକୃତ ତୌବା ନିମନ୍ତେ ତିନିଗୋଟି ସର୍ତ ରହିଛି । **ପ୍ରଥମ** ନିଜ ମସ୍ତିଷ୍କକୁ ସେହି ସମସ୍ତ (ଅପ)ଚିନ୍ତାରୁ ପବିତ୍ର ରଖିବା ଯାହାଦ୍ୱାରା ମନ୍ଦ ଚିନ୍ତା ଜନ୍ମ ନେଇଥାଏ । ଏହା ସେପର୍ଯ୍ୟନ୍ତ ହୋଇପାରେନା ଯେପର୍ଯ୍ୟନ୍ତ ସେହି ଅପକାର୍ଯ୍ୟ ଗୁଡିକର ଭୟାନକ ରୂପ ନିଜ ମନରେ ସୃଷ୍ଟି ନକରିଛ । ଯଦି ସେଥିପ୍ରତି ଧ୍ୟାନ ରହିବ, ଯଦି ତା ଖିଲାଫ୍‌ରେ ମନ ଭିତରେ ଏକ ଖରାପ ଚେହେରା ନବାନାଇବ ତେବେ ସେଥିରୁ ବଂଚିବା ବହୁତ କଷ୍ଟକର ବ୍ୟାପାର । ପ୍ରଥମ ଜିନିଷ ଏହା ହେଉଛି କି ସର୍ବପ୍ରଥମେ ନିଜ ମୁଣ୍ଡରୁ ସେ ସବୁକୁ ବାହାର କରିବାକୁ ପଡ଼ିବ ଓ ଚେଷ୍ଟା କରି ସେ ସବୁ ଜିନିଷର ଘୃଣା ଭାବନା ସୃଷ୍ଟି କରିବାକୁ ହେବ । **ଦ୍ୱିତୀୟ** ସର୍ତ ଯଦି କୌଣସି ପ୍ରକାରର ଅପକର୍ମ ଅବା ପାପ କରିବାକୁ ମନବଳାଏ ତେବେ ଅନୁତାପ ଓ ଦୁଃଖ ପ୍ରକାଶ କରିବା ଉଚିତ୍ । ମନୁଷର ମୁଣ୍ଡରେ ଯେତେବେଳେ ଏପରି ଭାବନା ଆସେ ତେବେ ତତ୍‌କ୍ଷଣାତ୍ ଲଜ୍ଜା ଭାବ ଓ ପଶ୍ଚାତାପର ଭାବନା ସୃଷ୍ଟି ହେବା ଉଚିତ୍ । ଅର୍ଥାତ୍ ଏ ଭାବନା ହୃଦୟରେ ସଷ୍ଟି ହେଉଛି ସେହି ସବୁ ଅପକର୍ମ ଓ ମାୟାମୋହ ଯେଉଁଆଡକୁ ମୁ ଯାଉଅଛି ସେ ସବୁ ହେଉଛି ଅସ୍ଥାୟୀ ଓ ମୋ ଜୀବନକୁ ନଷ୍ଟ କରିଦେବ ଓ ଗୋଟିଏ ସମୟ ଏପରି ଆସି ଯେତେବେଳେ ତାହା ଶେଷ ହୋଇଯିବ । ତାହା ଅସ୍ଥାୟୀ ଆସ୍ୱାଦନ । ଯେପରି ନିଜର କନ୍‌ସେସ୍‌ର କଥା ଶୁଣିବାକୁ ହୁଏ । ମନୁଷ୍ୟର କନ୍‌ସେନ୍‌ସ୍ ତାକୁ ଏହା ବତାଇଥାଏ କି ତାହା ସବୁ ହେଉଛି ଖରାପ ଜିନିଷ ବା ଠିକ୍ ଜିନିଷ ନୁହେଁ । ଯେବେ ଏହିପରି ଭାବିବେ ଓ କନ୍‌ସେନ୍‌ସର ଶବ୍ଦକୁ ଶୁଣିବେ ତେବେ ଧିରେ ଧରେ ଅପକର୍ମରୁ ମଧ୍ୟ ବଂଚିଯିବେ । **ତୃତୀୟ** ସର୍ତ ଦୃଢ ସଙ୍କଳ୍ପ, ମଜବୁତ୍ ଲକ୍ଷର ସହିତ ସମସ୍ତ ପ୍ରକାରର ଅପକର୍ମରୁ ସମ୍ପୂର୍ଣ୍ଣ ରୂପେ ନିବୃତ ରହିବା ଏବଂ **ସେଥିରେ ଦୃଢତାର ସହିତ ପ୍ରତିଷ୍ଠିତ ରହିବା ନିମନ୍ତେ ପୂର୍ଣ୍ଣ ସାମର୍ଥ୍ୟ ଓ ଉଦ୍ଦେଶ୍ୟ ରଖି ଦୁଆ କରିବା ଦ୍ୱାରା ହିଁ ଉକ୍ତ ଅପକର୍ମରୁ ଦୂରେଇ ଯାଇପାରିବ ଏବଂ ତାହା ପରିବର୍ତେ ପୁଣ୍ୟ ଅର୍ଜନ କରିବାର ଶକ୍ତି ପ୍ରାପ୍ତ ହେବ** । ଆପଣ ଯାହା କହିଲେ କି ଅପବିତ୍ର ବସ୍ତ୍ରକୁ ବାହାର କରିବାକୁ ହେବ । ତାର ଏ ଅର୍ଥ କି ଭରପୁର୍ ଚେଷ୍ଟା କର ଓ ତା ଉପରେ କାଏମ୍ ରୁହ, ଦୃଢ଼ ଇଛା ଶକ୍ତି ଦ୍ୱାରା କାଏମ୍ ରୁହ, ତେବେ ଯାଇ ଅଲ୍ଲାଃତାଲାଙ୍କ କରୁଣା ପ୍ରାପ୍ତି କରିବାର ହକ୍‌ଦାର୍ ହୋଇପାରିବ । (ମଲ୍ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୩୮-୧୩୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ ।

ଇସ୍ତଗଫାର୍ ଓ ତୌବାରୁ ରକ୍ଷା ପାଇବାର ସ୍ୱଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ତୌବା ମଣିଷ ପାଇଁ କୌଣସି ଅଧିକା ବା ଲାଭହୀନ ବସ୍ତୁ ନୁହେଁ ଓ ଏହାର ପ୍ରଭାବ କେବଳ କୟାମତରେ ହିଁ ସିମୀତ ନୁହେଁ । ତୌବା କରିବା ଦ୍ୱାରା ମଣିଷର ଉଭୟ ଇହ ଓ ପରକାଳ ସଂଶୋଧିତ ହୋଇଯାଇଥାଏ ଏବଂ ତାକୁ ଇହାକାଳରେ ଓ ପରକାଳରେ ଆରାମ ଓ ଖୁସି ମିଳିଥାଏ । ଦେଖ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି- **ରବ୍‌ବନା ଆତିନା ଫିଦ୍‌ଦୁନୟା ହସନତଉଁ ଓ୍ୱଫିଲ୍‌ଆଖିରତି ହସନତଉଁ ଓ୍ୱକିନା ଅଜାବନ୍‌ନାର୍** ଅର୍ଥାତ ହେ ଆମର ଅଲ୍ଲାଃ ! ଏହି ଇହକାଳରେ ଆମକୁ ଆରାମ ଓ ବିଳାଷମୟ ସାମଗ୍ରୀ ପ୍ରଦାନ କର ଏବଂ ପରକାଳରେ ମଧ୍ୟ ଆରାମ ଓ ଶାନ୍ତି ପ୍ରଦାନ କର ଏବଂ ଆମ୍ଭକୁ ନର୍କର (ଶାସ୍ତି)ରୁ ରକ୍ଷା କର । ପ୍ରକୃତରେ **ରବ୍‌ବନା** ଶବ୍ଦରେ ତୌବା କରିବା ନିମନ୍ତେ ଏକ ସୁକ୍ଷ୍ମ ଇଶାରା ରହିଛି । କାରଣ ଏହି ଶବ୍ଦ ଆବଶ୍ୟକ କରିଥାଏ କି ମଣିଷ ପୂର୍ବରୁ ଯେଉଁ ସବୁ ରବ୍ (ପାଳନକର୍ତା) ନିଜ ମନ ଭିତରେ ସ୍ଥାନ ଦେଇ ବସିଥିଲା ସେମାନଙ୍କଠାରୁ ଅତିଷ୍ଠ ହୋଇ ଏହି ରବ୍ ପ୍ରତି ମନଯୋଗ କରିଅଛି ଏବଂ ଉକ୍ତ ଶବ୍ଦ ପ୍ରକୃତ ବିନମ୍ରତା ଓ ବ୍ୟାକୁଳତା ବ୍ୟତୀତ ମଣିଷ ହୃଦୟରେ ଉତ୍ପନ୍ନ ହୋଇନପାରେ" । (ଯେତେବେଳେ ମନୁଷ୍ୟ ରବ୍‌ବନା କହିଥାଏ ତେବେ ସେ କେବଳ ନିଜ ମୁହଁରୁ କହିନଥାଏ ଯେବେ ପ୍ରାର୍ଥନା ହୃଦୟରୁ ବାହାରେ ତେବେ ରବ୍‌ବନା କହିବ ଯେବେ ତାହା ହୃଦୟରୁ ବାହାରିବ । କିଛି ଲୋକେ ପ୍ରକାଶ୍ୟରେ ମଧ୍ୟ ଏହା କହିଥାନ୍ତି କିନ୍ତୁ ଏହି ପ୍ରାର୍ଥନାର ବାସ୍ତବିକତା ହେଉଛି ତାହା ଯେବେ ହୃଦୟରୁ ବାହାରିଥାଏ କହୁଛନ୍ତି କି) "ରବ୍ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣତାକୁ ପହଂଚାଇବା ଓ ପାଳନ କରିବା ବାଲାକୁ କୁହାଯାଏ । ଅସଲରେ ମନୁଷ୍ୟ ବହୁତ ଗୁଡିକ ରବ୍ (ପାଳନକର୍ତା) ବନାଇସାରିଛି । ନିଜର ବାହାନା ଓ ଧୋକାବାଜି ଉପରେ ତାର ଭରଷା ରହିଛି । ସେତେବେଳେ ତାହା ତା ପାଇଁ ରବ୍ ହୋଇଯାଏ । ଯଦି ତାକୁ ନିଜ ଜ୍ଞାନ ବା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପୃଷ୍ଠା- ୧୬ ର ଅବଶିଷ୍ଟାଂଶ ...

କି ଆମେ ତାହା ଶୁଣିନେଇଛୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍‌ଫଜଲ୍‌ରେ ଖୁତ୍‌ବାର ପ୍ରଶ୍ନୋତର ଆସୁଛି । ଆପଣମାନେ ମଧ୍ୟ ସେହିଭଳି ବନାନ୍ତୁ ବା ସେଠାରେ ନେଇ ସ୍ୱିଡିଶ୍ ଭାଷାରେ ଅନୁବାଦ କରି ସର୍କୁଲେଟ୍ କରନ୍ତୁ । ଅମୁକ ହଦିସ୍ କାହା ସମ୍ବନ୍ଧରେ ଥିଲା ଓ ଏହାର ଉତର ହେଉଛି ଏପରି । ସେମାନେ ପଢ଼ି ନିଅନ୍ତୁ ଯଦ୍ୱାରା ତାଙ୍କର ମନେ ରହିବ ପୁଣି ସେମାନଙ୍କୁ ପଚାରନ୍ତୁ କି ତାହା ଶୁଣି ସାରିଛନ୍ତି ବା ନାହିଁ । ହଜୁର୍ ଅନୁୱର୍ ସେକ୍ରେଟାରୀ ତର୍‌ବିୟତ୍‌ଙ୍କ ଠାରୁ ପଚାରି ବୁଝିଲେ କି ଆପଣ କଣ ନିଶ୍ଚିନ୍ତ ଅଛନ୍ତି କି ସେମାନେ ଖୁତ୍‌ବା ଶୁଣିବାର ଠିକ୍ ରିପୋର୍ଟ୍ ଦେଉଛନ୍ତି ବୋଲି । ଏଥିରେ ସେକ୍ରେଟାରୀ ତର୍‌ବିୟତ୍ ସାହିବା ବତାଇଲେ କି ଆମେ ସେମାନଙ୍କୁ ସମ୍ପୂର୍ଣ୍ଣ ଗୋଟିଏ ସପ୍ତାହ ଦେଉଛୁ । ତା ଭିତରେ ସେ ଯେବେ ଶୁଣିନେବେ ତେବେ ଯାଇ ବତାଇବେ । କିଛି ଲଜ୍‌ନାର ସଦସ୍ୟାମାନେ ରବିବାର ଦିନ ସନ୍ଧ୍ୟାବେଳକୁ ଉତର ଦେଉଛନ୍ତି ।

ହଜୁର୍ ଅନୁୱର୍ ପୁଣି ପଚାରିଲେ ତର୍‌ବିୟତ୍ ପାଇଁ ଆପଣ କେଉଁ ପୁସ୍ତକ ବା ପୁସ୍ତକର କେଉଁ ଭାଗଟି ବାହାର କରି ଦେଇଛନ୍ତି । ଏଥିରେ ସେକ୍ରେଟାରୀ ତର୍‌ବିୟତ୍ ସାହିବା ବତାଇଲେ କି ପୁସ୍ତକ ''ଓଢ଼୍‌ନୀ ୱାଲିୟୋଁ କେ ଲିଏ ଫୁଲ୍'' ଏବଂ ରୋସୁମାତ୍ (କୁପ୍ରଥା) ର ବିରୋଧରେ ହଜ୍‌ରତ୍ ଛୋଟି ଆପାଜାନ୍‌ଙ୍କ ପୁସ୍ତକ ଦିଆଯାଇଛି ।

ହଜୁର୍ ଅନୁୱର୍ ଆମ୍‌ଲାର ସଦସ୍ୟମାନଙ୍କୁ ପଚାରିଲେ କି ହାତ ଉଠାଇ ବତାନ୍ତୁ ଯେ କେତେଜଣ ଆମ୍‌ଲାର ସଦସ୍ୟ ଖୁତ୍‌ବା ଶୁଣୁଛନ୍ତି । ଏଥିରେ ସବୁ ଆମ୍‌ଲା ମେମ୍ବର୍‌ମାନେ ହାତ ଉଠାଇଲେ ।

ସେକ୍ରେଟାରୀ ନାସ୍‌ରାତ୍ ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ବତାଇଲେ କି ନାସ୍‌ରାତ୍‌ଙ୍କର ତଜ୍‌ନିଦ୍ ହେଉଛି ୫୧ ।

ହଜୁର୍ ଅନୁୱର୍ କହିଲେ-ତର୍‌ବିୟତ୍‌ର କଣ ସିଲାବସ୍ ଅଛି ? ପୁଣି କହିଲେ ଆପଣ ଲଜ୍‌ନାଙ୍କୁ ମୋଟୋ ଦିଅନ୍ତୁ ''ଅଲ୍‌ହୟାଉ ମିନଲ୍ ଇମାନ'' ଏବଂ ନାସ୍‌ରାତ୍ ପିଲାମାନଙ୍କୁ ମଧ୍ୟ ମୋଟୋ ଦିଅନ୍ତୁ ।

ସେକ୍ରେଟାରୀ ନାସ୍‌ରାତ୍ ସାହିବା କହିଲେ କି ସ୍ୱିଡେନ୍‌ରେ ନାସ୍‌ରାତ୍‌ଙ୍କ ଚାନ୍ଦା ଦେଉଥିବା ସଂଖ୍ୟା ବହୁତ କମ୍ ଅଛି । ଇଜ୍‌ଲାସ୍‌ରେ ତ ଆସୁଛନ୍ତି କିନ୍ତୁ ଚାନ୍ଦା ଦେଉନାହାଁନ୍ତି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସେମାନଙ୍କର ଧ୍ୟାନ ଆକର୍ଷଣ କରାନ୍ତୁ, ସେମାନଙ୍କ ସହିତ ସମ୍ପର୍କ ରଖନ୍ତୁ, ମା' ମାନଙ୍କୁ ଧ୍ୟାନ ଆକର୍ଷଣ କରାନ୍ତି, ଯଦି ମା ମାନଙ୍କର ସମ୍ପର୍କ ଥିବ ତେବେ ନାସ୍‌ରାତ୍‌ଙ୍କର ମଧ୍ୟ ରହିବ । ଏପରି ତ ହୋଇ ନପାରେ କି ୯୧ ପ୍ରତିଶତ ଖୁତ୍‌ବା ଶୁଣୁଥିବେ ଓ ତାଙ୍କର କୌଣସି ସମ୍ପର୍କ ନଥିବ । ଏମାନେ ବାକି ୯ ପ୍ରତିଶତ ଭିତରୁ ହୋଇନପାରନ୍ତି । ତେଣୁ ପ୍ରୋଗ୍ରାମ୍ ବନାନ୍ତୁ, ମାସକରେ ଗୋଟିଏ ଦୁଇଟି ପ୍ରୋଗ୍ରାମ୍ ବନାନ୍ତୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନାସ୍‌ରାତ୍ ପିଲାମାନଙ୍କର ସମସ୍ତ ମାମଲା ହେଉଛି ନାସ୍‌ରାତ୍ ସେକ୍ରେଟାରୀଙ୍କର କାମ । ସେ ନାସ୍‌ରାତ୍‌ର ଆମ୍‌ଲା ବନାନ୍ତୁ ।

ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ସେକ୍ରେଟାରୀ ନାସ୍‌ରାତ୍ ବତାଇଲେ କି ପିଲାମାନଙ୍କର ବର୍‌ଗର୍ ୩୫ କ୍ରୋନର୍‌ରେ ଆସୁଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ୩୫ କ୍ରୋନର୍‌ରେ ଆସୁଛି ତେବେ ମାସକରେ ଗୋଟିଏ ବର୍‌ଗର୍‌ର ଏକ ତୃତୀୟାଂଶ ଦେଇପାରିବେ ନାହିଁ ? ଆପଣ ନାସ୍‌ରାତ୍‌ଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖନ୍ତୁ । ଏହି ସମସ୍ତ ଦାୟିତ୍ୱ ହେଉଛି ଆପଣଙ୍କର ।

ତର୍‌ବିୟତ୍ ପ୍ରସଙ୍ଗରେ ସେକ୍ରେଟାରୀ ନାସ୍‌ରାତ୍ ବତାଇଲେ କି ନୁଆ ସିଲାବସ୍ ବନା ଚାଲିଛି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣଙ୍କର ବର୍ଷ କଣ ଅକ୍ଟୋବର ମାସରେ ଆରମ୍ଭ ହୁଏନାହିଁ । ଏଥିରେ ବତାଗଲା କି ଏଠିକାର ବର୍ଷ ଇଜିତିମା ପରେ ମଇ ମାସରୁ ଆରମ୍ଭ ହୁଏ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ସାରା ସଂସାରରେ ଗୋଟିଏ ଓ୍ୱସୁଲ୍ ଉପରେ କାର୍ଯ୍ୟ ହେବ । ଅକ୍ଟୋବର୍‌ରୁ ନେଇ ସେପ୍ଟେମ୍ବର୍ ପର୍ଯ୍ୟନ୍ତ । ଏବଂ ଇଜ୍‌ତେମା ଯେବେ ଇଛା ତେବେ କରନ୍ତୁ । ଯଦି ନୁଆ ସଦର୍ ମଧ୍ୟ ହେବେ ତେବେ ସେ ଅକ୍ଟୋବର୍‌ରୁ କାମ କରିବେ । ଏହିଭଳି ନକଲେ ଠିକ୍‌ରେ କାମ ଚାଲିବ ନାହିଁ । ଦସ୍ତୁରେ ଅସାସିକୁ ଅନୁସରଣ କରନ୍ତୁ । ଲଜ୍‌ନାର ଆମେଲାର ମାଲିସାଲ୍ (ଆର୍ଥିକ ବର୍ଷ) ଅକ୍ଟୋବରରୁ ସେପ୍ଟେମ୍ବର୍ ପର୍ଯ୍ୟନ୍ତ । ସେପ୍ଟେମ୍ବର୍ ଓ ଅକ୍ଟୋବର୍‌ରେ ଗୋଟିଏ ମର୍କଜି ସ୍ଥାନରେ ନିଜର ପ୍ରୋଗ୍ରାମ୍ ରଖନ୍ତୁ ଓ ସେଠି ସଦର୍‌ଙ୍କ ଚୟନ କରାଯାଉ । ଯେଉଁ ବର୍ଷ ଚୟନ ନହେବ ସେ ବର୍ଷ କୌଣସି ଆବଶ୍ୟକ ନାହିଁ । ଦୁଇବର୍ଷ ପରେ ନିଜ ଶୁରାର ଇଜ୍‌ଲାସ୍‌ରେ ସଦର୍‌ଙ୍କ ଚୟନ କରିନିଅନ୍ତୁ । ଇଜ୍‌ତେମା ସହିତ ଏହାର କୌଣସି ସମ୍ପର୍କ ନାହିଁ । ଇଜ୍‌ତେମା ଯେବେ ଚାହିଁବେ ତେବେ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନାସେରାତ୍ ମାନଙ୍କୁ ମଧ୍ୟ ତାଙ୍କ ପିନ୍ଧା ବସ୍ତ୍ରର ଡ୍ରେସ୍‌କୋଡ୍ ଦିଅନ୍ତୁ । ୧୦ ରୁ ୧୧ ବର୍ଷ ଝିଅପିଲାମାନଙ୍କୁ ଲଜ୍ଜାଶୀଳ ହେବା ପାଇଁ ଧ୍ୟାନ ଆକର୍ଷଣ କରନ୍ତୁ । ଯଦି ୧୧ ବର୍ଷ ବୟସରେ ଏଥିପ୍ରତି ଧ୍ୟାନ ଦେବେ ତାହାଲେ ସେଥିପ୍ରତି ତାଙ୍କର ଭାବନା ସୃଷ୍ଟି ହେବ । ସ୍କାର୍ଫ୍ ଓଢ଼ନ୍ତୁ ବା ଲମ୍ବା କମିଜ୍ ପିନ୍ଧନ୍ତୁ । ୧୩ ବର୍ଷର କିଛି ଝିଅପିଲାମାନଙ୍କୁ ସ୍କାର୍ଫ୍‌ର ଆବଶ୍ୟକ ପଡ଼ିଥାଏ । ତେଣୁ ପ୍ରଥମେ ଲଜ୍ଜାଶୀଳ ମନୋଭାବ ସୃଷ୍ଟି କରିବା ପାଇଁ ଚେଷ୍ଟା କରନ୍ତୁ । ଏଥିପାଇଁ ଝିଅପିଲାମାନଙ୍କୁ ପବିତ୍ର କୋରାନ୍‌ର ବିଭିନ୍ନ ଆୟାତ୍, ଆହାଦିସ୍ ଏବଂ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀ ଓ ଖୋଲୋଫା କରାମ୍‌ଙ୍କ ନିର୍ଦ୍ଦେଶାବଳୀ ଗୁଡିକ ପଠାଇ ଚାଲନ୍ତୁ । ଏହାଦ୍ୱାରା ସ୍ୱତଃପ୍ରୃତ ଭାବେ ପ୍ରଭାବ ପଡ଼ିଚାଲିବ । ଝିଅମାନେ ବଡ଼ ହୋଇଯିବା ପରେ ତାଙ୍କ ତର୍‌ବିୟତ୍ କରିବା ପାଇଁ ଚେଷ୍ଟା ହେଉଛି, ଯାହା ଫଳପ୍ରଦ ହେଉନାହିଁ । ଅସଲ ଜିନିଷ ହେଉଛି ଲଜ୍ଜା । ତାହା ସୃଷ୍ଟି କରନ୍ତୁ । ବାକି ସବୁକିଛି ଆପେ ଆପେ ଠିକ୍ ହୋଇଯିବ ।

ସେକ୍ରେଟାରୀ ସହିବା ନାସ୍‌ରାତ୍ ବତାଇଲେ କି ଆମର ଗୋଟିଏ ମାସିକ ରିପୋର୍ଟ୍ ଫର୍ମ ଅଛି ଓ ଆଉଗୋଟିଏ ରିପୋର୍ଟ୍ ଫର୍ମ ତ୍ରୟମାସିକ ରହିଛି । ଅର୍ଥାତ୍ ପ୍ରତ୍ୟେକ ତିନିମାସ ପରେ ଜାଏଜା ନିଆଯାଉଛି । ହଜୁର୍ ଅନୁୱର୍ ପଚାରିଲେ କେତେ ନାସ୍‌ରାତ୍ ଖୁତ୍‌ବା ଶୁଣୁଛନ୍ତି ?

ଏଥିରେ ସେକ୍ରେଟାରୀ ନାସ୍‌ରାତ୍ ସାହିବା ବତାଇଲେ କି ୫୦ ପ୍ରତିଶତ ନାସ୍‌ରାତ୍ ଖୁତ୍‌ବା ଶୁଣୁଛନ୍ତି । ଏଥିରେ ହଜୁର୍ ଅନୁୱର୍ ହିଦାୟତ୍ ଦେଲେ କି ନାସ୍‌ରାତ୍ ମାନଙ୍କର ବିଶେଷ ରୂପେ ଖିଲାଫତ୍ ସହିତ ସମ୍ବନ୍ଧ ଯୋଡନ୍ତୁ । ଏଥିପାଇଁ ବିଭିନ୍ନ ପ୍ରୋଗ୍ରାମ୍ ବନାନ୍ତୁ । ସେକ୍ରେଟାରୀ ସିହତ୍ ଓ ଜିସ୍‌ମାନି (ସ୍ୱାସ୍ଥ୍ୟ ଓ ଶରୀର ବିଭାଗ) ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଲଜ୍‌ନାମାନେ ଖେଳକୁଦ କରୁଛନ୍ତି । କିନ୍ତୁ କେତେ ସଂଖ୍ୟାରେ ତାହା ଆମକୁ ଜଣାନାହିଁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏ ବିଷୟରେ ବୁଝିନିଅନ୍ତୁ ।

ସେକ୍ରେଟାରୀ ମାଲ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ରୋଜଗାରକ୍ଷମ କେତେଜଣ ମହିଳା ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଚାନ୍ଦା ଦେଉଛନ୍ତି । ହଜୁର୍ ଅନୁୱର୍ କହିଲେ ଚାନ୍ଦା ଦେଉଥିବା ସଦସ୍ୟମାନଙ୍କର ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି ତ ପ୍ରୋଗ୍ରାମ୍ ବନାନ୍ତୁ । ସେମାନଙ୍କ ସହିତ ନିଜି ସମ୍ପର୍କ ରଖନ୍ତୁ ଓ ସେମାନଙ୍କୁ ବତାଇ ଦିଅନ୍ତୁ କି ଚାନ୍ଦା କୌଣସି ଟାକ୍‌ସ ନୁହେଁ । ଏହା ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଏକ ମାଧ୍ୟମ ।

ସେକ୍ରେଟାରୀ ତବ୍‌ଲିଗ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ସମ୍ବୋଧନ କରି କହିଲେ କି ପ୍ରକାର ତବ୍‌ଲିଗ୍ କାମ କରୁଛନ୍ତି ? କଣ ୱାନ୍ ଟୁ ୱାନ୍ ତବ୍‌ଲିଗ୍ କରୁଛନ୍ତି ? ବିଗତ ଛଅମାସ ଭିତରେ କୌଣସି ବୟତ ହୋଇଛି କି ?

ଏଥିରେ ସେକ୍ରେଟାରୀ ତବ୍‌ଲିଗ୍ କହିଲେ- ଆମେ ତର୍‌ବିୟତି ୱାର୍କସପ୍ କ୍ଲାସ୍ ଏବଂ କ୍ଲାସ୍ କରୁଅଛୁ । ଏତଦ୍‌ବ୍ୟତୀତ ଲଜ୍‌ନା ମାନଙ୍କର ରିସର୍ଚ୍ ପ୍ୟାନେଲ୍ ତିଆରି କରିଛୁ । ପ୍ରତ୍ୟେକ ମଜ୍‌ଲିସ୍‌ରେ ଆମର ପାଂଚଜଣ ଲେଖାଏଁ ଦାୟିୟାତ୍ ଇଲଲ୍ଲାଃ ଅଛନ୍ତି, ଯେଉଁମାନେ ପ୍ରତ୍ୟେକ ମାସରେ ତବ୍‌ଲିଗ୍ କରୁଛନ୍ତି । ବିଭିନ୍ନ ଧର୍ମର ଲୋକମାନଙ୍କ ସେମିନାର୍‌ରେ ଭାଗ ନେଉଛନ୍ତି ଏବଂ ସେହି କମ୍ୟୁନିଟି ମାନଙ୍କ ସହିତ ତାଙ୍କର ଯୋଗାଯୋଗ ରହିଛି ।

ସେକ୍ରେଟାରୀ ତବ୍‌ଲିଗ୍ ବତାଇଲେ କି ଲୋଲିଓ ସହରରେ ଗୋଟିଏ ବୟତ ହୋଇଛି । ଏତଦ୍‌ବ୍ୟତୀତ ଆଉ ଦୁଇଟି ମଧ୍ୟ ବୟତ୍ ହୋଇଛି । କିନ୍ତୁ ସେମାନଙ୍କର ମଞ୍ଜୁରୀ ଏପର୍ଯ୍ୟନ୍ତ ଆସିନାହିଁ । ଏ ବର୍ଷ ଆମେ ଏପରି ଟାର୍ଗେଟ୍ ରଖିଛୁ କି ପ୍ରତ୍ୟେକ ମଜ୍‌ଲିସ୍ ଅତିକମ୍‌ରେ ଗୋଟିଏ ଗୋଟିଏ ବୟତ୍ କରିବେ । ଏହା ପୂର୍ବରୁ ନଥିଲା । ଆମେ ସ୍କୁଲ୍ ଏବଂ ୟୁନିଭର୍‌ସିଟି ଗୁଡିକରେ ଯାଇ ସେମିନାର୍‌ର ପ୍ରୋଗ୍ରାମ୍ ମଧ୍ୟ ଅନୁଷ୍ଠିତ କରୁଛୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଠିକ୍ ଅଛି କରନ୍ତୁ ଏବଂ ଯଦି ଏଠାରେ ୟୁନିଭର୍‌ସିଟିକୁ ଯାଉଥିବା ଲଜ୍‌ନାମାନେ ଅଧିକ ଥିବେ ତେବେ ସେମାନଙ୍କୁ ଅର୍‌ଗାନାଇଜ୍ କରାଇ ସେମିନାର୍ କାହିଁକି କରୁନାହଁ ? ଏହା ଜରୁରୀ ନୁହେଁ କି କେବଳ ଇଂଟର୍‌ଫେଥ୍ ହିଁ ହେଉ । ଯେକୌଣସି ପ୍ରକାର ସେମିନାର୍ ମଧ୍ୟ ହେଉ ତାହା ଠିକ୍ ହେବ ।

ସଦର୍ ସାହିବା ହଜୁର୍ ଅନୁୱର୍‌ଙ୍କ ଠାରୁ ଅନୁମତି ଚାହିଁଲେ କି କଣ ଆମେ ଏଠାରେ ଅହେମଦୀ ଝିଅପିଲାମାନଙ୍କର ଗୋଟିଏ ଆସୋସିଏସନ୍ ବନାଇପାରିବୁ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯଦି ୩୦ ରୁ ୪୦ ଜଣ ଅଛନ୍ତି ତେବେ ବନାନ୍ତୁ । ଏହାପରେ ସେକ୍ରେଟାରୀ ତବ୍‌ଲିଗ୍ କହିଲେ କି ଆଜିକାଲି ଟୁଇଟର୍ ଇତ୍ୟାଦି ମାଧ୍ୟମରେ ତବ୍‌ଲିଗ୍ କରିବା ବହୁତ ଟ୍ରେଂଡ୍ ହୋଇଗଲାଣି । ତେଣୁ ହଜୁର୍‌ଙ୍କ ଠାରୁ ମାର୍ଗ ଦର୍ଶନ ନେବାର ଥିଲା କି ଲଜ୍‌ନାମାନେ Anonymous Accounts ବନାଇ ଲୋକମାନଙ୍କୁ ଉତର ଦେଉଛନ୍ତି ।

ଏଥିରେ ହଜୁର୍ ଅନୁୱ ଅ:ବ:ଅ କହିଲେ- ଯଦି ସଂଘବଦ୍ଧ ରୂପେ ଉତର ଦେଉଛନ୍ତି ତେବେ ଦେଇଚାଲନ୍ତୁ । କିନ୍ତୁ ଟୁଇଟର୍ ବା ହ୍ୱାଟସ୍‌ଆପ୍‌ରେ ଫଟୋ ଲଗାଇବା ପାଇଁ ଅନୁମତି ନାହିଁ । ଆପଣମାନେ ୫,୬ ଝିଅପିଲାଙ୍କର ଗୋଟିଏ ଟିମ୍ ବନାନ୍ତୁ ଓ ସେମାନେ ହିଁ ଉତର ଦିଅନ୍ତୁ । ଆପଣଙ୍କ ଟୁଇଟର୍ ଆକାଉଂଟର୍‌ର ଆକ୍‌ସେସ୍ ପ୍ରତ୍ୟେକଙ୍କ ପାଖରେ ରହିବନାହିଁ । ଯେବେ ଅନ୍ୟମାନଙ୍କର ହୃଦ୍‌ବୋଧ ହୋଇଯିବ ତେବେ ଏହାକୁ ଅଧିକ ବଢ଼ାଇ ଦିଆଯାଇପାରିବ । ଯଦି ଅନ୍ୟ ଲଜ୍‌ନାମାନଙ୍କୁ କିଛି ଜଣାପଡେ ତେବେ ସେମାନେ ନିଜର ଉତର ଏହି ଟିମ୍ ନିକଟକୁ ପଠାଇଦିଅନ୍ତୁ । ପ୍ରତ୍ୟେକ ଠିକ୍ ରୂପେ ଉତର ଦେଇପାରିବେ ନାହିଁ । ଅଯଥା ପ୍ରକାରର ଉତର ଅସୁବିଧାରେ ପକାଇଥାଏ । ବେଳେବେଳେ ଆପଣମାନଙ୍କୁ ଜଣାପଡ଼ିବ ନାହିଁ, ସେଥିଯୋଗୁ ମୁରବୀ ସାହେବ୍‌ଙ୍କୁ ପଚାରି ଉତର ଦେବାକୁ ହେବ ।

ସେକ୍ରେଟାରୀ ତବ୍‌ଲିଗ୍ ଆହୁରି ଅଧିକା ମାର୍ଗଦର୍ଶନ ନେବାପାଇଁ ପ୍ରଶ୍ନ ପଚାରିଲେ କି Ja Seus Hijabi ଯାହାକୁ କାନାଡାର ଲଜ୍‌ନାମାନେ ଆରମ୍ଭ କରିଥିଲେ ଓ ତାହା ସଫଳ ରହିଲା । ତେଣୁ ଆମେ ଚିନ୍ତା କରୁଛୁ କି ସ୍ୱିଡେନ୍‌ରେ ଏପରି ଆମେ ଆରମ୍ଭ କରିବୁ । ୧ ଫେବୃୟାରୀ ଦିନ World Hijab Day ପାଳନ କରାଯିବ । ତେଣୁ ଏହା ମସ୍‌ଜିଦ୍ ପରିବର୍ତେ ସେଂଟର୍‌ରେ କରିବୁ କି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନିଶ୍ଚିତ ରୂପେ ପାଳନ କରନ୍ତୁ । ନିଜ ସାଙ୍ଗସାଥିମାନଙ୍କୁ ମଧ୍ୟ ଡାକନ୍ତୁ । ପ୍ରତ୍ୟେକଙ୍କର କେହି ନା କେହି ବନ୍ଧୁ ଅଛନ୍ତି । ପ୍ରେସ୍‌ବାଲାଙ୍କୁ ମଧ୍ୟ ଡାକନ୍ତୁ । ମସ୍‌ଜିଦ୍‌କୁ ଯିବାପାଇଁ ଲୋକମାନେ ଡରୁଛନ୍ତି । ତେଣୁ ଯଦି ମସ୍‌ଜିଦ୍‌ରେ ନୁହେଁ ତେବେ ସେଂଟର୍‌ରେ ଏହା କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ନିଜି ସମ୍ପର୍କ ରହିବା ଉଚିତ୍ । ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନଙ୍କ ସହିତ ସମ୍ପର୍କ ରଖିବା ଉଚିତ୍ । ଝିଅପିଲାମାନଙ୍କ ସହିତ ସାଙ୍ଗସାଥି ରହିଥାଏ । ତେଣୁ ସେମାନଙ୍କୁ ଡାକନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ସାହିବା ଇଶାଅତ୍‌କୁ କହିଲେ କି ଯେଉଁ ବିଷୟ ଗୁଡିକ ଲଜ୍‌ନା ମାନଙ୍କ ପାଇଁ ଆବଶ୍ୟକ ସେଗୁଡିକର ଅନୁବାଦ କରନ୍ତୁ । ତର୍‌ବିୟତ୍ ପାଇଁ ଖୋଲୋଫା ମାନଙ୍କର ତର୍‌ବିୟତି ଇକ୍‌ତେବାସାତ୍ (ଲେଖନୀ ପାରା) ଏକାଠି କରି ସେଗୁଡିକର ସ୍ୱିଡିଶ୍ ଭାଷାରେ ଅନୁବାଦ କରି ଛପାନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ନୌ ମୁବାୟାତ୍‌କୁ କହିଲେ- ନୌ ମୁବାୟାତ୍‌ଙ୍କ ସହିତ ନିଜି ସମ୍ପର୍କ ରଖନ୍ତୁ । ତର୍‌ବିୟତ୍ କରିବା ପାଇଁ ଛୋଟିଆ ଛୋଟିଆ ଜିନିଷ ଦେଇ ସେମାନଙ୍କ ସହିତ ବାର୍ତାଳାପ କରନ୍ତୁ । ସେମାନଙ୍କ ସହିତ ମିଟିଂ ରଖନ୍ତୁ । ସେମାନଙ୍କ ସହିତ କଥା ହୁଅନ୍ତୁ । କାଲି ଜଣେ ମହିଳା ଆସିଥିଲେ । ସେ କହିଲେ କି ମୋତେ ଏଠାରେ କେହି ରିସିଭ୍ କରୁନାହାଁନ୍ତି । ଏଥିରେ ସେକ୍ରେଟାରୀ ସାହିବା ବତାଇଲେ କି ସେହି ଭଉଣୀ ଜଣକ କାହାକୁ ନିଜର ଯୋଗାଯୋଗର ଠିକଣା ଦେଉନାହାଁନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ତାଙ୍କର ଯାହା ସହିତ ସମ୍ପର୍କ ଅଛି ତାଙ୍କ ମାଧ୍ୟମରେ ବାର୍ତା ଦେଇଦିଅନ୍ତୁ । ସମସ୍ତଙ୍କ ସହିତ ନିଜି ସମ୍ପର୍କ ସୃଷ୍ଟି କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ସାହିବା ଖିଦ୍‌ମତ୍‌ଙ୍କୁ ନିର୍ଦ୍ଦେଶ ଦେଇ କହିଲେ କି ଓଲ୍ଡ୍ ହୋମ୍‌ସ୍ (ବୃଦ୍ଧନିବାସ) ଯାଆନ୍ତୁ । ସେଠାରେ ଯାଇ ବୃଦ୍ଧ ମହିଳା ମାନଙ୍କର ସେବା କରନ୍ତୁ । ଯଦ୍ୱାରା ସମ୍ପର୍କ ଓ ସମ୍ବନ୍ଧ ବଢ଼ିବ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ସାହିବା ସନ୍‌ଅତ୍ ୱ ଦସ୍ତ୍‌କାରୀ (ଉଦ୍ୟୋଗ ଓ ହସ୍ତଶୀଳ୍ପ ବିଭାଗ) ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ସେ ମିନାବଜାର୍ ଲଗାଉଛନ୍ତି ଏବଂ ୮୯୦୦୦ କ୍ରୋନର୍‌ର ଆମଦାନୀ ହୋଇଛି।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ସାହିବା ତଜ୍‌ନିଦ୍‌ଙ୍କୁ ଦିର୍ଦ୍ଦେଶ ଦେଇ କହିଲେ-ଆପଣଙ୍କ ନିକଟରେ ସମସ୍ତ କୱାଇଫ୍ (ବିବରଣୀ) ରହିବା ଉଚିତ୍। ସେକ୍ରେଟାରୀ ସାହିବା ବତାଇଲେ କି ତାଙ୍କ ନିକଟରେ କୱାଇଫ୍ ତ ଅଛି କିନ୍ତୁ ଯେତେବେଳେ ଲୋକମାନେ ଘର ବା ସହରକୁ ବଦଳାଇ ଦେଉଛନ୍ତି ସେତେବେଳେ ସେମାନଙ୍କ ସହିତ ସମ୍ପର୍କ ରଖିବାରେ ଅସୁବିଧା ହେଉଛି।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ତ ବତାଯାଇଛି କି ସମସ୍ତ ମଜ୍‌ଲିସ୍ ନିଜ ନିଜର ରିପୋର୍ଟ୍ ଗୁଡିକ ନିୟମିତ ପଠାଉଛନ୍ତି ବୋଲି। ଯଦି ଜଣେ ମହିଳା ଘର ବଦଳାଉଛନ୍ତି ଏବଂ ଆଉଜଣେ ଅନ୍ୟ ସହରକୁ ଚାଲିଯାଉଛନ୍ତି, ଯଦି ଏକଥା ରିପୋର୍ଟ୍‌ରେ ଉପସ୍ଥାପନ କରାଯାଉନାହିଁ ତେବେ ଏପରି ରିପୋର୍ଟ୍‌ର କି ଲାଭ? ତେବେ ପ୍ରତ୍ୟେକ ମଜ୍‌ଲିସ୍ ତରଫରୁ ଆପଣଙ୍କ ନିକଟକୁ ଏତେଲା ମିଳିବା ଉଚିତ୍। ଏହା ତ ଆପଣଙ୍କ ସିଷ୍ଟମ୍‌ର ଦୁର୍ବଳତା। ଯେଉଁଠି ସିଷ୍ଟମ୍ ଠିକ୍ ରହିଛି ସେଠାରେ ସ୍ଥାନୀୟ ସଦର୍ ଯଥାଶିଘ୍ର ମର୍କଜ୍‌କୁ ଏତେଲା ଦେଉଛନ୍ତି କି ଆମର ଅମୁକ ସଦସ୍ୟ ଏଠାରୁ ଅନ୍ୟ କୌଣସି ସ୍ଥାନକୁ ଚାଲିଯାଇଛନ୍ତି। ଯଦି ଲୋକାଲ୍ ସଦର୍ ଆକ୍ଟିଭ୍ ଅଛି ତେବେ କୌଣସି ପ୍ରକାର ଅସୁବିଧା ହେବନାହିଁ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହାର ଅର୍ଥ ହେଉଛି ଆପଣଙ୍କର ନିଜି ସମ୍ପର୍କ ଓ ଗ୍ରାସ୍‌ରୁଟ୍ ଲେବୁଲ୍‌ରେ କୌଣସି ପ୍ରକାର ସମ୍ପର୍କ ରଖାଯାଇନାହିଁ। ସେମାନଙ୍କୁ ଆକ୍ଟିଭ୍ କରିବାର ଆବଶ୍ୟକ ରହିଛି। ସଦର୍ ସାହିବା ଏହି ସମ୍ପର୍କକୁ ଆକ୍ଟିଭ୍ କରନ୍ତୁ।

ଏଥିରେ ସଦର୍ ସାହିବା ବତାଇଲେ କି ଉକ୍ତ ସମସ୍ୟାର ସମାଧାନ ବାହାର କରିବା ପାଇଁ ଆମେ ତିନିଗୋଟି ନୁଆ ମଜ୍‌ଲିସ୍ ବନାଇଛୁ। ଯଦ୍ୱାରା ସଦର୍ ସାହିବା ମାନଙ୍କୁ କାମ କରିବା ପାଇଁ ସହଜ ହେବ। ଏହାଫଳରେ ଅଲ୍‌ହମ୍‌ଦୋଲିଲ୍ଲାଃ ନିଜି ସମ୍ପର୍କ ବଢ଼ି ଚାଲିଛି। ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଠିକ୍ ଅଛି। ନିଜି ସମ୍ପର୍କ ବଢ଼ାନ୍ତୁ। ଆମେଲାର ସଦସ୍ୟଙ୍କ ଦାୟିତ୍ୱରେ ଏ କାମ ଦିଅନ୍ତୁ। ନିଜି ସମ୍ପର୍କ ବଢ଼ାଇବା ମଧ୍ୟ ସେମାନଙ୍କ କାର୍ଯ୍ୟ ଅଟେ ଏବଂ ମର୍କଜି ସ୍ତରରେ ମଧ୍ୟ ଆପଣ ନିଜି ସମ୍ପର୍କ ରଖିପାରିବେ। ଯଦି କୌଣସି ମଧ୍ୟ ଆକ୍ଟିଭ୍ ଲଜ୍‌ନା ସଦସ୍ୟ ଥିବେ ତେବେ ଏପରି ହୋଇନପାରେ କି ସେ ଗୋଟିଏ ସ୍ଥାନକୁ ଛାଡ଼ି ଯେବେ ଅନ୍ୟସ୍ଥାନକୁ ଯିବେ ତେବେ ଜମାତ୍ ସହିତ ସମ୍ପର୍କ ନରଖିବେ ବା ଯଦି କିଏ ବାହାରୁ ଏଠାକୁ ଆସିବେ ଓ ଜମାତ୍ ସହିତ ସମ୍ପର୍କ ନରଖିବେ। ଯଦି କିଏ ଏପରି କରୁନାହିଁ ତେବେ ସେ ଏକୁଟିଆ ମହିଳା ନୁହେଁ ବରଂ ତାଙ୍କର ପୁରା କୁଟମ୍ବ ହିଁ ବହୁତ ପଛକୁ ଚାଲିଯାଇଛି। କାରଣ କୌଣସି ଜଣକିଆ ମହିଳା ଏକୁଟିଆ କୌଣସି ସ୍ଥାନକୁ ଯାଏନାହିଁ। ପୁରା ଫ୍ୟାମିଲି ଯାଇଥାଏ। ତାର ୱ୍ହଦାଦାର୍ ମାନଙ୍କ ସହିତ କୌଣସି ମନମାଳିନ୍ୟ ବା ଝଗଡ଼ା ଥିବ, ଯାହାକୁ ସେ ବତାଇବା ପାଇଁ ଚାହୁଁନାହାଁନ୍ତି। ଯଦି ୱ୍ହଦାଦାର୍‌ମାନେ ଠିକ୍ ରହିବେ ତେବେ ଲୋକମାନେ ମଧ୍ୟ ଠିକ୍ ହୋଇଯିବେ। ଆପଣମାନଙ୍କ ମଧ୍ୟରୁ ଯଦି ୯୧ ପ୍ରତିଶତ ଖୁତ୍‌ବା ଶୁଣୁଛନ୍ତି ତେବେ ପୁଣି ଏପରି ସମସ୍ୟା ସୃଷ୍ଟି ହେବା ଉଚିତ୍ ନୁହେଁ।

ସଦର୍ ସାହିବା ହଜୁର୍ ଅନୁୱର୍‌ଙ୍କ ଠାରୁ ମାର୍ଗଦର୍ଶନ ଲାଭ କରିବା ପାଇଁ ଏ ଦରଖାସ୍ତ କଲେ କି ଆମେ ଯୁବତୀ ଝିଅମାନଙ୍କୁ କିପରି ସଂପୃକ୍ତ କରାଇବୁ। ଯେବେ ମୁଁ ଆମ୍‌ଲା ବନାଇଥିଲି ସେତେବେଳେ ଯୁବତୀ ଲଜ୍‌ନା ମାନଙ୍କୁ ନେଇ ବନାଇଥିଲି। କିନ୍ତୁ ଏବେ କିଛି ସେମାନଙ୍କ ମଧ୍ୟରୁ ବିଭା ହୋଇ ଦେଶ ବାହାରକୁ ଚାଲିଗଲେ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯେଉଁମାନେ ପାକିସ୍ତାନ୍‌ରୁ ଆସିଛନ୍ତି ସେମାନଙ୍କୁ ଏଥିରେ ନିଅନ୍ତୁ, ଯଦ୍ୱାରା ସେମାନେ ଏହା ଭିତରେ ସଂପୃକ୍ତ ରହିବେ। ସେମାନଙ୍କୁ ଭାଷା ଆସିଯାଉ। କିନ୍ତୁ ଏଠିକା ୟୁନିଭରସିଟିରେ ଯେଉଁମାନେ ପଢ଼ିଛନ୍ତି, ସେମାନଙ୍କୁ ମଧ୍ୟ ନିଅନ୍ତୁ। ନାଏବାତ୍ ବନାନ୍ତୁ। ଇଶାଅତ୍‌ର ଗୋଟିଏ ଟିମ୍ ରହିବା ଉଚିତ୍। ସେହିପରି ଜେନେରାଲ୍ ସେକ୍ରେଟାରୀ, ତବ୍‌ଲିଗ୍, ତର୍‌ବିୟତ୍ ବିଭାଗ ସହିତ ମଧ୍ୟ ସେମାନଙ୍କୁ ସଂପୃକ୍ତ କରନ୍ତୁ। ଏହିପରି ଆପଣମାନଙ୍କର ଗୋଟିଏ ସେକେଣ୍ଡ୍ ଲାଇନ୍ ସୃଷ୍ଟି ହୋଇଯିବ।

ସେକ୍ରେଟାରୀ ଇଶାଅତ୍ ବତାଇଲେ କି ପ୍ରଥମେ ଆମେ ବିଷୟ (ନିବନ୍ଧ) ପଠାଉଥିଲୁ, ଯାହା ଛପା ହେଉଥିଲା। କିନ୍ତୁ ଏବେ ଇସ୍‌ଲାମ୍ ବିରୋଧରେ ଏତେ ମାତ୍ରାରେ ଘୃଣାଭାବ ସୃଷ୍ଟି ହୋଇଯାଇଛି କି ଖବରକାଗଜ ଗୁଡିକ ଆମ ନିବନ୍ଧକୁ ଛାପୁନାହାଁନ୍ତି।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣମାନଙ୍କୁ ନିଜର ପାର୍ଟର୍ନ୍ ବଦଳାଇବାକୁ ପଡ଼ିବ। ଏବେ ଲୋକମାନେ ଖବରକାଗଜରେ ଚିଠିପତ୍ର ଓ ଆର୍ଟିକିଲ୍‌କୁ ପଢୁଛନ୍ତି। ଆପଣମାନେ ଇସ୍‌ଲାମ୍ ସମ୍ପର୍କରେ ଅଧିକ ଚର୍ଚ୍ଚା କରିବା ପରିବର୍ତ୍ତେ ନିଜର ନିବନ୍ଧ ଲେଖିଦିଅନ୍ତୁ। ସ୍ଥାନେ ସ୍ଥାନେ ଇସ୍‌ଲାମ୍‌ର ଗୋଟିଏ ବାକ୍ୟ ଆସୁଥିବ। ଆପଣ ଏଥିରେ ସମ୍ପୂର୍ଣ୍ଣ ଖୋଲି ତବ୍‌ଲିଗ୍ ନ କରନ୍ତୁ। ଏହାଦ୍ୱାରା ଖବରକାଗଜ ଗୁଡିକରେ ଆପଣମାନଙ୍କର ପ୍ରବେଶ ହୋଇଯିବ। ଦୁଇ ଚାରିଟା ଚିଠି ଛପାହେବ। ପୁଣି ଖବରକାଗଜର ଗୋଟିଏ ପଲିସ୍ ଅଛି କି ସେମାନେ କିଛି ଭଲ ଚିଠିକୁ ପୁନର୍ବାର ଛପାନ୍ତି। Letter of the day, Week, Month, Year ନାମରେ ଚିଠି ଛପାଇଥାଆନ୍ତି ଓ ଏଥିରେ ପୁରସ୍କାର ମଧ୍ୟ ଦେଇଥାନ୍ତି।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣମାନଙ୍କୁ ନିଜର ଆପ୍ରୋଚ୍‌କୁ ବଦଳାଇବାକୁ ହେବ ଅର୍ଥାତ୍ ଆମେ ଲୋକମାନଙ୍କୁ କିପରି ଉତର ଦେବୁ। ଖୋଲାଖୋଲି ଭାବେ ଉତର ନ ଦିଅନ୍ତୁ ବରଂ ହିକ୍‌ମତ୍ (ବୁଦ୍ଧିମତା) ର ସହିତ ଉତର ଦିଅନ୍ତୁ। ଯଦି ଗୋଟିଏ ଖବରକାଗଜରେ ଗୋଟିଏ ନାମରେ ଦୁଇ ଚାରିଥର ପ୍ରକାଶ ହେବ ତେବେ ଆପଣମାନେ ସେମାନଙ୍କ ଲିଷ୍ଟ୍‌ରେ ଆସିଯିବେ। ପୁଣି ଏହାପରେ ଯେବେ ଆପଣମାନେ ଖୋଲାଖୋଲି ରୂପେ ଲେଖିବେ ତେବେ ଆପଣଙ୍କୁ କନ୍‌ସୋଲେଟ୍ ମିଳିଯିବ। ବେଳେବେଳେ ଡାଇରେକ୍ଟ ଆପ୍ରୋଚ୍ ପରିବର୍ତ୍ତେ କିଛି ଇନ୍ ଡାଇରେକ୍ଟ ଆପ୍ରୋଚ୍ ଆପଣେଇବାକୁ ପଡ଼ିଥାଏ। ମୁଁ ତ ଏପରି ଦେଖିଛି କି ଯଦି ବିଭିନ୍ନ ବିଷୟ ଉପରେ ସେମାନଙ୍କର ମାନସିକତାକୁ ବୁଝି ସଠିକ୍ ଆପ୍ରୋଚ୍ କରାଯାଏ ତେବେ ସେମାନେ ତାହା ସବୁ ପ୍ରକାଶ କରିଦେଇଥାନ୍ତି।

ସେକ୍ରେଟାରୀ ତାଲିମ୍ ସାହିବା କହିଲେ କି ଆମେ ଗୋଟିଏ କୁର୍‌ଆନ୍ କମିଟି ବନାଇଛୁ, ଯାହାର ଉଦ୍ଦେଶ୍ୟ ହେଉଛି ଶତ ପ୍ରତିଶତ ଉଚ୍ଚାରଣ ସଠିକ୍ ହୋଇଯାଉ ଓ ଅନୁବାଦ ଇତ୍ୟାଦି ଶିଖାଯାଉ। ଏହି କମିଟିକୁ ଆମେ କିପରି ଆକ୍ଟିଭ୍ କରିପାରିବୁ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ପ୍ରଥମେ ଲିଷ୍ଟ୍ ବନାନ୍ତୁ କି କେଉଁମାନେ ପଢ଼ିବାକୁ ଚାହୁଁଛନ୍ତି। ମଜ୍‌ଲିସ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଜଣ ଜଣ କରି ଚିଠି ଲେଖାଯାଉ କି ଆମେ ପବିତ୍ର କୋରାନ୍‌କୁ ନାଜେରା ପଢ଼ିବା ପାଇଁ କାମ ଆରମ୍ଭ କରିଛୁ। ଏଥିରେ ଯେଉଁମାନେ ସାମିଲ୍ ହେବାକୁ ଚାହୁଁଛନ୍ତି। ସେମାନେ ନିଜ ନିଜର ନାମ ଲେଖାନ୍ତୁ। ତାହା ଦୁଇଚାରିଜଣ ହୁଅନ୍ତୁ ବା ଦଶଜଣ ହୁଅନ୍ତୁ। ସେମାନଙ୍କୁ ଆପଣମାନେ ପଢ଼ାଇବା ଆରମ୍ଭ କରନ୍ତୁ। ସେମାନଙ୍କୁ ଯେବେ ଆପଣମାନେ ପଢ଼ାଇବେ ଓ ତାଙ୍କ ଭିତରେ ସୁଧାର ଆସିବ ଓ ସେମାନଙ୍କର ଧ୍ୟାନ ଏଥିପ୍ରତି ସୃଷ୍ଟି ହେବ, ତେବେ ଯାଇ ସେମାନେ ନିଜ ସାଙ୍ଗସାଥିମାନଙ୍କୁ ବତାଇବେ ଓ ଏହିପରି ଧିରେ ଧିରେ ସଂଖ୍ୟା ବଢ଼ିଚାଲିବ। ପ୍ରଥମ ଦିନ ଶତ ପ୍ରତିଶତ ଫଳ ହେବନାହିଁ। ଯଦି ଭଲ ଟ୍ରିଟ୍‌ମେଂଟ୍ ରହିଛି ଓ ସଠିକ୍ ପଢ଼ାଯାଉଛି ଏବଂ ସେମାନେ ବୁଝିପାରୁଛନ୍ତି ତେବେ ସ୍ୱତଃପ୍ରବୃତ ଭାବେ ଏହି କ୍ଲାସ୍ ବଢ଼ିଚାଲିବ।

ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ ଏଠାରେ ଯେତିକି ଶିକ୍ଷିତା ମହିଳା ଅଛନ୍ତି, ଯଦି ବଡ ବୟସର ମହିଳାମାନେ ସହଯୋଗ କରୁନାହାଁନ୍ତି ତ ନକରନ୍ତୁ, ଆପଣ ୧୮,୧୯,୨୦ ବର୍ଷର ଯୁବତୀ ଝିଅମାନଙ୍କୁ ନାଏବାତ୍ ବନାନ୍ତୁ ଏବଂ ସମସ୍ତଙ୍କୁ ସ୍ୱିଡିଶ୍ ଭାଷା ମଧ୍ୟ ଆସିବା ଉଚିତ୍।

ସେକ୍ରେଟାରୀ ସିହତ୍ ଓ ଜିସ୍‌ମାନି ସାହିବା ପ୍ରଶ୍ନ ପଚାରିଲେ କି କଣ ଆମେ ଚ୍ୟାରିଟି ୱ୍ୱାକ୍ କରାଇପାରିବୁ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଲଜ୍‌ନା ମାନଙ୍କର ଚ୍ୟାରିଟି ୱ୍ୱାକ୍ ଗୋଟିଏ ଦୁଇଟି ସ୍ଥାନରେ କରାଯାଇଛି, କିନ୍ତୁ ତାହା ସଫଳ ହେଲାନାହିଁ, ଅସୁବିଧା ସୃଷ୍ଟି ହେଲା। କାରଣ ଯଦି ଚ୍ୟାରିଟି ୱ୍ୱାକ୍ ସଠିକ୍ ରୂପେ କରିବେ ତେବେ ପୁଣି ସ୍କାର୍ଫ ଘୋଡି ହୋଇ କରିବାକୁ ପଡ଼ିବ। ଗୋଟିଏ ଦୁଇଟି ସ୍ଥାନରେ ଏପରି ହେଲା କି ତାହା ଖୁଦାମ୍ ବା ଅନ୍‌ସାର୍‌ମାନେ କରାଇଲେ ବା ଲଜ୍‌ନା ମାନେ ତାଙ୍କ ପଛରେ ଚାଲିବାକୁ ଲାଗିଲେ। ପରିଶେଷରେ ଏପରି ହେଲା କି ଲଜ୍‌ନାମାନେ ନିଜେ ହିଁ ଏହା କହିଲେ- ଆମେ ଏହା ଯଦି ନ କରିଥାନ୍ତୁ ଭଲ ହୋଇଥାଆନ୍ତା। ଆପଣମାନେ ତ ଏଠାରେ ତିନିଶହ ସଂଖ୍ୟାରେ ଅଛନ୍ତି। ତେଣୁ ଆପଣ କଣ ଚ୍ୟାରିଟି ୱ୍ୱାକ୍ କରିବେ? ହଁ ଯଦି ଅନ୍‌ସାର୍ ବା ଖୁଦାଙ୍କ ତରଫରୁ ଚ୍ୟାରିଟି ୱ୍ୱାକ୍ ଜମାତି ସ୍ତରରେ ହେଉଅଛି ଓ ଆପଣମାନେ ସେଥିରେ ସାମିଲ୍ ହେବାକୁ ଚାହୁଁଛନ୍ତି ତେବେ ଡ୍ରେସ୍‌କୋଡ୍‌ର ସର୍ତ୍ତକୁ ପାଳନ କରି ଏହା କରାଯାଉ। ଯଦି ଡ୍ରେସ୍‌କୋଡ୍ ଠିକ୍ ରହିଛି ତେବେ ଏଥିରେ ସାମିଲ୍ ହୋଇପାରିବେ। ଏପରି ନ ହେଉ କି ଆମେ ଟି ସାର୍ଟ୍ ପିନ୍ଧି ଏଥିରେ ସାମିଲ୍ ହେବୁ। କୋଟ୍ ପିନ୍ଧନ୍ତୁ କିନ୍ତୁ ଏହି କୋଟ୍ ବା ବୁର୍କା ଉପରେ ସ୍କାର୍ଫ୍ ରହିବା ଉଚିତ୍। ଯଦି ସାହସ ଅଛି ତେବେ ଏପରି ସାହସ ଦେଖାନ୍ତୁ। ଏଠିକା ଝିଅମାନଙ୍କ ଭିତରୁ ଯଦି ଦୁଇଚାରିଜଣ ସାହସ ଦେଖାଇବେ ତେବେ ଯେଉଁମାନେ ସ୍ଥାନୀୟ ଅଛନ୍ତି ସେମାନଙ୍କର କମ୍ପ୍ଲେକ୍ସ୍ ମଧ୍ୟ ଦୂର ହୋଇଯିବ। ଅତି କମ୍‌ରେ ଆମେଲାର ସଦସ୍ୟାମାନେ ସ୍କାର୍ଫ୍ ପିନ୍ଧି ଚାଲନ୍ତୁ। ଲୋକମାନେ ଅଳ୍ପ କିଛି ପରିହାସ କରିବେ। ପୁଣି ନିଜେ ହିଁ ସେମାନେ ଠିକ୍ ହୋଇଯିବେ।

ସେକ୍ରେଟାରୀ ଖିଦ୍‌ମତ୍ ଖଲ୍‌କ୍ କହିଲେ କି ଆମେ କିପରି ଆହୁରି ଅଧିକା ଫଣ୍ଡ୍ ଏକାଠି କରିପାରିବୁ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତୁ। ଟଙ୍କା ଆପେଆପେ ଏକାଠି ହୋଇଯିବ।

ସେକ୍ରେଟାରୀ ତବ୍‌ଲିଗ୍ ପୁଣି କହିଲେ କି ଆମ ଶୁରା ର ସୁପାରିସ୍ ଗୁଡିକ ମଧ୍ୟରୁ ଗୋଟିଏ ହେଉଛି କି ରେଡିଓ ଚ୍ୟାନେଲ୍‌ରେ ତବ୍‌ଲିଗ୍ କରାଯାଉ। କିନ୍ତୁ ଏ ସମ୍ବନ୍ଧରେ ଗୋଟିଏ ମଜ୍‌ଲିସ୍‌କୁ ଛାଡ଼ିଦେଲେ ବାକି ଅନ୍ୟ ମଜ୍‌ଲିସ୍ ଗୁଡିକରେ ଅସୁବିଧା ରହିଛି।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି Slot ମିଳୁନାହିଁ ତେବେ ନିଜି ସମ୍ପର୍କ ବଢ଼ାନ୍ତୁ ଓ ନିଜର ଲୋକସମ୍ପର୍କ ବଢ଼ାନ୍ତୁ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ମିନା ବଜାର୍ ଲଗାଇ ଯେଉଁ ଅର୍ଥ ଏକାଠି କରିଛନ୍ତି ତା ଦ୍ୱାରା ପ୍ରୋଜେକ୍‌ସନ୍‌ର ରାସ୍ତା ବାହାର କରନ୍ତୁ। ଖିଦ୍‌ମତ୍ ଖଲ୍‌କ୍ ବିଭାଗ, ଓଲ୍‌ଡ୍ ହୋମ୍‌ସ୍‌କୁ ଯାଇ ସେହି ଅର୍ଥରେ ସେମାନଙ୍କୁ ଉପହାର ଦିଅନ୍ତୁ। ସ୍ଥାନୀୟ ଖବରକାଗଜ ପ୍ରତିନିଧିମାନଙ୍କୁ ଡାକନ୍ତୁ। ଏହା ପବ୍ଲିସିଟି ପାଇଁ ନୁହେଁ ବା ଏଥିପାଇଁ ନୁହେଁ କି ଆମର କୌଣସି ଦେଖାଣିଆ ମନୋଭାବ ରହିବ ବରଂ ଏଥିପାଇଁ କି ଏ ଇଲାକାରେ ଇସ୍‌ଲାମ୍‌ର ପରିଚୟ ପ୍ରଦାନ କରାଯାଇପାରିବ। ଆପଣମାନେ ଯେଉଁ ମିନାବଜାର୍‌ରୁ ବା ଚ୍ୟାରିଟି ୱ୍ୱାକ୍‌ରୁ ଅର୍ଥ ଜମା କରୁଛନ୍ତି ସେଥିରୁ ଏଠିକାର ସ୍ଥାନୀୟ ଚ୍ୟାରିଟିରେ ମଧ୍ୟ ଦିଆଯାଇପାରିବ। ଏହିପରି ଆପଣମାନଙ୍କର ପରିଚୟ ଏଠାରେ ହେବ। କିନ୍ତୁ ଚେଷ୍ଟା କରିବାକୁ ପଡ଼ିବ। ଅବସ୍ଥାକୁ ଦେଖି ବିଭିନ୍ନ ରାସ୍ତା ଏକ୍‌ସ୍‌ପ୍ଲୋର୍ କରିବାକୁ ପଡ଼ିଥାଏ। ଯେବେ ଆପଣମାନଙ୍କୁ ଲୋକ ସମ୍ପର୍କ ନାହିଁ ତେବେ କିପରି Slot ମିଳିବ। ଥରେ ଖବରକାଗଜରେ ଆସିଗଲେ ପ୍ରେସ୍ ନିଜେ ଆସିଯିବ। ପୁଣି ଯେଉଁ ଅର୍ଥ ଆପଣମାନେ ଏକାଠି କରିଛନ୍ତି ତାର ଗୋଟିଏ ଭାଗ ମସ୍‌ଜିଦ୍ ଓ ଗୋଟିଏ ଭାଗ ଚ୍ୟାରିଟିକୁ ଦେଇ ଦିଅନ୍ତୁ। ମସ୍‌ଜିଦ୍ ମଧ୍ୟ ହେଉଛି ତବ୍‌ଲିଗ୍‌ର ଗୋଟିଏ ମାଧ୍ୟମ ଓ ଏହା ମଧ୍ୟ ଏକ ପ୍ରକାର ତବ୍‌ଲିଗ୍।

ସେକ୍ରେଟାରୀ ନୌ ମୁବାୟାତ୍ କହିଲେ କି କିଛି ନୌ ମୁବାୟାତ୍‌ଙ୍କ ଦଶବର୍ଷ ବିତିଗଲାଣି। କିନ୍ତୁ ସେମାନେ ଲଜ୍‌ନାରେ ଇଂଟିଗ୍ରେଟ୍ ହୋଇପାରୁନାହାଁନ୍ତି। ସେହିପରି ଏପରି ସଦସ୍ୟା ଯେଉଁମାନଙ୍କୁ ଇଂରାଜୀ ବା ସ୍ୱିଡିଶ୍ ଭାଷା ଆସୁନାହିଁ, କେବଳ ରସିୟାନ୍ କହୁଛନ୍ତି, ସେମାନଙ୍କ ପାଇଁ ଆମେ ଟ୍ରାନ୍‌ସଲେସନ୍ ଭାୟା ସ୍କାଇପ୍‌ର ସିଷ୍ଟମ୍ ରଖିଛୁ। ଜଣେ ଭଉଣୀ କହୁଛନ୍ତି କି ମୁଁ ନମାଜ ପଢ଼ିବା ଜାଣିନାହିଁ ଓ ମୋତେ ଆରବୀ ଭାଷା ଜଣାନାହିଁ ଓ ମୁଁ ଆରବୀ ଶିଖି ମଧ୍ୟ ପାରିବି ନାହିଁ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ତର୍‌ବିୟତ୍ ହୋଇସାରିଛି ଓ ସେ ମେନ୍ ଷ୍ଟ୍ରିମ୍‌ରେ ଆସି ସାରିଛନ୍ତି ତେବେ ଠିକ୍ ଅଛି। ତାଙ୍କ ସହିତ ସମ୍ପର୍କ ରଖନ୍ତୁ। ତାଙ୍କୁ କୁହ କି ଏବେ ଆପଣମାନେ ଆଉ ନୌ ମୁବାୟାତ୍ ହୋଇ ରହିନାହଁ। କିନ୍ତୁ ସେମାନଙ୍କ ତର୍‌ବିୟତ୍ ପାଇଁ ଏକ ବିଶେଷ ସିଲାବସ୍ ରହିବା ଉଚିତ୍ ଓ ଏମାନେ ଇଂଟିଗ୍ରେଟ୍ ଏଥିପାଇଁ ହେଉନାହାଁନ୍ତି କି ଆପଣମାନେ ଯେତେବେଳେ ମଜ୍‌ଲିସ୍‌ରେ ବସୁଛନ୍ତି ଉର୍ଦ୍ଦୁରେ କଥା କହିବା ଆରମ୍ଭ କରିଦେଉଛନ୍ତି। ସେଥିପାଇଁ

ତାଙ୍କର ଅଭିଯୋଗ ରହିଛି । ତେଣୁ ନିଜ ପ୍ରୋଗ୍ରାମ୍ ଗୁଡ଼ିକୁ ଇଂରାଜୀ ବା ସ୍ୱିଡିଶ୍ ଭାଷାରେ ପରିଚାଳିତ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ ଯେଉଁମାନେ ରୁଷିୟ ଭାଷାଭାଷି ଅଛନ୍ତି ଲଣ୍ଡନ୍‌ଠାରେ ଥିବା ରଷିୟାନ୍ ଡେସ୍କ ସହିତ ସେମାନଙ୍କ ଯୋଗାଯୋଗ କରାଇ ଦିଅନ୍ତୁ । ସେମାନେ ତାଙ୍କୁ ସମ୍ଭାଳିନେବେ । ସେହିପରି ଫାର୍ସୀ ଏବଂ ଆରବୀ ଭାଷାଭାଷି ମହିଳାମାନଙ୍କ ସହିତ ମଧ୍ୟ ସମ୍ପର୍କ କରାଇଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ ଯେଉଁମାନଙ୍କୁ ନମାଜ ଆସୁନାହିଁ ସେମାନଙ୍କୁ କୁହନ୍ତୁ- ଅତି କମ୍‌ରେ ସୁରା ଫାତିହା ଶିଖି ନିଅନ୍ତୁ । କାରଣ ହଦିସ୍‌ରେ ଆସୁଛି ସୁରା ଫାତିହା ବ୍ୟତୀତ ନମାଜ ହେବନାହିଁ । ସେଥିପାଇଁ ସୁରା ଫାତିହା ଶିଖି ନିଅନ୍ତୁ ଓ ସେମାନଙ୍କୁ ଏହାର ଅନୁବାଦ ଶିଖାଇଦିଅନ୍ତୁ । ଏହାପରେ ସେମାନେ ବାକି ଯାହା ପଢ଼ିବାକୁ ଚାହିଁବେ ନିଜ ଭାଷାରେ ପଢ଼ନ୍ତୁ ।

ସେକ୍ରେଟାରୀ ମାଲ୍ ସାହିବା କହିଲେ କି ଏପରି କିଛି ସଦସ୍ୟା ଅଛନ୍ତି ଯେଉଁମାନେ ରୋଜଗାର କରୁଛନ୍ତି କିନ୍ତୁ ଶରାହ୍ (ମାପ) ଅନୁସାରେ ଚାନ୍ଦା ଦେଉନାହାଁନ୍ତି । ଏ ସମ୍ବନ୍ଧରେ ଆମେ କଣ ପଦକ୍ଷେପ ଉଠାଇପାରିବୁ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ ଆପଣମାନେ ତାଙ୍କର ଧ୍ୟାନକୁ ଆକର୍ଷଣ କରାନ୍ତୁ । ଏହା କୌଣସି ପ୍ରକାରର ଟାକ୍ସ ନୁହେଁ ବା କୌଣସି ପ୍ରକାର ଜବରଦସ୍ତି କରାଯାଏନାହିଁ । ଚାନ୍ଦା ତ ମାଲି କୁର୍ବାନୀ କରିବା ପ୍ରତି ଏକ ଧ୍ୟାନ ଆକର୍ଷଣ ଅଟେ । ସେମାନଙ୍କୁ ମାଲି କୁର୍ବାନୀ କରିବା ପାଇଁ କୁହନ୍ତୁ । ଯଦି ସେମାନେ ଏହା ଅନୁଭବ କରିବେ କି ଆମେ ଚାନ୍ଦା ଦେଉନାହୁଁ ଓ ଭୁଲ୍ କରୁଅଛୁ ତେବେ ଏତିକି ହିଁ ଯଥେଷ୍ଟ । ତର୍‌ବିୟତ୍ ବିଭାଗ ଯଦି ଆକ୍ଟିଭ୍ ହୋଇଯିବେ ଯଦ୍ୱାରା ସେମାନଙ୍କର ତର୍‌ବିୟତ୍ ଯଦି ଠିକ୍ ହୋଇଯିବ ତେବେ ସେମାନେ ନିଜେ ହିଁ ଚାନ୍ଦା ଦେବା ଆରମ୍ଭ କରିଦେବେ । ଆପଣମାନେ ତାଙ୍କୁ ବାଧ୍ୟ କରିବେ ନାହିଁ, କେବଳ ସେମାନଙ୍କର ମନେ ପକାଇଦେବେ । ସେ ଯାହା କିଛି ଦେବେ ତାହା ଠିକ୍ ଅଛି । କେବଳ ଏତିକି କି ଯେଉଁମାନେ ଚାନ୍ଦାକୁ ଶରାହ୍ ଅନୁସାରେ ଦେଉନାହାଁନ୍ତି ବା ସମ୍ପୂର୍ଣ୍ଣ ରୂପେ ଚାନ୍ଦା ଦେଉନାହାଁନ୍ତି ସେମାନେ ଓ୍ୱହ୍‌ଦାଦାର୍ ହୋଇପାରିବେ ନାହିଁ ।

ଏହାପରେ ଆମେଲାର ସଦସ୍ୟାମାନେ କିଛି ସାଧାରଣ ପ୍ରଶ୍ନ ପଚାରିଲେ, ଯାହାର ଉତର ହଜୁର୍ ଅନୁଓ୍ୱର୍ ଅ:ବା:ଅ ବହୁତ ସ୍ନେହର ସହିତ ପ୍ରଦାନ କଲେ ।

ଆମ୍‌ଲାର ଜଣେ ସଦସ୍ୟା ପ୍ରଶ୍ନ ପଚାରିଲେ କି ଏଠି ସ୍ୱିଡେନ୍‌ରେ କାର୍ଡ ସିଷ୍ଟମ୍‌କୁ ବହୁତ ପ୍ରୋତ୍ସାହନ କରାଯାଉଛି ଓ କ୍ୟାସ୍ ସିଷ୍ଟମ୍‌କୁ ଶେଷ କରବାକୁ ଚାହୁଁଛନ୍ତି । ଯଦି ଅବସ୍ଥା ଖରାପ ହୋଇଯାଏ ତେବେ କଣ କରାଯିବ । ତେବେ କଣ କ୍ୟାସ୍‌କୁ କେଉଁଠାରେ ଇନ୍‌ଭେଷ୍ଟ କରିନେବୁ, ଯେଉଁଠି ଏହା ସୁରକ୍ଷିତ ରହିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ- ନିଜ ନିକଟରେ କ୍ୟାସ୍ ରଖନ୍ତୁ ବା ବ୍ୟାଙ୍କରେ ରଖନ୍ତୁ, ସେଠାରେ ସୁରକ୍ଷିତ ରହିବ ।

ଆଉଜଣେ ସଦସ୍ୟା ପ୍ରଶ୍ନ କଲେ କି ଯେବେ କୌଣସି ଅମୀର୍ ବା ମୁରବୀ ସାହେବ୍ ମସ୍‌ଜିଦ୍ ନିର୍ମାଣର ଚାନ୍ଦା ନିମନ୍ତେ ତେହ୍‌ରିକ୍ କରୁଛନ୍ତି ତେବେ କଣ ବ୍ୟାଙ୍କରୁ ସୁଦ୍‌ରେ କରଜ ନେଇ ଚାନ୍ଦା ଦିଆଯାଇପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ ମୁଁ ଏହାକୁ ଠିକ୍ ବୋଲି ମନେକରୁନାହିଁ । ଯଦି ଯମାତ୍ ସ୍ତରରେ ଜମାତ୍ ନିଜର ସମ୍ପର୍କ ଯୋଗୁଁ ଅଳ୍ପ କିଛି କ୍ରେଡିଟ୍ ନେଇଯାଉଛି ତେବେ ଏହା ଶିଘ୍ର ଆଡ୍‌ଜଷ୍ଟ୍‌ମେଂଟ୍ ହୋଇଯାଏ, କିନ୍ତୁ ଆପଣମାନେ ଯଦି ଏକୁଟିଆ ଏପରି କରିବେ ତେବେ ଏହା ଠିକ୍ ହେବନାହିଁ । ହଁ ଯଦି ବ୍ୟାଙ୍କରେ ବହୁତ ଟଙ୍କା ଅଛି ଓ ସେଥିରୁ ସୁଧ ମିଳୁଛି ତେବେ ତାହା ଆପଣ ଇଶାଅତେ ଇସଲାମ୍ (ଇସଲାମ୍‌ର ପ୍ରଚାର ପ୍ରସାର) ପାଇଁ ଏହାକୁ ଦେଇପାରିବେ । ଯଦି କୌଣସି ବ୍ୟକ୍ତି କରଜ ସୁଧରେ ନେଇ ଚାନ୍ଦା ଦେବା ପାଇଁ ତେହ୍‌ରିକ୍ କରୁଛି ତେବେ ମୋତେ ଲେଖନ୍ତୁ ଓ ତାଙ୍କୁ କୁହନ୍ତୁ କି ମର୍କଜ୍‌ର ଏ ବାବଦରେ ଅନୁମତି ଦେଖାନ୍ତୁ ।

ଏଥିରେ ଆମ୍‌ଲାର ସଦସ୍ୟାମାନେ ସ୍ପଷ୍ଟୀକରଣ ଦେଲେ କି ଏପରି କୌଣସି ତେହ୍‌ରିକ୍ କରାଯାଇନାହିଁ । ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ-କୁର୍ବାନୀ ହେଉଛି ତାହା ଯାହା ଆପଣମାନେ ନିଜ ଉପରେ ବୋଝ ପକାଇ କରିବେ । ଏହା ନହେଉ କି ନିଜ ଉପରେ ସୁଧର କରଜ ଉଠାଇ କୁର୍ବାନୀ କରାଯାଉ ।

ଆଉଜଣେ ମେମ୍ବର୍ ପ୍ରଶ୍ନ ପଚାରିଲେ କି ଯଦି ସ୍ୱାମୀ ସ୍ତ୍ରୀ ଏକାଠି ବ୍ୟାଙ୍କରୁ କରଜ ନେଇ ଘର କିଣିଛନ୍ତି ଓ ସ୍ତ୍ରୀ ଓ୍ୱସିୟତ୍ କରିବାକୁ ଚାହୁଁଥିବେ ଓ ଏଥିରେ ସ୍ୱାମୀ ମାନୁନଥିବେ ଅର୍ଥାତ୍ ସେ କହୁଥିବେ କି ବର୍ତମାନ ଆମେ କରଜରେ ଅଛୁ, ତେବେ ଏପରି ପରିସ୍ଥିତିରେ କଣ କରାଯିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ- ପ୍ରକୃତ କଥା ହେଉଛି ପ୍ରତ୍ୟେକ ଘର ନେଇଥିବା ବ୍ୟକ୍ତି କରଜରେ ବା ମଡ୍‌ଗେଜ୍‌ରେ ନେଇଥାନ୍ତି । ପ୍ରତ୍ୟେକ ବର୍ଷେ Pay-off ହୋଇଥାଏ । ପ୍ରତ୍ୟେକ ମାସ ଏହାର କିସ୍ତି ଦିଆଯାଏ । ଯଦି ଓ୍ୱସିୟତ୍ କରିବାକୁ ସ୍ତ୍ରୀ ଚାହୁଁଛନ୍ତି ତେବେ ଏହି ଘରକୁ ଯାଏଜାଦ୍ (ସ୍ଥାୟୀ ସମ୍ପତି) ରୂପେ ଲେଖାଯିବ । ଏବଂ ଯଦି ଏହାର ହିସା ଜାଏଦାଦ୍ (ସମ୍ପତିର ଭାଗ) ଦେବାକୁ ପଡ଼େ ତେବେ ଯେତିକି ସମ୍ପତି Pay-off ହୋଇସାରିଛି ସେତିକି ସମ୍ପତିର ହିସା ଜାଏଦାଦ୍ ଦିଆଯାଇପାରିବ । ଜାଏଦାଦ୍‌ର ମୂଲ୍ୟ ଆକଳନ କରି ପାଂଚବର୍ଷ ମଧ୍ୟରେ ଏହାର ଭାଗ ଅଂଶକୁ ପ୍ରଦାନ କରନ୍ତୁ । ଯଦି ଏହା ହୋଇପାରୁନାହିଁ ତେବେ ସମ୍ପତିର ଯେତିକି ଭାଗର ମଡ୍‌ଗେଜ୍ ଦିଆସରିଛି ସେତିକି ଭାଗର ଓ୍ୱସିୟତ୍ ପ୍ରଦାନ କରାଯିବ । ଯଦି ବ୍ୟକ୍ତି ମଡ୍‌ଗେଜ୍ ପ୍ରଦାନ କରିବା ପୂର୍ବରୁ ମରିଯାଏ ତେବେ ଯେତିକି ମଡଗେଜ୍ ପ୍ରଦାନ ହୋଇସାରିଛି ସେତିକି ତାଙ୍କର ସମ୍ପତି ବୋଲି ବିବେଚନା କରାଯିବ । ବାକି ସବୁ ବ୍ୟାଙ୍କର ସମ୍ପତି ହୋଇଯିବ । ଓ୍ୱସିୟତ୍ ବିଭାଗ କେବଳ ଏତିକି ଅଂଶକୁ ଜାଏଦାଦ୍ ରୂପେ ବିବେଚନା କରିବେ, ଯେତିକି ମଡ୍‌ଗେଜ୍ ଦିଆଯାଇଛି । ବାକି ଯଦି ସ୍ୱାମୀ ଓ୍ୱସିୟତ୍ କରିବା ପାଇଁ ମନା କରୁଛନ୍ତି ତେବେ ଘରେ ଫସାଦ୍ ସୃଷ୍ଟି କରିବାର ନାହିଁ । ଯଦି ସ୍ୱାମୀ ସ୍ତ୍ରୀଙ୍କର ଆପୋଷି ବୁଝାମଣା ନାହିଁ ତେବେ ନ କରନ୍ତୁ । ପ୍ରଥମେ ଘରେ ଲଢ଼ାଇ ଝଗଡ଼ା କରାଇବା ପରିବର୍ତେ ଶାନ୍ତି ସୃଷ୍ଟି କରନ୍ତୁ ଓ ଫିତ୍‌ନା ସୃଷ୍ଟି ହେବା ପରିବର୍ତେ ଅଣ୍ଡରଷ୍ଟାଣ୍ଡିଂ ସୃଷ୍ଟି କରନ୍ତୁ ।

ଆଉଜଣେ ସଦସ୍ୟା ପ୍ରଶ୍ନ କଲେ କି ଏଠି ଶିରିୟାରୁ ଲୋକମାନେ ଆସୁଛନ୍ତି । ଏହା ଗୋଟିଏ ଅପ୍‌ସନ୍ ରହିଛି କି ତାଙ୍କ ପିଲାମାନଙ୍କୁ Adopt କରାଯାଇପାରିବ । ସରକାରୀ ସ୍ତରରେ ମଧ୍ୟ ହୋଇପାରୁଛି । ତେବେ ଅହେମଦୀ ଫ୍ୟାମିଲି କଣ ଏପରି କରିପାରିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ କହିଲେ ଯଦି ସରକାରୀ ସ୍ତରରେ ଅନୁମତି ଅଛି ତେବେ କରିପାରିବେ । ତେବେ କଣ ସେମାନଙ୍କର ସମ୍ପର୍କ ତାଙ୍କ ମା ବାପାଙ୍କ ସହିତ ଶେଷ ହୋଇଯିବ ? ସମ୍ପୂର୍ଣ୍ଣ କଷ୍ଟୋଡି କାହା ପାଖରେ ରହିବ ? ସରକାରଙ୍କର ଦାୟିତ୍ୱ କେତେ ରହିବ ଓ ଆପଣଙ୍କର ଦାୟିତ୍ୱ କେତେ ରହିବ ? ପ୍ରଥମେ ଏହି ସବୁ କାନୁନ୍‌କୁ ଜାଣନ୍ତୁ । ଏହାପରେ ଯଦି ଚାହିଁବେ Adopt କରିବାରେ କୌଣସି ଅସୁବିଧା ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବା:ଅଙ୍କ ସହିତ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମ୍‌ଲା ଲଜ୍‌ନା ଇମାଇଲା ସ୍ୱିଡେନ୍‌ର ଉକ୍ତ ମିଟିଂ ୭:୩୦ ପର୍ଯ୍ୟନ୍ତ ଜାରି ରହିଲା ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା ।

ଆଜି ସନ୍ଧ୍ୟାର ଏହି ସେଶନ୍‌ରେ ୨୬ଟି ଫ୍ୟାମିଲିରୁ ୭୦ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍ କରିବାକୁ ଆସିଥିବା ସେହି ଫ୍ୟାମିଲି ଗୁଡ଼ିକ ମଧ୍ୟରେ ଗୋଥନ୍‌ବର୍ଗ୍ ଜମାତ୍ ବ୍ୟତୀତ କାଲ୍‌ମାର୍ ଜମାତ୍‌ରୁ ଆସିଥିବା ଫ୍ୟାମିଲି ମଧ୍ୟ ସାମିଲ୍ ଥିଲେ, ଯେଉଁମାନେ ୩୪୫ କି.ମି ଦୂରତା ଅତିକ୍ରମ କରି ସାକ୍ଷାତ୍ କରିବା ପାଇଁ ଆସିଥିଲେ ।

ଏତଦ୍‌ବ୍ୟତୀତ ପଡ଼ୋଶୀ ଦେଶ ଗୁଡ଼ିକ ଯେପରି ନର୍‌ଓ୍ୱେ ଏବଂ ଫିନ୍‌ଲାଣ୍ଡ୍‌ରୁ ଆସିଥିବା ସଦସ୍ୟମାନେ ମଧ୍ୟ ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ । ନର୍‌ଓ୍ୱେରୁ ୨୯୫ କି.ମି ଓ ଫିନ୍‌ଲାଣ୍ଡ୍‌ରୁ ୧୦୮୨ କି.ମି ଦୂରତା ଅତିକ୍ରମ କରି ସେମାନେ ପହଂଚିଥିଲେ ।

ଏହି ସମସ୍ତ ଫ୍ୟାମିଲି ଗୁଡ଼ିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର କୁନି କୁନି ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ ନିଜ ଆବାସସ୍ଥଳୀକୁ ଲେଉଟିଗଲେ ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

୯:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ ମସ୍‌ଜିଦ୍ ନାସିର୍‌ରେ ପଦାର୍ପଣ କଲେ ଓ ତକ୍‌ରିବେ ଆମିନ୍ ଆରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ଅ:ବା:ଅ ନିମ୍ନଲିଖିତ ୨୭ ଜଣ ପୁଅ ଓ ଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ନିମ୍ନଲିଖିତ ସୌଭାଗ୍ୟବାନ୍ ପୁଅ ଝିଅମାନେ ଏହି ଉତ୍ସବରେ ସାମିଲ୍ ହେବାର ସୌଭାଗ୍ୟ ପାଇଛନ୍ତି । ଅଜିଜମ୍ ଅମାନ୍ ଅହେମଦ୍ ଖାନ୍, ହମ୍‌ଜାଃ ଅହେମଦ୍ ଖାନ୍, ଓ୍ୱଲିଦ୍ ଅହେମଦ୍, ମୋତହର୍ ଅହେମଦ୍ ଖାନ୍, ଫାରାନ୍ ରଶିଦ୍ ଡୋଗର୍, ଫୈଜାନ୍ ମଲକ୍, ଅନ୍‌ସର୍ ଅହେମଦ୍, ରିଜୱାନ୍ ରଶିଦ୍ ଡୋଗର୍, ୟୁନୁସ୍ ଶେଖ୍, ଫାରିସ୍ ମେହ୍‌ଫୁଜ୍, ସାରିବ୍ ଜାହାଙ୍ଗିର୍, ଅବିର୍ ଅହେମଦ୍, ଅଜିଜା ଆର୍ଫିଆ ରଫିଇ, ଦୁର୍‌ରେ ଅଦନ୍, ଶୈଳା ଅହେମଦ୍, ଅତିଆ ରଶିଦ୍ ଡୋଗର୍, ଦାନିଆ ଅମିନି, ଆଇସା ଖଲୁଦ୍, ଆଇସା ଇଲାହି, ଆଇସା ବଶିଦ୍, ଗଜାଲା ସୁଲ୍‌ତାନ୍, ଦାନିଆ ଚୌଧୁରୀ, ମହ୍‌ଓ୍ୱଶ୍ ଖାନ୍, ସମ୍‌ରୀନ୍ ଜଫର୍, ବରିରା ଅନୁଓ୍ୱର୍, କନ୍‌ଜାଃ ଶେଖ୍ ଏବଂ ସଲ୍‌ମାନା ଅକ୍‌ମଲ୍ ।

ଆମିନ୍ ଉତ୍ସବ ପରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବା:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସ୍ୱିଡିଶ୍ ନ୍ୟାସ୍‌ନାଲ୍ ଟେଲିଭିଜନ୍ (Sveriges Television Vast) ଆଜି ୨୦ ମଇକୁ ନିଜ ସନ୍ଧ୍ୟା ପ୍ରସାରଣରେ ନିମ୍ନଲିଖିତ ଖବର ପ୍ରସାରଣ କଲା ।

(ଏହା ନ୍ୟାସ୍‌ନାଲ୍ ଟେଲିଭିଜନ୍‌ର ପଶ୍ଚିମ ବିଭାଗ । ଏହି ଇଲାକାରେ ୧.୨ ମିଲିୟନ୍ ଲୋକ ବସବାସ କରୁଛନ୍ତି । ଏହି ଖବରରେ ହଜୁର୍ ଅନୁଓ୍ୱର୍ ଅ:ବା:ଅଙ୍କର ଓ ଜମାତ୍‌ର ପରିଚୟ ଦିଆଗଲା ଓ ଏହି ଖବର ସହିତ ଅନ୍‌ଲାଇନ୍‌ରେ ଗୋଟିଏ ବିଷୟ ପ୍ରକାଶ କରାଗଲା)

ସ୍ୱିଡେନ୍‌ର ପ୍ରଥମ ମସ୍‌ଜିଦ ଯାହା ଜମାତ୍ ଅହେମଦୀୟାର ଅଟେ ସେଠାକୁ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ଗସ୍ତରେ ଆସିଛନ୍ତି । ଆଜିର ଜୁମ୍ମା ସେ ପଢ଼ାଉଛନ୍ତି, ଯାହାକୁ ୨୦୭ ଗୋଟି ଦେଶରେ ଲାଇଭ୍ ପ୍ରସାରଣ କରାଯାଉଛି ଓ ଏହା ପ୍ରତ୍ୟକ୍ଷ ରୂପେ ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ପର୍ଯ୍ୟନ୍ତ ପହଂଚିବ ।

ଗୋଥନ୍‌ବର୍ଗ୍‌ର ଏହା ହେଉଛି ଦ୍ୱିତୀୟ ଗସ୍ତ । ଜମାତ୍‌ର ଲୋକମାନେ ଏହାକୁ ବହୁତ ବଡ଼ ସୌଭାଗ୍ୟ ରୂପେ ବିବେଚନା କରୁଛନ୍ତି । ମୋ ପାଇଁ ଏହା ବହୁତ ଖୁସିର ସମୟ କି ହଜୁର୍ ଆସିଛନ୍ତି । ସ୍ୱିଡେନ୍ ଗସ୍ତର ଶୁଭାରମ୍ଭ ମାଲ୍‌ମୋଠାରୁ ହୋଇଥିଲା । ଯେଉଁଠି ହଜୁର୍ ଅନୁଓ୍ୱର୍ ଗୋଟିଏ ନୂଆ ମସ୍‌ଜିଦ୍‌ର ଉଦ୍‌ଘାଟନ କରିଥିଲେ । ପୁଣି ଷ୍ଟକ୍‌ହୋମ୍‌ରେ କିଛି ପ୍ରୋଗ୍ରାମ୍ ରଖାଯାଇଥଲା ଏବଂ ଏବେ ଗୋଥନ୍‌ବର୍ଗ୍‌ଠାରେ ଗସ୍ତର ପରିସମାପ୍ତି ହେଉଅଛି । କାଶିଫ୍‌ଓ୍ୱର୍କ୍ ଯିଏ ଇମାମ୍ ଅଛନ୍ତି ସେ କହୁଛନ୍ତି ଲକ୍ଷ୍ୟ ଲକ୍ଷ୍ୟ ମୁସଲ୍‌ମାନ୍ ମାନଙ୍କ ମୁଖିଆ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ସମ୍ପର୍କ ପାକିସ୍ତାନ୍ ସହିତ ରହିଛି, କିନ୍ତୁ ସେ ଲଣ୍ଡନ୍‌ରେ ବସବାସ କରୁଛନ୍ତି । ସେ ୨୦୭ ଗୋଟି ଦେଶର ଲକ୍ଷ୍ୟ ଲକ୍ଷ୍ୟ ମୁସଲ୍‌ମାନ୍‌ମାନଙ୍କର ହେଉଛନ୍ତି ମୁଖିଆ । ଅହେମଦୀୟା ହେଉଛି ଗୋଟିଏ ସୁନି ଫିର୍‌କା, ଯାହାର ମୂଳଦୁଆ ହିନ୍ଦୁସ୍ତାନରେ ରଖାଯାଇଛି । କିଛି ମୁସଲ୍‌ମାନଙ୍କ ନିକଟରେ ସେମାନଙ୍କର ସ୍ଥାନ ହେଉଛି ବିବାଦୀୟ, କାରଣ ସେମାନଙ୍କ ନବୁଓ୍ୱତ୍ ବିଷୟରେ ଯେଉଁ ବିଶ୍ୱାସ ଅଛି ତାହା ଏକ ପ୍ରକାରର । ଜମାତ୍ ଅହେମଦୀୟାକୁ ବହୁତ ଦେଶରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ୁଛି । ସ୍ୱିଡେନ୍‌ରେ ଏକହଜାର ସଦସ୍ୟ ଅଛନ୍ତି ଓ ବହୁତ ଲୋକେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଲମ୍ବା ରାସ୍ତା ଅତିକ୍ରମ କରି ଆସିଛନ୍ତି ।

ସ୍ୱିଡେନ୍ ଗସ୍ତ ସମୟରେ ଇଂଟର୍ ନ୍ୟାସ୍‌ନାଲ୍ ମିଡ଼ିଆ, ମିର୍‌ଜା ମସ୍‌ରୁର୍ ଅହେମଦ୍‌ଙ୍କୁ ''ମୁସଲ୍‌ମାନ୍ ପୋପ୍'' ରୂପେ ଉପସ୍ଥାପନ କରାଯାଇଛି । କିନ୍ତୁ ସ୍ୱିଡିସ୍ ମିଡ଼ିଆରେ ଆପଣଙ୍କୁ ଅଧିକ ପ୍ରଶ୍ନ ମହିଳା ମାନଙ୍କ ସହିତ ହାତ ମିଳାଇବା ଏବଂ ସମଲିଙ୍ଗୀ ବିଷୟରେ ଇସଲାମ୍‌ର କଣ ଶିକ୍ଷା ରହିଛି, ଏ ବାବଦରେ ପଚରାଯାଇଛି ।

ଖଲିଫା ସନ୍ତ୍ରାସବାଦ କାର୍ଯ୍ୟକଳାପ ବିରୋଧରେ ବହୁତ ଉତ୍ସାହିତ କାର୍ଯ୍ୟ କରୁଛନ୍ତି ଓ ଶରଣାର୍ଥୀ ମାନଙ୍କର ସମସ୍ୟା ବିଷୟରେ ଚର୍ଚ୍ଚା କରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଅହେମଦୀୟା ଜମାତ୍‌ର ମୋଟୋ ହେଉଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' ।

ରିପୋଟ:-ଅବ୍ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍, ଲଣ୍ଡନ।

(ବହୁଓ୍ୱାଲା ଅଖ୍‌ବାର୍ ବଦର, ୪ ଅଗଷ୍ଟ ୨୦୧୬)

**୨୧ ମଇ ୨୦୧୬ (ଶନିବାର)**

ହଜୁର୍ ଅନ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୩:୪୫ ରେ ମସଜିଦ୍ ନାସିର୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ। ନମାଜ ପାଠ ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଫେରିଗଲେ।

ସକାଳବେଳା ହଜୁର୍ ଅନ୍ୱର୍ ଅ:ବ:ଅ ଦଫ୍‌ତରରେ ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଓ ସେଥିରେ ଜରୁରୀ ଉପଦେଶ ପ୍ରଦାନ କଲେ। ଏଠି ଗୋଥନ୍‌ବର୍ଗରେ ରହଣୀ ସମୟରେ ମଧ୍ୟ ଜମାତ୍‌ର ମର୍କଜ୍ ଲଣ୍ଡନ୍ ଓ ବିଭିନ୍ନ ଦେଶମାନଙ୍କରୁ ନିୟମିତ ପ୍ରତ୍ୟେକ ଦିନ ଚିଠିପତ୍ର ଓ ରିପୋର୍ଟସ୍ ଫ୍ୟାକ୍‌ସ୍ ଓ ଇ-ମେଲ୍ ଜରିଆରେ ପ୍ରାପ୍ତ ହେଉଥିଲା ଓ ହଜୁର୍ ଅନ୍ୱର୍ ଅ:ବ:ଅ ପ୍ରତ୍ୟେକ ଦିନ ଏହି ଡାକକୁ ନିୟମିତ ଦେଖି ତା ଉପରେ ଜରୁରୀ ଉପଦେଶ ପ୍ରଦାନ କରୁଥିଲେ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତକାର୍**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୧ଟା ବେଳେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା। ଆଜି ସକାଳବେଳାର ଏହି ସେଶନ୍‌ରେ ୪୦ ଟି ଫ୍ୟାମିଲିର ୧୨୬ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ। ଆଜି ସାକ୍ଷାତ୍ କରିବାକୁ ଆସିଥିବା ଗୋଥନ୍‌ବର୍ଗର ସ୍ଥାନୀୟ ଜମାତ୍ ବ୍ୟତୀତ ସ୍ୱିଡେନ୍‌ର ଷ୍ଟକ୍‌ହୋମ୍ ଜମାତ୍‌ରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ। ଏତଦ୍‌ବ୍ୟତୀତ ପଡୋଶୀ ଦେଶ ନରୱେ ଓ ଫିନ୍‌ଲାଣ୍ଡରୁ ଆସିଥିବା ଲୋକମାନେ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ। ସେହିଭଳି ପାକିସ୍ତାନ୍‌ରୁ ଆସିଥିବା କିଛି ଲୋକେ ମଧ୍ୟ ସାକ୍ଷାତ୍ କଲେ। ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୁଯୋଗ ପାଇଲେ। ହଜୁର୍ ଅନ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ। ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ ଜାରି ରହିଲା। ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ମସଜିଦ୍ ନାସିର୍‌ରେ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ।

ଏଲ୍‌ଆନ୍-ଏ-ନିକାହ୍ (ନିକାହ୍‌ର ଘୋଷଣା)

ନମାଜ ପାଠ ପରେ ମୋକରମ୍ ଆଗା ୟହିୟା ଖାନ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ସ୍ୱିଡେନ୍ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ଅନୁମତି କ୍ରମେ ଗୋଟିଏ ନିକାହ୍‌ର ଘୋଷଣା କଲେ। ହଜୁର୍ ଅନ୍ୱର୍ ବହୁତ ସ୍ନେହର ସହିତ ସେ ସମୟରେ ବସି ରହିଲେ। ଏହି ନିକାହ୍ ଅଜିଜା ଆମେନା ହଲିମ୍ ଲୋନ୍ ସୁପୁତ୍ରୀ ମୋକରମ୍ ଅବ୍ଦୁଲ୍ ହଲିମ୍ ଲୋନ୍ ସାହେବ୍ ଡେନ୍‌ମାର୍କଙ୍କର ଅଜିଜମ୍ ଇର୍‌ଫାନ୍ ଅହେମଦ୍ ସୁପୁତ୍ର ମୋକରମ୍ ମୁବାରକ୍ ଅହେମଦ୍ ସାହେବ୍ ମରହୁମ୍ (ସ୍ୱିଡେନ୍)ଙ୍କ ସହିତ ଅନୁଷ୍ଠିତ ହେଲା। ନିକାହ୍‌ର ଘୋଷଣା ପରେ ହଜୁର୍ ଅନ୍ୱର୍ ଅ:ବ:ଅ ଦୁଆ କରାଇଲେ। ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

**ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମ୍‌ଲା ଖୁଦାମୁଲ୍ ଅହେମଦୀୟା ସ୍ୱିଡେନ୍‌ର ହଜୁର୍ ଅନ୍ୱର୍‌ଙ୍କ ସହିତ ମିଟିଂ**

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬:୩୦ ରେ ହଜୁର୍ ଅନ୍ୱର୍ ଅ:ବ:ଅ ମିଟିଂ ହଲ୍‌ରେ ପଦାର୍ପଣ କଲେ, ଯେଉଁଠାରେ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା, ଖୁଦାମୁଲ୍ ଅହେମଦୀୟା ସ୍ୱିଡେନ୍‌ର ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ ଅନୁଷ୍ଠିତ ହେଲା। ପ୍ରଥମେ ହଜୁର୍ ଅନ୍ୱର୍ ଦୁଆ କରାଇଲେ। ଏହାପରେ ମୋତମିଦ୍ ସାହେବ୍ ହଜୁର୍ ଅନ୍ୱର୍‌ଙ୍କ ପଚାରିବାରୁ ବତାଇଲେ କି ଆମର ଚାରିଗୋଟି ମଜ୍‌ଲିସ୍ ଅଛି ଏବଂ ଏହି ସବୁ ମଜ୍‌ଲିସ୍ ନିଜ ନିଜର ରିପୋର୍ଟ ପଠାଉଛନ୍ତି। ଏହି ସମସ୍ତ ରିପୋର୍ଟ ଆଲୋକରେ ଗୋଟିଏ ଫାଇନାଲ୍ ରିପୋର୍ଟ ପ୍ରସ୍ତୁତ କରି ସଦର୍ ସାହେବ୍‌ଙ୍କୁ ଦେଇଦେଉଛି।

ହଜୁର୍ ଅନ୍ୱର୍ ପଚାରିଲେ କି ଜଣ ମୋହତ୍‌ମିମ୍ ମାନେ ନିଜ ନିଜ ବିଭାଗର ରିପୋର୍ଟ ଉପରେ କୌଣସି ତର୍ଜମା କରୁଛନ୍ତି ଓ ଏହାପରେ ତାକୁ ପୁଣି ଥରେ ମଜ୍‌ଲିସ୍ ଗୁଡ଼ିକୁ ପଠାଉଛନ୍ତି। ଏଥିରେ ମୋତ୍‌ମିଦ୍ ସାହେବ୍ କହିଲେ କି ଦୁଇ ତିନି ଜଣ ମୋହତ୍‌ମିମ୍ ପଠାଉଛନ୍ତି। ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ପ୍ରତ୍ୟେକ ମୋହତ୍‌ମିମ୍‌ଙ୍କ ନିଜ ନିଜ ବିଭାଗର ରିପୋର୍ଟ ଉପରେ ତର୍ଜମା କରି ପୁନର୍ବାର ମଜ୍‌ଲିସ୍ ଗୁଡ଼ିକୁ ପଠାଇବା ଉଚିତ୍। ସପ୍ତାହରେ ଥରେ, ମାସକରେ ଦୁଇଥର ଆସି ନିଜ ନିଜ ବିଭାଗର ରିପୋର୍ଟସ୍ ଗୁଡ଼ିକୁ ଦେଖାନ୍ତୁ ଓ ପୁଣି ସେଥିରେ ନିଜର ତର୍ଜମା କରନ୍ତୁ ଏବଂ ପୁନର୍ବାର ନିଜ ବିଭାଗୀୟ ନାଜିମ୍ ମାନଙ୍କୁ ପଠାଇ ଦିଅନ୍ତୁ।

ମୋହତ୍‌ମିମ୍ ଉମୁରେ ତୋଲବାଙ୍କୁ ହଜୁର୍ ଅନ୍ୱର୍ ପଚାରିଲେ କି ୟୁନିଭରସିଟି ଓ କଲେଜ୍ ଗୁଡ଼ିକରେ ଆପଣଙ୍କ ବିଦ୍ୟାର୍ଥୀମାନଙ୍କର ସଂଖ୍ୟା କେତେ? ପ୍ରତ୍ୟେକ ମଜ୍‌ଲିସ୍‌ରୁ ଏ ଖବର ନିଅନ୍ତୁ କି କେତେଜଣ ଶିକ୍ଷାର୍ଥୀ ୟୁନିଭରସିଟି ଏବଂ କଲେଜରେ ପଢ଼ୁଛନ୍ତି। ସେହି ଶିକ୍ଷାର୍ଥୀମାନଙ୍କ ସହିତ ଆପଣଙ୍କର ନିଜେ ସମ୍ପର୍କ ରହିବା ଉଚିତ୍। ନିଜ ଶିକ୍ଷାର୍ଥୀମାନଙ୍କର ଷ୍ଟୁଡେଂଟ୍ ଆସୋସିଏସନ୍ ବନାନ୍ତୁ ଓ ସେମାନଙ୍କର ସେମିନାର୍ ଅନୁଷ୍ଠିତ କରନ୍ତୁ। ଏହିପରି ଏମାନେ ଏକାଠି ହେବେ ଓ ଖୁଦାମ୍‌ଙ୍କ ପ୍ରୋଗ୍ରାମ୍‌ରେ ଆଗ୍ରହ ବଢ଼ିବ।

ମୋହତ୍‌ମିମ୍ ମାଲ୍‌ଙ୍କୁ ହଜୁର୍ ଅନ୍ୱର୍ ଅ:ବ:ଅ ପଚାରିଲେ କି କେତେଜଣ ଖୁଦାମ୍ ଚାନ୍ଦା ମଜ୍‌ଲିସ୍ ପ୍ରଦାନ କରୁଛନ୍ତି। ଏଥିରେ ମୋହତ୍‌ମିମ୍ ମାଲ୍ କହିଲେ କି ୨୨୨ ଜଣ ଖୁଦାମ୍ ଚାନ୍ଦା ଦେଉଛନ୍ତି ଓ ଆମ ବଜେଟ ହେଉଛି ୨୮୯୦୦୦ କ୍ରୋନର୍। ଆମର ଚାନ୍ଦା ହେଉଛି ମୁଣ୍ଡପିଛା ୮୦ କ୍ରୋନର୍। ଇଜିତିମା ଚାନ୍ଦା ହେଉଛି ୧୬୦୦୦ କ୍ରୋନର୍। ପଛବର୍ଷ ଇଜ୍‌ତିମାରେ ୨୦୦୦୦ କ୍ରୋନର୍ ଖର୍ଚ୍ଚ ହୋଇଥିଲା।

ମୋହତ୍‌ମିମ୍ ତଜନିଦ୍ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ଖୁଦାମ୍‌ଙ୍କର ତଜନିଦ୍ ହେଉଛି ୨୪୬।

ମୋହତ୍‌ମିମ୍ ସାହେବ୍ ଇଶାଅତ୍ ବତାଇଲେ କି ଆମେ ଖୁଦାମ୍‌ଙ୍କ ପତ୍ରିକା ପ୍ରକାଶ କରିଛୁ। ଏହା ସ୍ୱିଡିଶ୍ ଭାଷାରେ ରହିଛି। ଏହାର ନାମ ''ଚମକ୍‌ତା ହୁଆ ସିତାର'' ରଖାଯାଇଛି। ୧୯୯୫ ମସିହାରେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ଏହାର ମଞ୍ଜୁରୀ ପ୍ରଦାନ କରିଥିଲେ। ଏବର୍ଷ ଏହି ପତ୍ରିକାର ଦ୍ୱିତୀୟ ଅଙ୍କ ପ୍ରକାଶ ପାଇଛି। ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ୨୧ ବର୍ଷ ପରେ ଦ୍ୱିତୀୟ ଅଙ୍କ ପ୍ରକାଶ ପାଇଲା। ଏହି ହିସାବ ଅନୁସାରେ ତୃତୀୟ ଅଙ୍କଟି ୨୦୩୭ ମସିହାରେ ବାହାରିବ। ଅତି କମ୍‌ରେ ବର୍ଷକରେ ଦୁଇ ତିନୋଟି ଅଙ୍କ ତ ବାହାର କରନ୍ତୁ।

ହଜୁର୍ ଅନ୍ୱର୍ ପତ୍ରିକାର ପାଣ୍ଡୁଲିପି ଓ ବିଷୟ ସମ୍ବନ୍ଧରେ ପଚାରି ବୁଝିଲେ କି ଏହାକୁ କିଏ ପ୍ରସ୍ତୁତ କରୁଛନ୍ତି ଅର୍ଥାତ୍ କିଏ ଏହାର ଦାୟିତ୍ୱରେ ଅଛନ୍ତି ଓ ଏଗୁଡ଼ିକର ସ୍ୱିକୃତି କିଏ ଦେଉଛନ୍ତି। ପୁଣି ହଜୁର୍ ଅନ୍ୱର୍ କହିଲେ କି ଇଶାଅତ୍ କମିଟିଙ୍କ ଠାରୁ ବିଷୟ ଗୁଡ଼ିକର ମଞ୍ଜୁରୀ ହେବା ଉଚିତ୍ ବା ଯେଉଁ ମୁରବୀ ସାହେବ୍ ଚେକ୍ କରୁଛନ୍ତି ତାଙ୍କ ତରଫରୁ ଲିଖିତ ରୂପେ ଏହା ହେବା ଉଚିତ୍ କି ମୁଁ ଚେକ୍ କରିସାରିଛି ଓ ପଢ଼ିସାରିଛି। ଏହା ଠିକ୍ ଅଛି। ଲେଖା ଅନୁସାରେ ମଧ୍ୟ ଠିକ୍ ଓ ଭାଷା ଇତ୍ୟାଦି ପ୍ରସଙ୍ଗରେ ମଧ୍ୟ ଠିକ୍ ଅଛି।

ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଷ୍ଟକ୍‌ହୋମ୍‌ର ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଜନାବ୍ କାଶିଫ୍ ଓ୍ୱର୍କ୍ ସାହେବଙ୍କୁ ଦେଖାନ୍ତୁ ଓ ତାଙ୍କଠାରୁ ଆପ୍ରୁଭାଲ୍ ନିଅନ୍ତୁ। ସେ ଆପଣଙ୍କୁ ଲେଖିଦେବେ କି ମୁଁ ଏହା ପଢ଼ିସାରିଛି ଓ ଏବେ ଏହାର ପ୍ରକାଶନ ହୋଇପାରିବ। ଏହିଭଳି ମୋତେ ମଧ୍ୟ ଲେଖିକରି ପଠାନ୍ତୁ କି ଏହି ପତ୍ରିକାରେ ଅମୁକ ଅମୁକ ବିଷୟ ରହିଛି ଓ ମୁଁ ଏହାକୁ ପଢ଼ିସାରିଛି ଓ ଏହା ଭିତରେ ଯେଉଁ ସବୁ ବିଷୟ ରହିଛି ସବୁ ଠିକ୍ ଅଛି ଓ ପ୍ରକାଶ ହେବାର ଯୋଗ୍ୟ ଅଛି। ଏହିପରି ନିୟମିତ ଚେକ୍ ହେବା ପରେ ଏହି ପତ୍ରିକା ପ୍ରକାଶ ହେଉ।

ମୋହତ୍‌ମିମ୍ ସାହେବ୍ ଜିସ୍‌ମାନି ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ଖୁଦାମ୍‌ମାନେ ସପ୍ତାହରେ ଥରେ ଫୁଟ୍‌ବଲ୍ ଖେଳୁଛନ୍ତି। ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଏବେ ତ ମାଲ୍‌ମୋରେ ସ୍ପୋର୍ଟସ୍ ହଲ୍ ତିଆରି ସରିଛି। ସେଠାରେ ଖେଳକୁଦର ପ୍ରୋଗ୍ରାମ୍ ବନାନ୍ତୁ। ଏଠି ଗୋଥନ୍‌ବର୍ଗରେ ମଧ୍ୟ ଖୁଦାମ୍‌ମାନେ ସମୟ ବାହାର କରି ଆସନ୍ତୁ, ଯଦ୍ୱାରା କିଛି ଖେଳକୁଦ ହୋଇଯିବ।

ମୋହତ୍‌ମିମ୍ ଓ୍ୱକାରେ ଅମଲ୍ ସାହେବ୍ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ମସଜିଦ୍‌ରେ ଓ୍ୱକାରେ ଅମଲ୍ କରୁଛୁ। ଏହିପରି ନୂଆବର୍ଷର ପ୍ରାରମ୍ଭରେ ସଡକ ଇତ୍ୟାଦିର ସଫାଇ କାର୍ଯ୍ୟ କରୁଛୁ। ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଏବେ ତ ମାଲ୍‌ମୋରେ ମଧ୍ୟ ମସଜିଦ୍ ନିର୍ମାଣ ହୋଇସାରିଛି। ଷ୍ଟକ୍‌ହୋମ୍‌ରେ ମଧ୍ୟ ଜମାତ୍‌ର ସେଂଟର୍ ଅଛି। ସେଠାରେ ଓ୍ୱକାରେ ଅମଲ୍ ଓ ଯୁବକମାନଙ୍କର ପ୍ରୋଗ୍ରାମ୍ ବନାନ୍ତୁ, ଯାହା ଦୃଷ୍ଟିଗୋଚର ହେବ ଓ ଏହାର ପ୍ରୋଜେକ୍‌ସନ୍ ହେବା ଉଚିତ୍ ଫଳତଃ ତବ୍‌ଲିଗ୍ ପାଇଁ ରାସ୍ତା ଖୋଲିଯିବ।

ମୋହତ୍‌ମିମ୍ ମୁହାସିବ୍ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ନିୟମିତ ରୂପେ ହିସାବ କରୁଛି। ପ୍ରଥମ ତ୍ରୈମାସିକର ହିସାବ ସମ୍ପୂର୍ଣ୍ଣ କରିଦେଇଛି।

ମୋହତ୍‌ମିମ୍ ଉମୁମି ସାହେବ୍ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ କି ଜୁମା, ଇଜ୍‌ଲାସାତ୍ ଏବଂ ଜଲ୍‌ସା ଇତ୍ୟାଦିରେ ନିୟମିତ ରୂପେ ସିକ୍ୟୁରିଟିର ବ୍ୟବସ୍ଥା ରଖାଯାଉଛି। ସେହିପରି କ୍ୟାମେରା ଇତ୍ୟାଦି ମଧ୍ୟ ଲଗାଯାଇଛି। ରାତିରେ ନିୟମିତ ନିଗରାନି ରଖାଯାଉଛି ଓ ଦୃଷ୍ଟି ଦିଆଯାଉଛି। ବର୍ତ୍ତମାନ ମଧ୍ୟ ଖୁଦାମ୍‌ଙ୍କର ପାଂଚୋଟି ଗ୍ରୁପ୍ ବିଭିନ୍ନ ସ୍ଥାନରେ ଡ୍ୟୁଟି ଦେଉଛନ୍ତି।

ମୁହତ୍‌ମିମ୍ ଇତ୍‌ଫାଲ୍ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ପଚାରିବାରେ ବତାଇଲେ କି ସ୍ୱିଡେନ୍‌ରେ ଇତ୍‌ଫାଲ୍‌ଙ୍କର ସଂଖ୍ୟା ହେଉଛି ୫୮। ଯେଉଁମାନଙ୍କ ମଧ୍ୟରୁ ୪୯ ଆକ୍ଟିଭ୍ ଅଛନ୍ତି ଓ ନିୟମିତ ତରବିୟତି ପ୍ରୋଗ୍ରାମ୍‌ରେ ସାମିଲ୍ ହେଉଛନ୍ତି, ଚାନ୍ଦା ଦେଉଛନ୍ତି, ନମାଜରେ ଆସୁଛନ୍ତି ଏବଂ ସୁରା ଫାତେହା ସମସ୍ତଙ୍କୁ ଆସୁଛି। ସବୁ ସପ୍ତାହରେ କ୍ଲାସ୍ ଲଗାଯାଉଛି। ନାଜିମ୍ ଅତ୍‌ଫାଲ୍‌ମାନେ କ୍ଲାସ୍ ନେଉଛନ୍ତି। ହଜୁର୍ ଅନ୍ୱର୍ ବତାଇଲେ କି ଆପଣମାନଙ୍କର ତରବିୟତି କ୍ଲାସ୍ ନିୟମିତ ହେବା ଉଚିତ୍ ଓ ସେହି କ୍ଲାସ୍ ଗୁଡ଼ିକରେ ଇତ୍‌ଫାଲ୍‌ଙ୍କର ନିସାବ (ପାଠ୍ୟକ୍ରମ)କୁ ଅନୁସରଣ କରନ୍ତୁ। ଇତ୍‌ଫାଲ୍‌ଙ୍କର ଇଜ୍‌ଲାସ୍ ଗୁଡ଼ିକରେ ମୁରବୀ ମାନଙ୍କଠାରୁ ମଧ୍ୟ ଲାଭ ଉଠାନ୍ତୁ।

ମୋହତ୍‌ମିମ୍ ତବ୍‌ଲିଗ୍ ସାହେବ୍ ହଜୁର୍ ଅନ୍ୱର୍‌ଙ୍କ ପଚାରିବାରୁ ବତାଇଲେ କି ପଛବର୍ଷ ନଭେମ୍ବର୍ ମାସଠାରୁ ଏପର୍ଯ୍ୟନ୍ତ ଖୁଦାମୁଲ୍ ଅହେମଦୀୟା ଜରିଆରେ କୌଣସି ବୟତ ହୋଇନାହିଁ ଓ ବିଗତ ତିନିବର୍ଷ ଭିତରେ ଖୁଦାମ୍‌ଙ୍କ ମାଧ୍ୟମରେ କେତେ ଅହେମଦୀ ହୋଇଛନ୍ତି ସେ ବିଷୟ ଜଣାନାହିଁ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଖୁଦାମ୍‌ମାନେ ନିଜ ନିଜ ସ୍ଥାନରେ ଏକୁଟିଆ ମଧ୍ୟ ଚେଷ୍ଟା କରନ୍ତୁ ଓ ଏବେ କାମ ମଧ୍ୟ କରନ୍ତୁ ଓ କିଛି କରି ଦେଖାନ୍ତୁ। କେବଳ ପ୍ଲାନିଂ କରିବାରେ ସିମୀତ ରୁହନ୍ତୁ ନାହିଁ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ କି ଏବେ ଏଠାରେ କିଛି ଶରଣାର୍ଥୀ ମଧ୍ୟ ଆସିଛନ୍ତି ଓ ବିଭିନ୍ନ କ୍ୟାମ୍ପ୍‌ରେ ଅଛନ୍ତି। ସେମାନଙ୍କ ସହିତ ସମ୍ପର୍କ ରଖିବା ପାଇଁ କ୍ୟାମ୍ପସ୍‌ରେ ପହଂଚିବାକୁ ହେବ। ସେହି ଶରଣାର୍ଥୀମାନଙ୍କ ମଧ୍ୟରେ ଯେଉଁ ଅହେମଦୀମାନେ ଆସିଛନ୍ତି ସେମାନଙ୍କ ସହିତ ମଧ୍ୟ ସମ୍ପର୍କ ରଖିବାକୁ ହେବ।

ହଜୁର୍ ଅନ୍ୱର୍ ଅ:ବ:ଅ ମୋହତ୍‌ମିମ୍ ତାଲିମ୍‌ଙ୍କୁ ନିର୍ଦ୍ଦେଶ ଦେଇ କହିଲେ କି ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଯେଁ ପୁସ୍ତକ ଗୁଡ଼ିକ ସ୍ୱିଡିସ୍ ଭାଷାରେ ଅନୁବାଦ ହୋଇସାରିଛି ସେ ସବୁକୁ ଖୁଦାମ୍‌ଙ୍କ ନିସାବ୍ (ସିଲାବସ୍)ରେ ରଖନ୍ତୁ। ଆମେଲାର କିଛି ସଦସ୍ୟ ସଠିକ୍ ରୂପେ ଉର୍ଦ୍ଦୁ ପଢ଼ିପାରୁ ନାହାଁନ୍ତି। ତେବେ ଏମାନେ କିପରି ଉର୍ଦ୍ଦୁ ପଢ଼ିବେ। ସେଇଥିପାଇଁ ଏପରି ପୁସ୍ତକ ରଖନ୍ତୁ ଯାହାର ଅନୁବାଦ ହୋଇସାରିଛି। ଫଳତଃ ସବୁ ଖୁଦାମ୍ ଏହାର ଅଧ୍ୟୟନ କରିପାରିବେ।

ମୋହତ୍‌ମିମ୍ ତରବିୟତ୍ ହଜୁର୍ ଅନ୍ୱର୍‌ଙ୍କ ପଚାରିବାରେ ନିଜର ରିପୋର୍ଟକୁ ଉପସ୍ଥାପନ କରି ବତାଇଲେ କି ପ୍ରତ୍ୟେକ ସପ୍ତାହ ଆମ ତରବିୟତ୍ କ୍ଲାସ୍ ଗୋଥନ୍‌ବର୍ଗରେ ହେଉଛି। ୧୨ ରୁ ୧୫ ଜଣ ଖୁଦାମ୍ ସାମିଲ୍ ହେଉଛନ୍ତି। ଷ୍ଟକ୍‌ହୋମ୍‌ରେ ମଧ୍ୟ ଏହାଠାରୁ ୧୦ ଜଣ ଖୁଦାମ୍ କ୍ଲାସ୍‌ରେ ସାମିଲ୍ ହେଉଛନ୍ତି। ମାଲ୍‌ମୋଠାରେ ମଧ୍ୟ କ୍ଲାସ୍ ଅନୁଷ୍ଠିତ ହେଉଛି। ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ କି ନିଜର ତରବିୟତି କ୍ଲାସ୍‌ରେ ଖୁଦାମ୍‌ମାନଙ୍କର ସଂଖ୍ୟାକୁ ବଢ଼ାନ୍ତୁ। ଏଥିପାଇଁ ଜୋର୍ ଦିଅନ୍ତୁ ଓ ପିଛା କରନ୍ତୁ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପଣଙ୍କ ମଜ୍‌ଲିସ୍ ଶୁରାରେ ଯେଉଁ ସବୁ ଫଇସଲା ଗୁଡ଼ିକ ହୋଇଛି ତା ଉପରେ କେତେ ଅମଲ କରାଯାଉଛି ତାର ଜାଏଜା ନିଅନ୍ତୁ।

ହଜୁର୍ ଅନ୍ୱର୍‌ଙ୍କ ସମ୍ମୁଖରେ ଏ ରିପୋର୍ଟ ଉପସ୍ଥାପନ କରାଗଲା କି ୨୪୬ ଜଣ ଖୁଦାମ୍‌ଙ୍କ ଭିତରୁ ୨୨୨ ଜଣ ଆକ୍ଟିଭ୍ ଅଛନ୍ତି। ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ କି ଯେଉଁମାନେ ଆକ୍ଟିଭ୍ ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଏପରି ଅଛନ୍ତି, ଯେଉଁମାନେ ନିୟମିତ ଏମ୍.ଟି.ଏ ରେ ଖୁତ୍‌ବାଜୁମ୍ମା ଶୁଣୁଛନ୍ତି।

ପୁଣି ହଜୁର୍ ଅନ୍ୱର୍ କହିଲେ କଣ ତୁମେ ଜଣକିଆ ଜାଏଜା ରିପୋର୍ଟ ଫର୍ମ ତିଆରି କରିଛନ୍ତି।

ନିଜ ଖୁଦାମ୍‌କୁ ଏମ୍.ଟି.ଏ ସହିତ ଯୋଡି ରଖନ୍ତୁ । ଏହା ହେଉଛି ତର୍‌ବିୟତ୍‌ର ବହୁତ ଉତମ ମାଧ୍ୟମ ଓ ଏହା ମଧ୍ୟ ଜାଏଜା ନିଅନ୍ତୁ ପାଂଚବେଳା ନମାଜ ପଢୁଥିବା ଖୁଦାମ୍‌ମାନେ କେତେ ଅଛନ୍ତି । ବାଜମାତ୍ ନମାଜ ପାଠ କରୁଥିବା କେତେଜଣ ଅଛନ୍ତି । ମସ୍‌ଜିଦ୍‌ରେ ଆସି କେତେ ଖୁଦାମ୍ ନମାଜ୍ ପଢୁଛନ୍ତି । ନିଜ ସେଂଟର୍‌ରେ ଯାଇ କେତେଜଣ ପଢୁଛନ୍ତି । ଏହି ସବୁ କଥା ଉପରେ ଫୋକସ୍ କରନ୍ତୁ ।

ପବିତ୍ର କୋରାନ୍‌ରେ ଇମାନ୍ ଆଣିବା ପରେ ନମାଜ କାଏମ୍ କରିବା ବିଷୟ କୁହାଯାଇଛି । ନମାଜ ପଢ଼ିବେ, ପବିତ୍ର କୋରାନ୍ ପଢ଼ିବେ, ତେବେ ଯାଇ ଭଲ ତର୍‌ବିୟତ୍ ହେବ ଓ ଯେବେ ଭଲ ତର୍‌ବିୟତ୍ ହେବ ସେତେବେଳେ ସେକ୍ରେଟାରୀ ମାଲ୍‌ଙ୍କର କାର୍ଯ୍ୟ ସହଜ ହୋଇଯିବ ଓ ଏମାନେ ସ୍ୱତଃପ୍ରୃତ ଭାବେ ଚାନ୍ଦା ମଧ୍ୟ ଦେବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ନିଜ ଖୁଦାମ୍‌ମାନଙ୍କୁ ଏମ୍.ଟି.ଏ ସହିତ ଯୋଡ଼ନ୍ତୁ । ଆମେ ବର୍ଷକରେ ଏମ୍.ଟି.ଏରେ ଏକ ମିଲିୟନ୍ ପାଉଣ୍ଡ୍ ଖର୍ଚ୍ଚ କରୁଛୁ । ଏହା ଏଇଥିପାଇଁ କରାଯାଉଛି କି ଆପଣମାନେ ଏମ୍.ଟି.ଏ ସହିତ ଯୋଡ଼ି ହୋଇ ରୁହନ୍ତୁ, ଯଦ୍ୱାରା ଆପଣମାନଙ୍କର ତର୍‌ବିୟତ୍ ସହଜ ହୋଇଯିବ ।

ପୁଣି ହଜୁର୍ ଅନୁଓ୍ୱର୍ କହିଲେ କି ଖୁଦାମ୍ ମାନଙ୍କ ଭିତରେ କେତେ ଏପରି ଅଛନ୍ତି, ଯେଉଁମାନେ ନିୟମିତ ରୂପେ ସପ୍ତାହରେ ଚାରିଦିନ ବା ତିନିଦିନ ବା ଦୁଇଦିନି ଏମ୍.ଟି.ଏ ଦେଖୁଛନ୍ତି । ଆପଣ ଧ୍ୟାନ କରାଇବେ ତ ଖୁଦାମ୍‌ଙ୍କର ଧ୍ୟାନ ଏଥିପ୍ରତି ରହିବ । ପୁଣି ହଜୁର୍ ଅନୁଓ୍ୱର୍ ମୋହତ୍‌ମିମ୍ ତର୍‌ବିୟତଙ୍କୁ ନିର୍ଦ୍ଦେଶ ଦେଇ କହିଲେ କି ଏଠାରେ କାମ କରିକି ଦେଖାନ୍ତୁ ।

ମୋହତ୍‌ମିମ୍ ତେହ୍‌ରିକ୍ ଯଦିଦ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ହିଦାୟତ୍ ଦେଇ କହିଲେ କି ଯେଉଁ ଖୁଦାମ୍‌ମାନେ ତେହ୍‌ରିକ୍ ଯଦିଦ୍‌ରେ ଭାଗ ନେଉଛନ୍ତି ଆପଣଙ୍କର ନିକଟରେ ସେମାନଙ୍କର ରେକର୍ଡ୍ ରହିବା ଉଚିତ୍ ।

ମୋହତ୍‌ମିମ୍ ଖିଦ୍‌ମତ୍ ଖଲ୍‌କ୍ ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଆମେ ଚ୍ୟାରିଟି ପାଇଁ ଅର୍ଥ ଜମା କରୁଛୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ – "Old Peoples Home" କୁ ଯାଆନ୍ତୁ । ତାଙ୍କ ପରିଦର୍ଶନ କରିବାର ପ୍ରୋଗ୍ରାମ୍ ବନାନ୍ତୁ । ପୁଣି କହିଲେ– କଣ ଏଠାରେ ଏସିଆନ୍ ମାନଙ୍କର୍ ବ୍ଲଡ୍ ନେଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍‌ଙ୍କୁ ରିପୋର୍ଟ୍ ଦିଆଗଲା କି ସ୍ୱିଡେନ୍ ତିନିବର୍ଷ ରହିବା ପରେ ବ୍ଲଡ୍ ନେଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ କି ବ୍ଲଡ୍ ଡୋନେସନର ପ୍ରୋଗ୍ରାମ୍ ମଧ୍ୟ ରଖନ୍ତୁ । ନିଜର ପୁରା ବର୍ଷକର ପ୍ରୋଗ୍ରାମ୍ ବନାଇ ତା ଉପରେ ଅମଲ କରନ୍ତୁ । ଯେପର୍ଯ୍ୟନ୍ତ ଆପଣମାନେ ନିଜ ସମ୍ମୁଖରେ ନିର୍ଦ୍ଧାରିତ ଟାର୍ଗେଟ୍ ନରଖିଛନ୍ତି ସେପର୍ଯ୍ୟନ୍ତ ଆପଣ ଲକ୍ଷ୍ୟ ହାସଲ କରିପାରିବେ ନାହିଁ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତର୍‌ବିୟତ୍ ବିଭାଗ ହେଉଛି ବହୁତ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏଥିପ୍ରତି ବହୁ ମାତ୍ରାରେ ଧ୍ୟାନ ଦେବା ଆବଶ୍ୟକ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅତ୍‌ଫାଲ୍ ପିଲାମାନେ ବାର ତେର ବର୍ଷ ବୟସରେ ବହୁତ ଆକ୍ଟିଭ୍ ରହିଥାନ୍ତି । ଚଉଦ ପନ୍ଦର ବର୍ଷ ବୟସରେ ଅଳସୁଆ ହୋଇଯାଆନ୍ତି । ପୁଣି ଯେବେ ଖୁଦାମୁଲ୍ ଅହେମଦୀୟାରେ ଦାଖଲ ହୁଅନ୍ତି ସେତେବେଳେ ସେମାନଙ୍କର ଅଲଗା ଅବସ୍ଥା ହୋଇଥାଏ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୋହତ୍‌ମିମ୍‌ମାନେ ଯଦି ଆକ୍ଟିଭ୍ ଥିବେ ତେବେ ମଜ୍‌ଲିସ୍ ଗୁଡିକରୁ ସେମାନେ ନିଜ ନିଜ ବିଭାଗର କୃତି ରିପୋର୍ଟ ହାସଲ କରିବେ ଓ ସେମାନଙ୍କ ପଛରେ ପଡ଼ିଯିବେ । ମୋହତ୍‌ମିମ୍ ସଦର୍ ସାହେବ୍‌ଙ୍କ ମାଧ୍ୟମରେ ଚିଠି ଲେଖନ୍ତୁ । ସେମାନଙ୍କୁ ବୁଝାନ୍ତୁ ଓ ତାଗିଦ୍ କରନ୍ତୁ କି କାମ କରି ନିଜର ରିପୋର୍ଟ୍ ପଠାନ୍ତୁ । ଯେଉଁ ନାଜିମ୍‌ମାନେ ଖାଲି ଫର୍ମ୍‌କୁ ପଠାଇ ଦେଉଛନ୍ତି ଓ କୌଣସି କାମ କରୁନାହାଁନ୍ତି ସେମାନଙ୍କ ନିକଟକୁ ସଦର ସାହେବଙ୍କ ଜରିଆରେ ଲେଖନ୍ତୁ କି ଆପଣମାନଙ୍କର ଖାଲି ଫର୍ମ୍ ମିଳିଗଲା ଓ ଆପଣ କୌଣସି କାମ କରିନାହାଁନ୍ତି । ଆଶା କରୁଛୁ ଆପଣମାନେ ନିଜର ଖାଲି ଫର୍ମ୍‌କୁ ଦେଖି ଲଜ୍ଜିତ ହେବେ । ଏହିପରି ସେମାନେ ଆସନ୍ତା ମାସକୁ କାମ କରିବେ ।

ହଜୁର୍ ଅନୁଓ୍ୱର୍ ପତ୍ରିକା ପ୍ରସଙ୍ଗରେ ହିଦାୟତ୍ ଦେଇ କହିଲେ ନିଜ ପତ୍ରିକାକୁ ଓ୍ୱେବ୍‌ସାଇଟ୍‌ରେ ଦିଅନ୍ତୁ ଏବଂ ଏ ଘୋଷଣା କରନ୍ତୁ କି ଆମେ ପ୍ରତ୍ୟେକ ବର୍ଷ ତ୍ରୈମାସିକ ପତ୍ରିକା ବାହାର କରିବୁ । ସେଥିପାଇଁ ଆର୍ଟିକିଲ୍ ଲେଖି ପଠାନ୍ତୁ ।

ମଜଲିସ୍ ଗୁଡିକରେ ନାଜିମ୍ ଇଶାଅତ୍ ଅଛନ୍ତି । ସେମାନଙ୍କୁ କୁହନ୍ତୁ କି ନିଜ ଖୁଦାମ୍ ମାନଙ୍କୁ ଆକ୍ଟିଭ୍ କରିବେ । ଏହିପରି ଶିକ୍ଷାର୍ଥୀ ମାନଙ୍କର ଷ୍ଟୁଡେଂଟ୍ ଆସୋସିଏସନ୍‌କୁ ମଧ୍ୟ କୁହନ୍ତୁ କି ସେମାନେ ମଧ୍ୟ ଆକ୍ଟିଭ୍ ହେବେ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କରେଂଟ୍ ଇସ୍ୟୁ ଉପରେ ଆର୍ଟିକିଲ୍ ଆସିପାରେ । ଖୁଦାମ୍‌ମାନଙ୍କୁ ବତାନ୍ତୁ କି ଏଇ ଏଇ ସବୁ ବିଷୟ କରେଂଟ୍ ଇସ୍ୟୁ ଉପରେ ଆଧାରିତ । ଏହାର ଉତର କଣ ହୋଇପାରିବ । କିଛି ମାମଲା ଓ ସମସ୍ୟାର ଉତର ଆପଣମାନେ ଖୋଲି ସ୍ୱଷ୍ଟ ରୂପେ ଦେଇପାରିବେ ନାହିଁ । କିନ୍ତୁ ସାଧାରଣତଃ ମୋଟା ମୋଟି ଉତର ଦିଆଯାଇପାରେ ।

ହଜୁର ଅନୁଓ୍ୱର୍ ପୁଣି କହିଲେ କି ପତ୍ରିକାର ପ୍ରାରମ୍ଭରେ ପବିତ୍ର କୋରାନ୍‌ର ଗୋଟିଏ ଆୟତ ଓ ଏହାର ଅନୁବାଦ ଏବଂ ସଂକ୍ଷିପ୍ତ ତଫସିର୍ ଦିଅନ୍ତୁ । ପୁଣି କୌଣସି ଏକ ହଦିସ୍ ରଖନ୍ତୁ । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଇକ୍‌ତେବାସ୍ ନିଅନ୍ତୁ । ଖୁତ୍‌ବା ଗୁଡିକରୁ ପଏଁଟ୍ ବାହାର କରନ୍ତୁ, ବିଷୟ ଚୟନ କରନ୍ତୁ ଯାହା ତର୍‌ବିୟତି ପାର୍ଶ୍ୱ ଉପରେ ଆଧାରିତ ଥିବ । ଯଦି ଆପଣ ଖୁଦାମ୍‌ମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରାଇବେ ତେବେ ଯାଇ ଖୁଦାମ୍‌ମାନେ ଆର୍ଟିକିଲ୍ ମଧ୍ୟ ଲେଖିବେ ।

ପୁଣି ହଜୁର୍ ଅନୁଓ୍ୱର୍ କହିଲେ– ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ପତ୍ରିକା ପାଇଁ ମଧ୍ୟ ଆର୍ଟିକିଲ୍ ଆସୁନଥିଲା । ମୁଁ ତାଙ୍କ ବୋର୍ଡ୍‌କୁ ପରିବର୍ତନ କରିଦେଲି । ସେମାନଙ୍କୁ ସଂଗଠିତ କରିଦେଲି ଏବଂ ସେଥିରେ ଜଣେ ମୁରବୀ ସିଲ୍‌ସିଲାଙ୍କୁ ନିୟୋଜିତ କଲି । ଏବେ ସେଠି ଏତେ ପାଣ୍ଡୁଲିପି ଏକାଠି ହୋଇଯାଇଛି କି ତାହା ଚାରି ଚାରି ମାସ ପାଂଚମାସ ପର୍ଯ୍ୟନ୍ତ ପ୍ରକାଶନ ନିମନ୍ତେ ପଡ଼ିରହୁଛି ଓ ଯୁବକମାନେ ମଧ୍ୟ ଆର୍ଟିକିଲ୍ ଲେଖୁଛନ୍ତି ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ କି ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ପତ୍ରିକାକୁ ପଢ଼ନ୍ତୁ । ସେଥିରେ ଆପଣମାନଙ୍କ ଆଗ୍ରହ ବିଷୟ ସବୁ ରହିଛି । ଏବେ ଷ୍ଟକ୍‌ହୋମ୍‌ରେ ଦିଆଯାଇଥିବା ଅଭିଭାଷଣ ସେଥିରେ ସାମିଲ୍ ହୋଇଯିବ ।

ଚାନ୍ଦା ହାସଲ କରିବାରେ ଯେଉଁ ଅସୁବିଧା ରହିଛି ସେ ବାବଦରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ମାଲି କୁର୍‌ବାନୀ ହେଉଛି ଖୁଦାତାଲାଙ୍କର ଏକ ହୁକୁମ୍ । ଚାନ୍ଦାକୁ ପ୍ରଦାନ କରିବା ଦ୍ୱାରା ଈଶ୍ୱରଙ୍କର ପ୍ରସନ୍ନତା ମିଳିଥାଏ । ଚାନ୍ଦା କୌଣସି ପ୍ରକାର ଟ୍ୟାକ୍‌ସ୍ ନୁହେଁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣମାନେ ନିଜ ଇଜ୍‌ତିମାରେ ଖୁଦାମ୍‌ମାନଙ୍କର ଗୋଟିଏ ପ୍ରଶ୍ନୋତର ସେଶନ୍ କରନ୍ତୁ । ମୁବଲିଗ୍ ସିଲ୍‌ସିଲା କାଶିଫ୍ ମେହ୍‌ମୁଦ୍ ଓ୍ୱର୍କ୍ ସାହେବ୍ ସେହି ପ୍ରଶ୍ନ ଗୁଡିକର ଉତର ଦେବେ । ଖୁଦାମ୍ ମାନଙ୍କୁ କୁହନ୍ତୁ କି ଚାନ୍ଦା ବିଷୟରେ ତାଙ୍କ ମନ ଭିତରେ ଯାହା କିଛି ପ୍ରଶ୍ନ ଅଛି ସେ ସବୁକୁ ପଚାରନ୍ତୁ । ଏହିପରି ସେମାନଙ୍କୁ ବତାନ୍ତୁ କି ଚାନ୍ଦା କାହିଁକି ଜରୁରୀ ଅଟେ ଓ ଏହାର ଆବଶ୍ୟକ କଣ ଓ ବିଭିନ୍ନ ପ୍ରକାର ଚାନ୍ଦା କଣ ପାଇଁ ରହିଛି । ଏହାଦ୍ୱାରା ଖୁଦାମ୍‌ଙ୍କର ହୃଦ୍‌ବୋଧ ହେବ ଓ ସେମାନଙ୍କ ଭିତରେ ଚାନ୍ଦା ଦେବାପାଇଁ ଆଗ୍ରହ ସୃଷ୍ଟି ହେବ ।

ହଜୁର୍ ଅନୁଓ୍ୱର୍ କହିଲେ କି ୟୁ.କେ ରେ ଖୁଦାମ୍‌ଙ୍କ ଇଜିତିମା ଅବସରରେ ଏହିପରି ଗୋଟିଏ ପ୍ରଶ୍ନୋତର କାର୍ଯ୍ୟକ୍ରମର ସେଶନ୍ ରଖାଯାଇଥିଲା । ଜାମିଆ ଅହେମଦୀୟା ୟୁ.କେ ର ବରିଷ୍ଠ ଛାତ୍ରମାନଙ୍କ ଦ୍ୱାରା ଗୋଟିଏ ପ୍ୟାନେଲ୍ ବନାହୋଇଥିଲା ଯିଏ ଖୁଦାମ୍ ମାନଙ୍କର ପ୍ରଶ୍ନର ଉତର ଦେଲେ ଓ ଚାନ୍ଦାର ଗୁରୁତ୍ୱ ବିଷୟରେ ବତାଇଲେ । ଯେଉଁ ଖୁଦାମ୍‌ମାନେ ଚାନ୍ଦା ଦେବାରେ ଅବହେଳା କରୁଥିଲେ ପ୍ରତିକ୍ଷେତ୍ରରେ ସେମାନଙ୍କର ହୃଦ୍‌ବୋଧ ହେଲା ଓ କିଛି ଖୁଦାମ୍ ସେକ୍ରେଟାରୀ ମାଲ୍‌ଙ୍କ ପାଖକୁ ଯାଇ ନିଜର ଚାନ୍ଦା ପ୍ରଦାନ କଲେ ଓ ନାଜିମ୍ ମାଲ୍‌ଙ୍କ ପାଖକୁ ଯାଇ କହିଲେ କି ଆମର ଚାନ୍ଦା ନେଇଯାଓ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କହିଲେ କି ଏବେ ଉପାୟ ଆପଣମାନେ ହିଁ ବାହାର କରିବେ । ମୁଁ ଗୋଟିଏ ମାର୍ଗ ବତାଇଦେଲି ।

ମୋହତ୍‌ମିମ୍ ଇତ୍‌ଫାଲ୍ ସାହେବ୍ ଏ ବିଷୟରେ ମାର୍ଗଦର୍ଶନ ଚାହିଁଲେ କି ଯେଉଁ ସବୁ ଫ୍ୟାମିଲି ଗୁଡିକ ସମ୍ପୂର୍ଣ୍ଣ ରୂପେ ପଛକୁ ହଟି ଯାଇଛନ୍ତି ସେହି ଇତ୍‌ଫାଲ୍‌ମାନଙ୍କୁ କିପରି ନିକଟକୁ ଅଣାଯାଇପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ଆପଣ ସଦର୍ ଖୁଦାମ୍‌ଙ୍କ ମାଧ୍ୟମରେ ଅମୀର୍ ସାହେବ୍‌ଙ୍କୁ ଚିଠି ଲେଖନ୍ତୁ । ମୁବଲିଗ୍ ସାହେବ୍‌ଙ୍କୁ ଚିଠି ଲେଖନ୍ତୁ । ସେହିପରି ମା' ବାପାଙ୍କୁ ଆପଣମାନେ ମଧ୍ୟ ନିଜ ଆଡୁ ବୁଝାଇପାରିବେ ଓ ସେମାନଙ୍କୁ ବତାନ୍ତୁ କି ଯଦି ଆପଣମାନଙ୍କୁ ଓ୍ୱହ୍‌ଦାଦାର୍‌ମାନଙ୍କ ସହିତ କିଛି ଆପତି ଓ ଅଭିଯୋଗ ଅଛି ତେବେ ଆପଣମାନେ ନିଜ ପିଢ଼ୀକୁ କାହିଁକି ଓ ନିଜ ସନ୍ତାନମାନଙ୍କୁ କାହିଁକି ଖରାପ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ପ୍ରତ୍ୟେକ ଓ୍ୱହ୍‌ଦାଦାର୍‌ଙ୍କର ଏ ଦାୟିତ୍ୱ ଅଛି କି ଏପରି ଲୋକମାନଙ୍କୁ ନିକଟକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ । ପୁଣି କହିଲେ ଆପଣ ମନରେ ଏକଥା ରଖନ୍ତୁ କି କାହାକୁ ଦୂରେଇ ଦେବା ସହଜ ଓ କାହାକୁ ନିକଟକୁ ଆଣିବା ବହୁତ କଠିନ ଅଟେ ।

ଜଣେ ଯୁବକ ଖାଦିମ୍‌ଙ୍କ କ୍ଷମା ପ୍ରସଙ୍ଗରେ ଚର୍ଚ୍ଚା ହେଲା ଓ ହଜୁର୍ ଅନୁଓ୍ୱର୍‌ଙ୍କ ଖିଦ୍‌ମତ୍‌ରେ ଏ ରିପୋର୍ଟ୍ ଉପସ୍ଥାପନ କରାଗଲା କି ସେହି ବ୍ୟକ୍ତିଜଣକ ନିଜେ ନିୟମିତ କ୍ଷମା ପାଇଁ ଲେଖୁନାହାଁନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯାହାକୁ ଦଣ୍ଡ ମିଳିଥିବ ଯଦି ସେ ନିଜ କଥା ଓ କାର୍ଯ୍ୟରେ ଏହା ପ୍ରକାଶ କରୁଥିବ କି ମୋତେ କୌଣସି କଥାର ପରବାୟ ନାହିଁ ତେବେ ତା ଦ୍ୱାରା ନିଜାମ୍‌ର ସମ୍ମାନ ଶେଷ ହୋଇଯାଏ । ସେ କ୍ଷମାର ଚିଠି ଲେଖନ୍ତୁ ବାକି ଯେଉଁଠି ତାର ଅହେମଦୀ ହେବାର ସମ୍ପର୍କ ଅଛି, ଆମେ ତା ହୃଦୟରୁ ଅହେମଦୀୟତ୍‌କୁ ବାହାର କରିପାରିବୁ ନାହିଁ । ଯଦି କୌଣସି ଅଣ ଜମାତ୍ ଝିଅଙ୍କ ସହିତ ବିବାହ କରିବା ମାମଲା ରହିଛି ତେବେ ଯେଉଁମାନେ ନିୟମିତ ରୂପେ ଅନୁମତି ହାସଲ୍ କି ବିବାହ କରୁଛନ୍ତି ତାଙ୍କ ବିରୁଦ୍ଧରେ କୌଣସି ତାଜିରି (ଦଣ୍ଡ) କାରବାଇ ହେବନାହିଁ । ତାଜିରି କାରବାଇ ଏଇଥିପାଇଁ ହୁଏ କି ସେମାନେ ନିକାହ୍ ଗଏର୍ ଅହେମଦୀ ମୌଲବୀଙ୍କ ଦ୍ୱାରା ପଢ଼ାଇଥାନ୍ତି । ଏହିପରି ସେ ଉକ୍ତ ମୌଲବୀଙ୍କୁ ନିଜର ଇମାମ୍ ବୋଲି ମାନି ନିଅନ୍ତି, ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଇମାମତ୍‌କୁ ଅସ୍ୱୀକାର କରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ–ବିବାହ ପରେ ବେଳେବେଳେ ଝିଅ ବୟତ୍ କରିନିଏ । କିନ୍ତୁ ସ୍ୱାମୀଙ୍କ ଉପରେ ଦଣ୍ଡ ବଳବତର ରହିଥାଏ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ସ୍ୱିଡେନ୍ ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହୁଅନ୍ତୁ ଓ ଖୁଦାମ୍ ସେକ୍‌ସନ୍‌ର ଇନ୍‌ଚାର୍ଯ୍ୟଙ୍କ ସହିତ ମିଳନ୍ତୁ ଓ ତାଙ୍କ ଠାରୁ ବୁଝନ୍ତୁ କି କିପରି ଆମେ ଆମର କାର୍ଯ୍ୟକୁ, ନିଜ ପ୍ରୋଗ୍ରାମ୍‌କୁ ଉତମ କରିପାରିବୁ ଓ ଅଧିକ ଆକ୍ଟିଭ୍ ହୋଇପାରିବୁ ।

ହଜୁର୍ ଅନୁଓ୍ୱର୍ ଓ୍ୱହ୍‌ଦାଦାର୍ ମାନଙ୍କୁ ସମ୍ବୋଧନ କରି କହିଲେ କି ନିଜି ସମ୍ପର୍କ ଦ୍ୱାରା ସମ୍ବନ୍ଧ ବଢ଼ିଥାଏ । ଖାଲି ମେସେଜ୍ କରିଦେବା ଦ୍ୱାରା ଜାତି ସମ୍ପର୍କ ସୃଷ୍ଟି ହୁଏନାହିଁ । ହଜୁର୍ ଅନୁଓ୍ୱର୍ ସଦର୍ ସାହେବ୍ ଖୁଦାମ୍‌ଙ୍କୁ ହିଦାୟତ୍ ଦେଇ କହିଲେ କି ଆପଣ ଛୁଟିରେ ନିଜର ମଜ୍‌ଲିସ୍ ଗୁଡିକ ଗସ୍ତ କରନ୍ତୁ । ଆପଣଙ୍କର ନିଜି ସମ୍ପର୍କ ମଜଲିସ୍ ଗୁଡିକ ସହିତ ସୃଷ୍ଟି ହେବା ଉଚିତ୍ । ଯେପର୍ଯ୍ୟନ୍ତ ନିଜି ସମ୍ପର୍କ ନରହିଛି ସେପର୍ଯ୍ୟନ୍ତ ଖୁଦାମ୍‌ଙ୍କର ସଠିକ୍ ତର୍‌ବିୟତ ହୋଇପାରିବ ନାହିଁ । ଅନ୍ୟ ମୋହତ୍‌ମିମ୍ ମାନେ ମଧ୍ୟ ନିଜ ନିଜ ମଜ୍‌ଲିସ୍‌କୁ ଗସ୍ତ କରନ୍ତୁ ।

ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟାର ଏହି ମିଟିଂ ୭:୩୦ ରେ ଶେଷ ହେଲା । ପରିଶେଷରେ ଖୁଦାମ୍‌ର ଆମଲା ମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଗ୍ରୃପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେସନ୍‌ରେ ୧୮ ଟି ଫ୍ୟାମିଲିର ୫୬ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଏବଂ ପ୍ରତ୍ୟେକ ଫଟୋ ଉଠାଇବାର ସୁଯୋଗ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୯:୧୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଅତଃପର ୯:୪୫ ରେ ମସ୍‌ଜିଦ୍ ନାସିର୍‌ରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଓ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଫେରିଗଲେ ।

(ବହୱାଲା ଅଖ୍‌ବାର୍ ବଦର୍ ୧୧ ଅଗଷ୍ଟ–୨୦୧୬)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 12 July 2018 Issue No.28

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୨୦ ମଇ ୨୦୧୬ (ଶୁକ୍ରବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୩:୪୫ ରେ ମସ୍‌ଜିଦ୍ ନାସିର୍‌ରେ ପହଂଚି ନମାଜ ଫଜର୍ ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନରେ ବ୍ୟସ୍ତ ରହିଲେ ।

ଆଜି ଜୁମାତୁଲ୍ ମୁବାରକ୍ ଥିଲା ଏବଂ ମସ୍‌ଜିଦ୍ ନାସିର୍ ଗୋଥନ୍‌ବର୍ଗ (ସ୍ୱିଡେନ୍)ରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହା ଥିଲା ଦ୍ୱିତୀୟ ଖୁତ୍‌ବା ଯାହା ଏମ୍.ଟି.ଏ ଜରିଆରେ ସାରା ଦୁନିଆରେ ଲାଇଭ୍ ପ୍ରସାରଣ ହେଉଥିଲା । ଏହା ପୂର୍ବରୁ ୧୧ ବର୍ଷ ପୂର୍ବେ ୧୬ ସେପ୍ଟେମ୍ବର୍ ୨୦୦୫ ମସିହାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ନାସିର୍ ଗୋଥନ୍‌ବର୍ଗ୍‌ରେ ଖୁତ୍‌ବାଜୁମା ପ୍ରଦାନ କରିଥିଲେ ଯାହା ଏମ୍.ଟି.ଏ ମାଧ୍ୟମରେ ଲାଇଭ୍ ପ୍ରସାରଣ କରାଯାଇଥିଲା ।

ନିଜ ପ୍ରିୟ ଆକାଙ୍କ ପଛରେ ନମାଜ ଜୁମା ପଢ଼ିବା ପାଇଁ ସ୍ୱିଡେନ୍‌ର ଜମାତ୍ ଗୁଡିକ ବ୍ୟତୀତ ଡେନ୍‌ମାର୍କ୍, ନରୱ୍ୱେ, ଫିନ୍‌ଲାଣ୍ଡ, ବ୍ରିଟେନ୍ ଏବଂ ଜର୍ମାନୀରୁ ଜମାତ୍‌ର ସଦସ୍ୟବୃନ୍ଦ ଏବଂ ଫ୍ୟାମିଲି ଗୁଡିକ ବହୁ ସଂଖ୍ୟାରେ ଗୋଥନ୍‌ବର୍ଗଠାରେ ପହଂଚିଥିଲେ । ସ୍ୱିଡେନ୍‌ର ଜମାତ୍ ଗୁଡିକ ଓ ପଡୋଶୀ ଦେଶ ଗୁଡିକରୁ ସଡକ ରାସ୍ତା ମାଧ୍ୟମରେ ଗସ୍ତ କରି ଆସିଥିବା ଲୋକମାନେ ବହୁତ ଲମ୍ୱା ଦୂରତ୍ୱକୁ ଅତିକ୍ରମ କରି ଆସିଥିଲେ ।

ମାଲ୍‌ମୋରୁ ଆସିଥିବା ଲୋକେ ୨୭୪ କି.ମି, କାଲ୍‌ମାର୍କ୍‌ଠାରୁ ୩୫୦ କି.ମି, ଷ୍ଟକ୍‌ହୋମ୍‌ରୁ ୪୮୩ କି.ମି ଓ ଲୋଲିଓରୁ ଆସିଥିବା ଫ୍ୟାମିଲି ଗୁଡିକ ୧୫୦୦ କି.ମି ରୁ ଅଧିକା ରାସ୍ତା ଅତିକ୍ରମ କରି ଗୋଥନ୍‌ବର୍ଗ୍ ପହଂଚିଥିଲେ ।

ପଡୋଶୀ ଦେଶ ଗୁଡିକରୁ ଆସିଥିବା ଲୋକମାନଙ୍କ ମଧ୍ୟରୁ ନରୱ୍ୱେରୁ ଆସିଥିବା ଲୋକମାନେ ୨୯୫ କି.ମି, ଡେନ୍‌ମାର୍କ୍‌ରୁ ୩୨୧ କି.ମି ଏବଂ ଫିନ୍‌ଲାଣ୍ଡ୍‌ରୁ ଆସିଥିବା ସଦସ୍ୟମାନେ ୧୦୮୨ କି.ମି ରାସ୍ତା ଅତିକ୍ରମ କରି ଆସିଥିଲେ ।

ସକାଳୁ ଜମାତ୍‌ର ପୁରୁଷ ଓ ମହିଳାମାନଙ୍କ ଆଗମନର ଧାରା ଜାରି ଥିଲା । ମସ୍‌ଜିଦ୍ ବ୍ୟତୀତ ଦୁଇଗୋଟି ବଡ ବଡ ହଲ୍ ଓ ଟେଂଟ୍ ଭିତରେ ନମାଜ ପଢ଼ିବା ପାଇଁ ଲୋକମାନେ ଭର୍ତି ହୋଇଥିଲେ ଓ ମୋଟାମୋଟି ତେରଶହରୁ ଅଧିକ ଲୋକେ ଉପସ୍ଥିତ ଥିଲେ ।

ସ୍ୱିଡିଶ୍ ନ୍ୟାସ୍‌ନାଲ୍ ଟେଲିଭିଜନ୍ (ଯାହା ଦେଶର ପଶ୍ଚିମ ଭାଗକୁ କଭର୍ କରୁଛି)ର ଟିମ୍ ମସ୍‌ଜିଦ୍ ନାସିର୍ ଗୋଥନ୍‌ବର୍ଗ୍ ଏବଂ ସେଠିକାର କିଛି ଦୃଶ୍ୟକୁ ରେକର୍ଡିଂ କରିବା ପାଇଁ ଆସିଥିଲେ ।

ଠିକ୍ ଦୁଇଟାବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ନାସିର୍‌ରେ ପହଂଚି ଖୁତ୍‌ବାଜୁମା ପ୍ରଦାନ କଲେ । ଏହି ଖୁତ୍‌ବାର ସାରାଂଶ ଅଖ୍‌ବାର୍ ବଦର୍ ୨୬ ମଇ ୨୦୧୬ ରେ ଏବଂ ସମ୍ପୂର୍ଣ୍ଣ ଖୁତ୍‌ବାଟି ଅଖ୍‌ବାର୍ ବଦର୍ ୯ ଜୁନ୍ ୨୦୧୬ ସଂଖ୍ୟାରେ ପ୍ରକାଶ ପାଇଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମାର ସ୍ୱିଡିଶ୍ ଭାଷାରେ ଏଠାରେ ସ୍ଥାନୀୟ ରୂପେ ଲାଇଭ୍ ଅନୁବାଦ କରାଗଲା ।

ଏହି ଖୁତ୍‌ବାଜୁମା ଦିନ ୩ଟ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ନମାଜ ଜୁମା ସହିତ ଅସର୍ ନମାଜ୍‌କୁ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଏହାପରେ ସ୍ୱିଡିଶ୍ ନ୍ୟାସ୍‌ନାଲ୍ ଟେଲିଭିଜନ୍ (Sverges Television Vast) ଯାହା ସ୍ୱିଡେନ୍‌ର ପଶ୍ଚିମଭାଗକୁ କଭର୍ କରୁଅଛି, ଏହାର ଜର୍ନାଲିଷ୍ଟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେଲେ ।

ଜର୍ନାଲିଷ୍ଟ ଜଣକ ପ୍ରଥମ ପ୍ରଶ୍ନ ଏହା ପଚାରିଲେ କି ଆପଣ ଜୁମା ପରେ କଣ କରିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ମୁଁ ଯେଉଁଠିକି ଯାଉଅଛି ସେଠାରେ ଆମ ଜମାତ୍‌ର ସଦସ୍ୟମାନେ ଅଛନ୍ତି ଓ ମୁଁ ଆମ ଜମାତ୍‌ର ଲୋକମାନଙ୍କ ସହିତ ସାକ୍ଷାତ୍ କରୁଛି । ତେଣୁ ଏହାପରେ ମୁଁ ସନ୍ଧ୍ୟାବେଳେ ଫ୍ୟାମିଲି ଗୁଡିକ ସହିତ ସାକ୍ଷାତ୍‌କାର୍ କରିବି । ଏତଦ୍‌ବ୍ୟତୀତ କିଛି ଅଫିସିଆଲ୍ ପ୍ରୋଗ୍ରାମ୍ ମଧ୍ୟ ଅଛି ।

ଏହାପରେ ସାମ୍ବାଦିକ ଜଣକ ପଚାରିଲେ କି ଗୋଥନ୍‌ବର୍ଗ୍ ସହର ସମ୍ବନ୍ଧରେ ଆପଣଙ୍କର କଣ ଧାରଣା ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ସ୍ୱିଡେନ୍‌ରେ ଆମ ଜମାତ୍‌ର ବହୁ ସଂଖ୍ୟକ ଲୋକେ ଏଠି ଗୋଥନ୍‌ବର୍ଗ୍‌ରେ ବସବାସ କରୁଛନ୍ତି । ସେଥିପାଇଁ ମୁଁ ଗୋଥନ୍‌ବର୍ଗ୍ ଆସିଛି ।

ଏହାପରେ ସେ ପୁଣି ପଚାରିଲେ ଆମକୁ ଯେଉଁ ସମସ୍ୟା ଗୁଡିକର ସମ୍ମୁଖୀନ ହେବାକୁ ପଡୁଛି ସେଥିମଧ୍ୟରୁ ଗୋଟିଏ ହେଉଛି ଚରମପନ୍ଥୀ କାର୍ଯ୍ୟକଳାପ । ଆପଣ ଏ ସମ୍ପର୍କରେ କଣ କହିବାକୁ ଚାହିଁବେ ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ-ଇସ୍‌ଲାମ୍‌କୁ ଚରମପନ୍ଥୀ ସହିତ ଯୋଡ଼ାଯାଉଛି । କିନ୍ତୁ ପ୍ରକୃତରେ ଇସ୍‌ଲାମ୍ ଭିତରେ ଚରମପନ୍ଥୀର କୌଣସି ସ୍ଥାନ ନାହିଁ । ଯେଉଁଠି ଧର୍ମର କଥା ଉଠୁଛି ସେଠି ପବିତ୍ର କୋରାନ୍ ବହୁତ ସ୍ପଷ୍ଟ କରି କହିଦେଇଛି କି ଧର୍ମ ହେଉଛି ଆପଣଙ୍କ ହୃଦୟର ମାମଲା । ଏଥିରେ କୌଣସି ବାଧବାଧକତା ନାହିଁ । ଯେଉଁଠି ହତ୍‌କେ ରସୁଲ୍ ଏବଂ ହତ୍‌କେ କୁରୁଆନ୍ ଅର୍ଥାତ୍ ରସୁଲ୍ ସ:ଆ:ସଙ୍କ ଅପମାନ ଓ ପବିତ୍ର କୋରାନ୍‌ର ଅପମାନ କରିବାର ବିଷୟ ଇତ୍ୟାଦି କୁହାଯାଉଛି ତେବେ ରସୁଲେ କରିମ୍ ସ:ଆ:ସଙ୍କ ଯୁଗରେ ଏ ପ୍ରସଙ୍ଗରେ କୌଣସି କାନୁନ୍ ତିଆରି ହୋଇନଥିଲା । ସେହିଭଳି ଯେଉଁଠି ଧର୍ମ ପରିତ୍ୟାଗ କରିବାର କଥା ଉଠୁଛି ସେଠାରେ ପବିତ୍ର କୋରାନ୍ ବହୁତ ସ୍ପଷ୍ଟ କରି ବର୍ଣ୍ଣନା କରିଛି କି ଧର୍ମ ଗ୍ରହଣ କରିବା ବିଷୟରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଧୀନ । ସେ ତା ଇଚ୍ଛା ହେଲେ ଇସ୍‌ଲାମ୍‌କୁ ପରିତ୍ୟାଗ କରୁ ବା ଇସ୍‌ଲାମ୍‌କୁ ଗ୍ରହଣ କରୁ । ଏହା ହେଉଛି ତା ନିଜସ୍ୱ ଇଛା । ତେଣୁ ଆଜିକାଲି ଚରମପନ୍ଥୀ ଲୋକେ ଯାହାକିଛି ମଧ୍ୟ କରୁଛନ୍ତି ସେଗୁଡିକର ଇସ୍‌ଲାମ୍‌ର ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ଜଣେ ନିରୀହକୁ ମାରିବା ଇସ୍‌ଲାମୀ ଶିକ୍ଷାର ସମ୍ପୂର୍ଣ୍ଣ ରୂପେ ବିରୋଧ । ମୁଁ ପୂର୍ବରୁ ମଧ୍ୟ କହିଥିଲି କି ଯେଉଁ ଲୋକମାନେ ଏପରି କାର୍ଯ୍ୟ କରୁଛନ୍ତି ସେମାନେଙ୍କୁ ଏକଥାର ଲୋଭ ଦିଆଯାଉଛି କି ଏପରି ଲୋକେର ଜନ୍ନତ୍‌କୁ ଯିବେ । କିନ୍ତୁ ଇସ୍‌ଲାମ୍ ତ କହୁଛି କି ଯଦି ତୁମେ ଜଣେ ନିରୀହକୁ ହତ୍ୟା କରିବ ତେବେ ତୁମେ ଜନ୍ନତ୍‌କୁ ନୁହେଁ ବରଂ ଜହନ୍ନମ୍ (ନର୍କ)ରେ ପଡ଼ିବ ।

ସାମ୍ବାଦିକ ଜଣକ ପୁଣି ପ୍ରଶ୍ନ ପଚାରିଲେ କି ଆପଣଙ୍କ ନିକଟରେ ଏହାର କାରଣ କଣ ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ଏହାର କାରଣ ଧର୍ମ ନୁହେଁ । ଏହାର କାରଣ ହେଉଛି ସେମାନଙ୍କର ନିଜର ସ୍ୱାର୍ଥ । ମଧ୍ୟପ୍ରାଚ୍ୟରେ ଲୋକମାନଙ୍କର ନିଜ ସରକାରଙ୍କ ସହିତ ସମସ୍ୟା ରହିଛି ଯାହାର ପ୍ରତିକ୍ରିୟାରେ ବିଦ୍ରୋହୀ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି ଏବଂ ସେହି ବିଦ୍ରୋହୀ ଗୋଷ୍ଠୀମାନଙ୍କ ମଧ୍ୟରୁ ଚରମପନ୍ଥୀ ଗୋଷ୍ଠୀ ସୃଷ୍ଟି ହୋଇଯାଉଛନ୍ତି । ପୁଣି ଏହି ଲୋକମାନେ ରାଜନୈତିକ ଲାଭ ଉଠାଇବା ପାଇଁ ଧର୍ମର ବ୍ୟବହାର କରୁଛନ୍ତି ।

ପୁଣି ସେ ପଚାରିଲେ କି ଆପଣ ନିଜ ସ୍ୱିଡେନ୍ ଗସ୍ତକୁ ସଂକ୍ଷିପ୍ତରେ କିପରି ବର୍ଣ୍ଣନାକ କରିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ମୁଁ ତ ଏହା କହିବି କି ମୋତେ ସ୍ୱିଡେନ୍‌ରେ ବହୁତ ମଜା ଆସିଲା । ଆମେ ମାଲ୍‌ମୋରେ ସ୍ୱିଡେନ୍‌ର ଦ୍ୱିତୀୟ ମସ୍‌ଜିଦ୍ ଉଦ୍‌ଘାଟନ କଲୁ । ପୁଣି ଷ୍ଟକ୍‌ହୋମ୍ ଯାଇଥିଲି, ଯେଉଁଠି କିଛି ଶିକ୍ଷିତ ଓ ରାଜନୈତିଜ୍ଞ ମାନଙ୍କ ସହିତ ସାକ୍ଷାତ୍‌କାର୍ ହେଲା ଏବଂ ଏବେ ମୁଁ ଏଠି ଗୋଥନ୍‌ବର୍ଗ ଆସିଛି । ଏଠି ସ୍ୱିଡେନ୍‌ରେ ମୁଁ ପ୍ରାକୃତିକ ଦୃଶ୍ୟ ଇତ୍ୟାଦି ବୁଲି ଦେଖିନାହିଁ । କିନ୍ତୁ ଏଠାରେ ରହିବା ସମୟରେ ବହୁତ ଲୋକଙ୍କ ସହିତ ସାକ୍ଷାତ୍ କରିଛି ଯାହା ବହୁତ ଭଲ ରହିଲା । ଇଂଟରଭ୍ୟୁର ଶେଷରେ ସାମ୍ବାଦିକ ଜଣକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଧନ୍ୟବାଦ ଜଣାଇଲେ ।

ଇଂଟରଭ୍ୟୁ ପରେ ଠିକ୍ ୩:୪୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ରହିବା ସ୍ଥାନକୁ ଚାଲିଗଲେ ।

**ସ୍ୱିଡେନ୍‌ର ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନାର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୬ଟା ବେଳକୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମିଟିଂ ହଲ୍‌ରେ ପଦାର୍ପଣ କଲେ ଓ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମ୍‌ଲା ଲଜ୍‌ନା ସ୍ୱିଡେନ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ ଆରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରଥମେ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ଜେନେରାଲ୍ ସେକ୍ରେଟାରୀ ସାହିବା ବତାଇଲେ କି ଆମର ୯ ଟି ମଜ୍‌ଲିସ୍ ଅଛି ଓ ପ୍ରତ୍ୟେକ ମଜ୍‌ଲିସ୍ ରିପୋର୍ଟ୍ ପଠାଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଭଲକଥା, ବହୁତ Efficient ଅଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରି ବୁଝିଲେ କି କଣ ସେହି ମଜ୍‌ଲିସ୍ ଗୁଡିକୁ ସେମାନଙ୍କ ରିପୋର୍ଟ୍‌ର ଉତର ଦିଆଯାଉଛି ? ଏଥିରେ ଜେନେରାଲ୍ ସେକ୍ରେଟାରୀ ସାହିବା କହିଲେ କି ନ୍ୟାସ୍‌ନାଲ୍ ସେକ୍ରେଟାରୀମାନେ, ସଦର ସାହେବ୍ ଲଜ୍‌ନାଙ୍କ ସହିତ ଆଲୋଚନା କରି ଉତର ଦେଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସଦର ସାହିବା ନିଜ ମଜ୍‌ଲିସ୍ ସହିତ ନିଜେ ମଧ୍ୟ ପ୍ରତ୍ୟକ୍ଷ ସମ୍ପର୍କ ରଖନ୍ତୁ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ତର୍‌ବିୟତ୍‌ଙ୍କଠାରୁ ପଚାରି ବୁଝିଲେ କି ତର୍‌ବିୟତ୍‌ର କଣ କଣ ପ୍ରୋଗ୍ରାମ୍ ତିଆରି କରିଛ ? ନଭେମ୍ବର୍ ଠାରୁ ଏପର୍ଯ୍ୟନ୍ତ ଛଅମାସ ବିତିଗଲାଣି । ଆପଣମାନେ ଏପର୍ଯ୍ୟନ୍ତ କଣ ହାସଲ କରିଛନ୍ତି ।

ଏଥିରେ ସେକ୍ରେଟାରୀ ସାହିବା ତର୍‌ବିୟତ୍ ବତାଇଲେ କି ତ୍ରୟମାସିକର ତକାବିଲି ଜାଏଜାରେ ଉନ୍ନତି ଘଟିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଲଜ୍‌ନା ମାନଙ୍କର କେତେ ସଂଖ୍ୟା ଅଛି ? କଣ ଆପଣ ଜାଏଜା ନେଇଛନ୍ତି କି କେତେଜଣ ଲଜ୍‌ନା ନମାଜ୍ ପଢୁଛନ୍ତି, ପବିତ୍ର କୋରାନ୍‌ର ତେଲାଓ୍ୱତ୍ କରୁଛନ୍ତି ବା ଖୁତ୍‌ବା ଶୁଣୁଛନ୍ତି । ସେକ୍ରେଟାରୀ ତର୍‌ବିୟତ୍ ସାହିବା ବତାଇଲେ କି ଖୁତ୍‌ବାରେ ତର୍‌ବିୟତି ବିଷୟ ଉପରେ ଚିହ୍ନିତ କରି ସେଗୁଡିକୁ ତର୍‌ବିୟତି କମିଟିର ଇଜ୍‌ଲାସ୍‌ରେ ଆଲୋଚନା କରାଯାଉଛି କି ଏହା ଉପରେ କିପରି ଅମଲ କରାଯିବ । ସେକ୍ରେଟାରୀ ତର୍‌ବିୟତମାନେ ପ୍ରତ୍ୟେକ ମାସରେ ନିଜ ନିଜର ସମସ୍ୟା ଗୁଡିକ ବତାଉଛନ୍ତି ଓ ସେଗୁଡିକର ସମାଧାନର ରାସ୍ତା ବାହାର କରାଯାଉଛି ।

ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ସେକ୍ରେଟାରୀ ସାହିବା ତର୍‌ବିୟତ୍ ବତାଇଲେ କି ୧୫ ରୁ ୨୫ ବର୍ଷ ବୟସର ୬୬ ଜଣ ଲଜ୍‌ନା ଅଛନ୍ତି ଓ ୨୫ ବର୍ଷରୁ ଉପରକୁ ଲଜ୍‌ନା ମାନଙ୍କର ସଂଖ୍ୟା ହେଉଛି ୨୭୭ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହା ସେକ୍ରେଟାରୀ ତଜ୍‌ନିଦ୍‌ଙ୍କର କାର୍ଯ୍ୟ ଅଟେ କି ସେ ସବୁକୁ Categories କରନ୍ତୁ । ୧୫ ରୁ ୨୫ ବର୍ଷ, ୨୫ ରୁ ୩୦ ବର୍ଷ ଓ ୪୦ ଉପରକୁ କେତେ ଅଛନ୍ତି । ପୁଣି ୪୦ ବର୍ଷରୁ ଉପରକୁ ଏପରି କେତେ ଅଛନ୍ତି ଯେଉଁମାନେ ହେଉଛନ୍ତି ଶିକ୍ଷିତା । ୪୦ ବର୍ଷରୁ ଉପରକୁ କେତେ ଅଛନ୍ତି ଯେଉଁମାନେ ଏଠିକାର ପାଠ୍ୟକ୍ରମ ଅନୁସାରେ ପାଠ ପଢ଼ିଛନ୍ତି ।

ଖୁତ୍‌ବା ପ୍ରସଙ୍ଗରେ ସେକ୍ରେଟାରୀ ତର୍‌ବିୟତ୍ ବତାଇଲେ କି ଲଜ୍‌ନାମାନେ ନିଜ ମୋବାଇଲ୍‌ରେ ଖୁତ୍‌ବା ଶୁଣୁଛନ୍ତି । ପୁଣି ପରେ ଆସି ବତାଉଛନ୍ତି

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan